RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in

ଧ୍ୟାୟେ ନିତ୍ୟଂ ମହେଶଂ ରଜତଗିରିନିଭଂ ଚାରୁଚନ୍ଦ୍ରାବତଂସଂ,
ରତ୍ନାକଳ୍ପୋଜ୍ଜ୍ୱଳାଙ୍ଗଂ ପରଶୁ ମୃଗବରା ଭୀତି ହସ୍ତଂ ପ୍ରସନ୍ନଂ ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-253 ♦BHUBANESWAR ♦FRIDAY ♦8 MARCH 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୫୩ ♦ଭୁବନେଶ୍ୱର ♦ଶୁକ୍ରବାର ♦୮ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦



■ ଧାରା ୩୭୦ ଉଚ୍ଛେଦ ପରେ ପ୍ରଥମ ଶ୍ରୀନଗର ଗସ୍ତ

## ୬୪୦୦ କୋଟିର ପ୍ରକଳ୍ପ ଶୁଭାରମ୍ଭକଲେ ମୋଦୀ

**ଶ୍ରୀନଗର,୭।୩(ଏଜେନ୍ସି):** ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ପରେ ପ୍ରଥମଥର ପାଇଁ ଶ୍ରୀନଗରରେ ଗସ୍ତରରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ୬୪୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ବିକଶିତ ଭାରତ, ବିକଶିତ ଜମ୍ମୁ-କଶ୍ମୀର କାର୍ଯ୍ୟକ୍ରମ ଅଧୀନରେ ଏହି ପ୍ରକଳ୍ପ ସମୂହ ରହିଛି। ଏହି ଅବସରରେ ମୋଦୀ ଏକ ଜନସଭାକୁ ସମ୍ବୋଧିତ କରି ଜମ୍ମୁ-କଶ୍ମୀରବାସୀଙ୍କୁ ପ୍ରଶଂସା କରିଛନ୍ତି। ଏଥିସହ ସେ ସେମାନଙ୍କ ହୃଦୟ ଜିତିବାକୁ ଏଠାକୁ ଆସିଥିବା କହିଛନ୍ତି। ବିକଶିତ ଭାରତ ପାଇଁ ଜମ୍ମୁ-କଶ୍ମୀରର ବିକାଶ ନିତାନ୍ତ



ଆବଶ୍ୟକ ବୋଲି ସେ କହିବା ସହିତ 'ମୁଁ ଆପଣମାନଙ୍କ ହୃଦୟ ଜିତିବା ପାଇଁ କଠିନ ପରିଶ୍ରମ କରୁଛି' ବୋଲି କହିଛନ୍ତି। ଏମିତି ଏକ ଯୁଗ ଥିଲା ଯେଉଁ ସମୟରେ ଜମ୍ମୁ-କଶ୍ମୀରର ଲୋକମାନେ ବିଭିନ୍ନ ପ୍ରକାରର ଫାଇଦାରୁ ବଞ୍ଚିତ ହେଉଥିଲେ। ଯେତେବେଳେ ପୂରା ଦେଶରେ ବିଭିନ୍ନ ଜନକଲ୍ୟାଣ ଯୋଜନା ଲାଗୁ ହେଉଥିଲା ସେତେବେଳେ ଜମ୍ମୁ-କଶ୍ମୀରବାସୀ ଏହାକୁ ପାଇ ପାରୁ ନଥିଲେ। ଏବେ କିନ୍ତୁ ସମୟ କେମିତି ବଦଳିଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରି କହିଛନ୍ତି ଯେ, ଧାରା ୩୭୦କୁ ନେଇ କଂଗ୍ରେସ କେବଳ ଜମ୍ମୁ-କଶ୍ମୀରବାସୀଙ୍କୁ ନୁହେଁ, ପୂରା ଦେଶକୁ ବିଭ୍ରାନ୍ତ କରିଥିଲା। କିନ୍ତୁ ଆଜି ସମସ୍ତଙ୍କୁ ସମାନ ଅଧିକାର ଓ ସୁଯୋଗ ମିଳୁଛି ବୋଲି ସେ କହିଛନ୍ତି।

## ନିର୍ବାଚନକୁ ନେଇ ରାହୁଲଙ୍କ ୫ ଗ୍ୟାରେଣ୍ଟି

**ଜୟପୁର,୭।୩(ଏଜେନ୍ସି):** ୨୦୨୪ ନିର୍ବାଚନକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ ସାଂସଦ ରାହୁଲ ଗାନ୍ଧୀ ଯୁବବର୍ଗଙ୍କ ନିମନ୍ତେ ୫ ଗ୍ୟାରେଣ୍ଟି ଘୋଷଣା କରିଛନ୍ତି। ରାଜସ୍ଥାନର ବାଂସୱାଡାରେ କଂଗ୍ରେସର ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ରାହୁଲ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରିବା ଅବସରରେ ଏହି ଗ୍ୟାରେଣ୍ଟି ଘୋଷଣା କରିଛନ୍ତି। ସେ ୩୦ ଲକ୍ଷ ନିଯୁକ୍ତିର ଗ୍ୟାରେଣ୍ଟି ଦେଇଛନ୍ତି। ସେହିପରି ଡିପ୍ଲୋମାଧାରୀ,ଗ୍ରାଜୁଏଟ୍‌ଙ୍କୁ ସରକାରୀ କିମ୍ବା ଘରୋଇ କ୍ଷେତ୍ରରେ ବର୍ଷେ ପ୍ରଶିକ୍ଷଣ ଦିଆଯିବା ସହିତ ମାସିକ ୮,୫୦୦ ଟଙ୍କା ଦିଆଯିବ ବୋଲି ଗ୍ୟାରେଣ୍ଟି ଦେଇଛନ୍ତି। ଦେଶରେ କଂଗ୍ରେସ ସରକାର ଗଠନ ପରେ ଚାକିରୀ ଅନ୍ୱେଷଣରେ ଥିବା ପ୍ରାର୍ଥୀଙ୍କୁ ପେପରଲିକ୍ ଜନିତ ସମସ୍ୟାରୁ ମୁକ୍ତ କରିବାକୁ ମଧ୍ୟ ସେ ଘୋଷଣା କରିଛନ୍ତି। ସେହିପରି ୫ବର୍ଷ ଅବଧି ନିମନ୍ତେ ଦେଶର ସବୁ ଜିଲ୍ଲାରେ ଆବଣ୍ଟିତ ସୁବିଧା ଥାଇ କଂଗ୍ରେସ ୫,୦୦୦ କୋଟି ଟଙ୍କାର ଏକ ପାଣ୍ଠି ସ୍ଥାପନା କରିବାକୁ ଘୋଷଣା କରିଛି।

## ଦେଶର ପ୍ରଥମ ସରକାରୀ ଓଟିଟି ପ୍ଲାଟଫର୍ମ 'ସିସ୍ପେସ'

**କୋଚି, ୭।୩(ଏଜେନ୍ସି):** କେରଳ ମୁଖ୍ୟମନ୍ତ୍ରୀ ପିନରାୟି ବିଜୟନ୍ ଆଜି ଥିରୁଭନନ୍ତପୁରମଠାରେ ଦେଶର ପ୍ରଥମ ସରକାର ପରିଚାଳିତ ଓଭର-ଦି-ଟପ୍ (ଓଟିଟି) ପ୍ଲାଟଫର୍ମ 'ସିସ୍ପେସ' ଲଞ୍ଚ କରିଛନ୍ତି। କେରଳ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ(କେଏସଏଫଡିସି) ଏହି ଓଟିଟି ପ୍ଲାଟଫର୍ମର ପରିଚାଳନା କରିବ। ଏହି ପ୍ଲାଟଫର୍ମରେ ପ୍ରଥମ ପର୍ଯ୍ୟାୟରେ ୩୫ଟି କଥାଚିତ୍ର ବା ବ୍ୟାବସାୟିକ ଚଳଚ୍ଚିତ୍ର(ଫିଚର ଫିଲ୍ମ), ୬ଟି ପ୍ରାମାଣିକ ଚଳଚ୍ଚିତ୍ର(ଡକ୍ୟୁମେଣ୍ଟାରୀ) ଓ ଗୋଟିଏ କ୍ଷୁଦ୍ର ଚଳଚ୍ଚିତ୍ର(ସର୍ଟ ଫିଲ୍ମ) ଏହିଭଳି ମୋଟ ୪୨ଟି ମାଲାୟଲୀ ଚଳଚ୍ଚିତ୍ର ପବ୍ଲିକ୍ ସ୍କ୍ରିନିଂ ପାଇଁ ଉପଲବ୍ଧ ହେବ। ଏହି ଓଟିଟି ପ୍ଲାଟଫର୍ମ ପେ ପର ଭିଉ ପଦ୍ଧତିରେ ପରିଚାଳିତ ହେବ। ଏଥିରେ ଲୋକେ ମାତ୍ର ୭୫ଟଙ୍କାରେ ଗୋଟିଏ ଚଳଚ୍ଚିତ୍ର ଦେଖିପାରିବେ। ସେହିଭଳି ଖୁବ୍ କମ୍ ଦେୟରେ ଲୋକେ କ୍ଷୁଦ୍ର ଚଳଚ୍ଚିତ୍ର ଦେଖିପାରିବେ। ଅନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟ ସ୍ତରରେ ପୁରସ୍କୃତ, ପ୍ରଦର୍ଶିତ ଚଳଚ୍ଚିତ୍ର, ପ୍ରାମାଣିକ ଚଳଚ୍ଚିତ୍ର ଓ କ୍ଷୁଦ୍ର ଚଳଚିତ୍ର ଓ ଅନ୍ୟ କଣ୍ଟେଣ୍ଟଗୁଡ଼ିକ ଯାହା ଅତୁଳନୀୟ କଳାତ୍ମକ ଓ ସାଂସ୍କୃତିକ ବିଭବ ବହନ କରୁଥିବ ଅଥଚ ଥିଏଟରରେ ରିଲିଜ ବେଳେ ଆଶାନୁରୂପ ଆଦୃତି ପାଇନଥିବ ସେଭଳି ଚଳଚ୍ଚିତ୍ରଗୁଡ଼ିକୁ ସିସ୍ପେସ ଓଟିଟି ପ୍ଲାଟଫର୍ମରେ ସ୍ଥାନିତ କରାଯିବା ଲକ୍ଷ୍ୟ ରଖାଯାଇଛି।

**ବାଣିଜ୍ୟିକ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼ ଘଟଣା**

## ୩ ମୃତ, ୨୧ ଜଣଙ୍କୁ ଉଦ୍ଧାରକଲା ନୌସେନା

**ନୂଆଦିଲ୍ଲୀ,୭।୩(ଏଜେନ୍ସି):** ଏଡେନ୍ ଉପସାଗରରେ ୟେମେନର ହୁତି ବିଦ୍ରୋହୀମାନେ ପୁଣି ଏକ ଜାହାଜ ଉପରେ ଆକ୍ରମଣ କରିଛନ୍ତି। ଗତକାଲି ବାରବାଡୋସ'ର ପତାକା ଥିବା ଏକ ବାଣିଜ୍ୟିକ ଜାହାଜ ଉପରେ ବିଦ୍ରୋହିମାନେ କ୍ଷେପଣାସ୍ତ୍ର ମାଡ଼ କରିବାରୁ ଏହି ଜାହାଜରେ ନିଆଁ ଲାଗି ଏହା କ୍ଷତିଗ୍ରସ୍ତ ହୋଇଛି। ଏହି ଘଟଣାରେ ୩ ଜଣ ଜାହାଜ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଅତ୍ୟନ୍ତ ଗମ୍ଭୀର ଥିବା କୁହାଯାଇଛି। ଜାହାଜରେ ନିଆଁ ଲାଗି ଯିବା ପରେ ଏଥିରେ ଥିବା ଜଣେ ଭାରତୀୟଙ୍କ ସମେତ ୨୧ କର୍ମଚାରୀ ଲାଇଫ୍ ବୋଟ ଯୋଗେ ଆତ୍ମରକ୍ଷା କରିବାକୁ ଉଦ୍ୟମ କରିଥିଲେ। ସାମୁଦ୍ରିକ ସୁରକ୍ଷା ଯୋଗାଇବା ମିଶନରେ ଗଲ୍ଫ ଅଫ୍ ଏଡେନରେ ମୁତୟନ ଥିବା ଭାରତୀୟ ନୌସେନାର ଯୁଦ୍ଧଜାହାଜ ଆଇଏନଏସ୍ କୋଲକାତା ତୁରନ୍ତ ସେଠାରେ ପହଞ୍ଚି ସମସ୍ତ ୨୧ ଜଣ କର୍ମଚାରୀଙ୍କୁ ସମୁଦ୍ରରୁ ଉଦ୍ଧାର କରିଛି। ୟେମେନର ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ଏଡେନ୍ ଉପସାଗରରେ ବାଣିଜ୍ୟିକ ଜାହାଜ ଉପରେ ପୂର୍ବରୁ ବହୁବାର ଆକ୍ରମଣ କରିଛନ୍ତି, କିନ୍ତୁ ଆକ୍ରମଣରେ କେହି ନିହତ ହେବା ଏହା ପ୍ରଥମ ଘଟଣା। ନିହତ ୩ ଜାହାଜ କର୍ମଚରୀଙ୍କ ମଧ୍ୟରୁ ଜଣେ ଭିଏତନାମର

**ଏଡେନ୍ ସାଗରରେ ପୁଣି ହୁତି ବିଦ୍ରୋହୀଙ୍କ ଉତ୍ପାତ**

ହୋଇଥିବା ବେଳେ ଅନ୍ୟ ଦୁଇଜଣ ଫିଲିପାଇନ୍ସ ନାଗରିକ। ଗାଜାରେ ହମାସ ଓ ପାଲେଷ୍ଟିନୀୟଙ୍କ ବିରୋଧରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ନହେବା ଯାଏ ଏଡେନ୍ ଉପସାଗରରେ ଆକ୍ରମଣ ଜାରି ରହିବ ବୋଲି ହୁତି ମିଲିଟାରୀ ମୁଖପାତ୍ର ବ୍ରିଗେଡିୟର ଜେନେରାଲ ୟାହିୟା ସାରୀ କହିଛନ୍ତି।



**ବେଙ୍ଗାଲୁରୁରେ ଜଳ ସଙ୍କଟ ଉତ୍କଟ**

# ବନ୍ଦ ରହିବ ସ୍କୁଲ, କୋଚିଂ ସେଣ୍ଟର

**ବେଙ୍ଗାଲୁରୁ,୭।୩(ଏଜେନ୍ସି)**

ବେଙ୍ଗାଲୁରୁ ସହର ଏବଂ ଏହାର ତଳି ଅଞ୍ଚଳରେ ଦେଖାଯାଇଥିବା ଜଳ ସଙ୍କଟ ଉତ୍କଟ ହେବାରେ ଲାଗିଛି। ସହର ପାଇଁ ଯେତିକି ପରିମାଣର ଜଳର ଆବଶ୍ୟକତା ରହିଛି ତାହା ବେଳକୁ ବେଳ କମି କମି ଯାଉଛି। ସ୍ଥିତି ଏଭଳି ହୋଇଛି ଯେ, ସହରର ଅଧିକାଂଶ ସ୍କୁଲରେ ପିଲାଙ୍କ ପାଇଁ ପିଇବା ପାଣି କିମ୍ବା ହାତ ଧୋଇବା ଲାଗି ମଧ୍ୟ ପାଣି ନାହିଁ। ଶୌଚ ହେବା ତ' ଦୂରର କଥା। ଏଭଳି ସ୍ଥିତିରେ ସହରର ଅଧିକାଂଶ ସ୍କୁଲ ବନ୍ଦ ହେବାକୁ ଯାଉଛି। ବର୍ତ୍ତମାନ ଖରା ବଢ଼ିବା ସହିତ ସହରର ଉତ୍ତାପ ମଧ୍ୟ ବଢ଼ିବାରେ ଲାଗିଛି। ଗୁରୁବାର ଏଠାକାର ତାପମାତ୍ରା ସର୍ବାଧିକ ୩୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ବେଳେ ଆସନ୍ତା ସପ୍ତାହରେ ଏହା ୩୭ ଡିଗ୍ରୀ ଅତିକ୍ରମ କରିବ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ପିଲାଙ୍କୁ ପାଣି ଟୋପେ ନ ମିଳିବା ଚିନ୍ତାଜନକ ହୋଇପଡ଼ିଛି। ଯାହାକୁ ନେଇ କର୍ଣ୍ଣାଟକ ସରକାର ଏଠାକାର ୭୦ ପ୍ରତିଶତ ସ୍କୁଲ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଛି। ବେଙ୍ଗାଲୁରୁ ସହର ପାଇଁ ଦୈନିକ ୨୬୦୦ ରୁ ୨୮୦୦ ନିୟୁତ ଲିଟର ପାଣିର ଆବଶ୍ୟକତା



**ଶୁଖି ଗଲାଣି ୩୦୦୦ ବୋର୍‌ୱେଲ**

**୨୨୩ ତାଲୁକ ମରୁଡ଼ି ଅଞ୍ଚଳ ଘୋଷିତ**

ରହିଛି। କିନ୍ତୁ ସାଂପ୍ରତିକ ସ୍ଥିତିରେ ଦୈନିକ ୧୫୦୦ ନିୟୁତ ଲଟିର ପାଣିର ଅଭାବ ଦେଖାଯାଇଛି। ଘରୋଇ ଟ୍ୟାଙ୍କର ଯୋଗେ ବିଭିନ୍ନ ଇଲାକାରେ ପାଣି ପହଞ୍ଚାଯାଉଥିଲେ ବି ଟ୍ୟାଙ୍କର ମାଲିକମାନେ ଲୋକମାନଙ୍କ ଠାରୁ ଅର୍ଥ ଶୋଷିବାରେ ଲାଗିଛନ୍ତି। ପାଣି ଯେମିତି ଏଠାରେ ଅମୂଲ ମୂଲ ହୋଇପଡ଼ିଛି। ଗୋଟିଏ ଟ୍ୟାଙ୍କର ପାଣି ପାଇଁ ୩ ରୁ ୪ ଦିନ ଅପେକ୍ଷା କରିବାକୁ ପଡୁଥିବା ବେଳେ ଏହାର ମୂଲ୍ୟ ୨ ରୁ ଅଢେଇ ହଜାର ଟଙ୍କାରେ ପହଞ୍ଚିଛି। ପୂର୍ବରୁ ୬ ହଜାର ଲିଟର ବିଶିଷ୍ଟ ଟ୍ୟାଙ୍କର ପାଇଁ ଲୋକମାନେ ୬୦୦ ଟଙ୍କା ଦେଉଥିଲେ । ହେଲେ ଏବେ ସ୍ଥିତିକୁ ନେଇ ଟ୍ୟାଙ୍କର ମାଲିକମାନେ ମୁନାଫା ଉଠାଇବାକୁ ପଛାଉନାହାନ୍ତି। ପାଣି ଅଭାବକୁ ନେଇ ସହର ମଧ୍ୟରେ ରହିଥିବା ହଜାର ହଜାର ଆପାର୍ଟମେଣ୍ଟରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଏକ ରିପୋର୍ଟ ଅନୁସାରେ ଯେଉଁମାନେ ୨ କୋଟିରୁ ଅଧିକ ଟଙ୍କାରେ ସହରର କେନ୍ଦ୍ର ସ୍ଥଳରେ ଆପାର୍ଟମେଣ୍ଟ କିଣିଛନ୍ତି ସେମାନଙ୍କୁ ମଧ୍ୟ ପାଣି ମିଳୁନାହିଁ। ବେଙ୍ଗାଲୁରୁ ସହର ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳର ୩ ହଜାରରୁ ଅଧିକ ବୋରୱେଲ ଶୁଖିଯାଇଛି। ସେହିପରି କର୍ଣ୍ଣାଟକର ମୋଟ ୨୩୬ ତାଲୁକ ମଧ୍ୟରୁ ଏବେ ୨୨୩ଟି ତାଲୁକରେ ପାଣି ଅଭାବକୁ ନେଇ ଏଗୁଡିକୁ ମରୁଡ଼ି ଅଞ୍ଚଳ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏକଦା ବେଙ୍ଗାଲୁରୁ ସହର 'ସିଟି ଅଫ୍ ଲେକ୍ସ'(ହ୍ରଦର ସହର) ଭାବେ ପରିଚିତ ଥିଲା। ସହର ମଧ୍ୟରେ ୨୮୫ରୁ ଅଧିକ ଛୋଟ ବଡ଼ ହ୍ରଦ କିମ୍ବା ପୁଷ୍କରିଣୀ ରହିଥିଲା। ହେଲେ ଏବେ ଏହା ମଧ୍ୟରୁ ଅଧିକ ଏବେ ଶୁଷ୍କ ହୋଇପଡ଼ିଛି। ବେଙ୍ଗାଲୁରରେ ଦିନକୁ ଦିନ ବଢି ଚାଲିଥିବା ରିଅଲ ଇଷ୍ଟେଟ ପ୍ରକଳ୍ପ ପାଇଁ ପାଣି ସମସ୍ୟା ଗମ୍ଭୀର ହେବାରେ ଲାଗିଛି ବୋଲି କୁହାଯାଉଛି।

## ବିଜେପିରେ ମିଶିଲେ କରୁଣାକରନଙ୍କ ଝିଅ ପଦ୍ମଜା



**ଥିରୁଭନନ୍ତପୁରମ, ୭।୩(ଏଜେନ୍ସି):** କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା କେ କରୁଣାକରନଙ୍କ ଝିଅ ପଦ୍ମଜା ବେନୁଗୋପାଲ ଆଜି ସନ୍ଧ୍ୟାରେ ଭାରତୀୟ ଜନତା ପାର୍ଟି(ବିଜେପି) ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଛନ୍ତି। ପଦ୍ମଜା କେରଳ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକର୍ତ୍ତା ଥିଲେ। ରାଜ୍ୟ କଂଗ୍ରେସରେ ଗତ କେତେ ବର୍ଷ ହେଲା ତାଙ୍କୁ କେହି ଗୁରୁତ୍ୱ ଦେଉନଥିବାରୁ ସେ କଂଗ୍ରେସ ଛାଡ଼ି ବିଜେପିରେ ଯୋଗ ଦେଲେ ବୋଲି ତାଙ୍କ ସ୍ୱାମୀ ବେନୁଗୋପାଲ ମିଡିଆକୁ କହିଛନ୍ତି। ତେବେ ପଦ୍ମଜାଙ୍କ ଭାଇ ଭାଡାକାରାର କଂଗ୍ରେସ ସାଂସଦ କେ ମୂରଲୀଧରନ ପଦ୍ମଜା ବିଜେପିରେ ଯୋଗଦେଇଥିବାରୁ ଅସୁଖୀ ହୋଇଛନ୍ତି। ସେ କହିଛନ୍ତି, 'ପଦ୍ମଜା କଂଗ୍ରେସ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ତାଙ୍କୁ ନେଇ ବିଜେପି ଆଦୌ କିଛି ଲାଭ ପାଇବ ନାହିଁ। ପୁଣି ପଦ୍ମଜାଙ୍କ ବିଜେପିରେ ଯୋଗଦାନ ସଘର୍ଷ ପାଇଁ ଆମ ସଙ୍କଳ୍ପକୁ ପ୍ରଭାବିତ କରିବ ନାହିଁ। କେରଳରେ ବିଜେପିକୁ ଆମେ ତୃତୀୟ ସ୍ଥାନରେ ରଖିବୁ।'

## ନିମନ୍ତ୍ରଣ କରିବା ବାହାନରେ ବିଜେପି ନେତାଙ୍କୁ ହତ୍ୟା

**ଲକ୍ଷ୍ନୌ,୭।୩(ଏଜେନ୍ସି):** ଉତ୍ତରପ୍ରଦେଶର ଜୈନପୁରରେ ସ୍ୱଷ୍ଟ ଦିବାଲୋକରେ ଜଣେ ବିଜେପି ନେତାଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଛନ୍ତି। ନିମନ୍ତ୍ରଣ ଦେବା ବାହାନାରେ ବିଚ୍ ରାସ୍ତାରେ କିଛି ଦୁର୍ବୃତ୍ତ ପ୍ରମୋଦ କୁମାର ଯାଦବଙ୍କୁ ହତ୍ୟା କରିଛନ୍ତି। ଜୈନପୁରର ବକ୍ସି ଥାନା ସ୍ଥିତ ବୋଧାପୁର ଛକରେ ପ୍ରମୋଦ ଯାଉଥିଲା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ନିମନ୍ତ୍ରଣ ଦେବା ବାହାନାରେ ଅଟକାଇ ଥିଲେ। ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ କରି ସେଠାରୁ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।



**ଆନ୍ଦୋଳନକାରୀ ଚାଷୀଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା**

## ପିଲାଙ୍କୁ ଢାଲ ବନାଇବା ଲଜ୍ଜାଜନକ

**ଚଣ୍ଡିଗଡ଼,୭।୩(ଏଜେନ୍ସି):** ପଞ୍ଜାବ- ହରିୟାଣା ସୀମାରେ ଆନ୍ଦୋଳନରତ ଚାଷୀଙ୍କୁ ଭର୍ତ୍ସନା କରିଛନ୍ତି ପଞ୍ଜାବ ଓ ହରିଆଣା ହାଇକୋର୍ଟ। ଆନ୍ଦୋଳନରେ ଛୋଟ ପିଲାଙ୍କୁ ଢ଼ାଲ ରୂପେ ବ୍ୟବହାର କରାଯାଉଥିବାରୁ ହାଇକୋର୍ଟ କୃଷକ ନେତାଙ୍କ ଉପରେ ବର୍ଷିଛନ୍ତି। ଏଭଳି ଘଟଣା ଅତ୍ୟନ୍ତ ଲଜ୍ଜାଜନକ ବୋଲି ହାଇକୋର୍ଟ କହିଛନ୍ତି। ଚାଷୀମାନେ ଦିଲ୍ଲୀରେ ଯୁଦ୍ଧ କରିବାକୁ ଯାଉଛନ୍ତି କି ବୋଲି ଜଷ୍ଟିସ ଜି ଏସ ସନ୍ଧଓ୍ୱାଲିଆ ଓ ଜଷ୍ଟିସ ଲୋପିତା ବାନାର୍ଜୀଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। କୋର୍ଟ କହିଛନ୍ତି, ପିଲାଙ୍କୁ ଢାଲ କରି ପ୍ରଦର୍ଶନ କରିବା ଲଜ୍ଜାଜନକ। ଆପଣ ଯାହା କରୁଛନ୍ତି ତାହା ପଞ୍ଜାବର ସଂସ୍କୃତି ନୁହେଁ। ହାତରେ ଖଣ୍ଡା ଧରି କିଏ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରେ? ଯେଉଁ ପିଲାମାନେ ସ୍କୁଲ ଯିବା କଥା ସେମାନଙ୍କୁ ଆଗକୁ ଠେଲିବା ବେଶ୍ ଲଜ୍ଜାଜନକ।' ଶୁଣାଣି ବେଳେ ହରିୟାଣା ସରକାରଙ୍କ

**ପଞ୍ଜାବ, ହରିଆଣା ସରକାରଙ୍କ ଉପରେ ବି ବର୍ଷିଲେ**



ତରଫରୁ ପ୍ରତିନିଧିତ୍ୱ କରୁଥିବା ଓକିଲଙ୍କ ଦ୍ୱାରା ବିରୋଧ ପ୍ରଦର୍ଶନ କରୁଥିବା କୃଷକଙ୍କ ଫଟୋ ଦେଖାଇବା ପରେ ହାଇକୋର୍ଟ ଏଭଳି କହିଛନ୍ତି। ଏହାବ୍ୟତୀତ ଚାଷୀ ଆନ୍ଦୋଳନକୁ ନେଇ ହାଇକୋର୍ଟ ପଞ୍ଜାବ ଓ ହରିୟାଣା ସରକାରଙ୍କ ଉପରେ ମଧ୍ୟ ବର୍ଷିଛନ୍ତି ।

ଏହି ଘଟଣାରେ ଉଭୟ ରାଜ୍ୟ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇବାରେ ଅସଫଳ ଅଛନ୍ତି। ଫେବୃଆରୀ ୨୧ ତାରିଖରେ ଆନ୍ଦୋଳନକାରୀଙ୍କ ଉପରେ କାହିଁକି ଗୁଳିମାଡ କରାଯାଇଥିବା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ଆନ୍ଦୋଳନ ବେଳେ ମୃତ୍ୟୁବରଣ କରିଥିବା ଚାଷୀ ଶୁଭକରଣ ସିଂ ମାମଲାର ତଦନ୍ତ ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା କରିବାକୁ ଖଣ୍ଡପୀଠ କହିଛନ୍ତି।

■ ୟୁକୋ ବ୍ୟାଙ୍କରେ ୮୨୦ କୋଟିର ଆଇଏମପିଏସ୍ ମାମଲା

## ୬୭ ସ୍ଥାନରେ ସିବିଆଇ ଚଢ଼ଉ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):** ୟୁକୋ ବ୍ୟାଙ୍କରେ ୮୨୦ କୋଟିର ଆଇଏମ୍‌ପିଏସ୍ (ଇମିଡିଏଟ୍ ପେମେଣ୍ଟ ସିଷ୍ଟମ) କାରବାର ମାମଲାରେ ସିବିଆଇ ରାଜସ୍ଥାନ ଓ ମହାରାଷ୍ଟ୍ର ସମେତ ୬୭ ସ୍ଥାନରେ ଗୁରୁବାର ଚଢଉ କରିଛି। ଗତବର୍ଷ ନଭେମ୍ବର ୧୦ ରୁ ୧୩ ତାରିଖ ମଧ୍ୟରେ ୟୁକୋ ବ୍ୟାଙ୍କରେ ୮,୫୩,୦୪୯ଟି ଆଇଏମପିଏସ୍ ଟ୍ରାଞ୍ଜାକ୍ସନ ହୋଇଥିଲା। ଏହି ସମୟରେ ୪୧,୦୦୦ ୟୁକୋ ବ୍ୟାଙ୍କ ଖାତାଧାରୀଙ୍କୁ ଉପରୋକ୍ତ ପରିମାଣର ଟଙ୍କା ଭୁଲ୍‌ରେ ଚାଲିଯାଇଥିଲା। ତେବେ ଟଙ୍କା ପାଇଥିବା ଲୋକେ ଟଙ୍କା ଫେରାଇଲେ କି ଉଠାଇ ନେଇ ଖର୍ଚ୍ଚ କରିଦେଲେ ତାର ତଦାରଖ ଚାଲିଛି ବୋଲି ସିବିଆଇ ପ୍ରବକ୍ତା କହିଛନ୍ତି। ପୂର୍ବରୁ ଏ ସମ୍ପର୍କରେ ଖୋଳତାଡ଼ କରାଯାଇଥିଲା ବେଳେ ଏହା ହେଉଛି ଦ୍ୱିତୀୟ ସର୍ଚ୍ଚ ଅପରେସନ। ଡିସେମ୍ବର ୨୦୨୩ରେ ୧୩ଟି ସ୍ଥାନରେ ସର୍ଚ୍ଚ ଅପରେସନ କରାଯାଇଥିଲା।

**ସୁପ୍ରିମକୋର୍ଟରେ ନିର୍ବାଚନୀ ବଣ୍ଡ ମାମଲା**

# ଏସ୍‌ବିଆଇ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ

**ନୂଆଦିଲ୍ଲୀ, ୭।୩(ଏଜେନ୍ସି)**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିନଥିବାରୁ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସବିଆଇ) ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଦାବି କରି ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର) ଆଜି ପ୍ରଧାନ ବିଚାରପତି(ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନିକଟରେ ଏକ ଯାଚିକା ଦାଖଲ କରିଛି। ଜାତୀୟ ନିର୍ବାଚନ କମିଶନ(ଇସିଆଇ)ଙ୍କୁ ୧୨ ଏପ୍ରିଲ ୨୦୧୯ ପରଠାରୁ ବିକ୍ରି ହୋଇଥିବା ସମସ୍ତ ନିର୍ବାଚନୀ ବଣ୍ଡ ସମ୍ପର୍କରେ ସମସ୍ତ ତଥ୍ୟ ମାର୍ଚ୍ଚ ୬ ତାରିଖ ସୁଦ୍ଧା ଦେବାକୁ ସୁପ୍ରିମକୋର୍ଟ ଗତ ଫେବୃଆରୀ ୧୫ ତାରିଖରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସବିଆଇ)କୁ ନିର୍ଦ୍ଦେଶ ଦେଇଥିଲେ। ମାର୍ଚ୍ଚ ୪ ତାରିଖରେ ଅର୍ଥାତ୍ ସମୟସୀମା ପୂରଣର ମାତ୍ର ଦୁଇ ଦିନ ପୂର୍ବରୁ ଏସବିଆଇ ସୁପ୍ରିମକୋର୍ଟରେ ଏକ ଯାଚିକା ଦାଖଲ କରି କାର୍ଯ୍ୟ ସମାପନ ନିମନ୍ତେ ଜୁନ୍ ୩୦ ଯାଏ ସମୟ ଦେବାକୁ ପ୍ରାର୍ଥନା କରିଛି। ଏସବିଆଇ ତାହାର ଯାଚିକାରେ ଅଧିକ ସମୟ ମାଗିବାର ଯଥାର୍ଥତା ଦର୍ଶାଇଛି ଯେ ନିର୍ବାଚନୀ ବଣ୍ଡ ଡାଟା ଡିକୋଡିଂ କରି ଦାତାଙ୍କ ପରିଚୟ ଓ ଦାନ ପରିମାଣ ମେଳ କରିବା ପ୍ରକ୍ରିୟାଟି ଅତ୍ୟନ୍ତ ଜଟିଳ ଓ ସମୟସାପେକ୍ଷ। ବ୍ୟାଙ୍କକୁ ମୋଟ ୨୨,୨୧୭ଟି ନିର୍ବାଚନୀ ବଣ୍ଡର ଡାଟା ଡିକୋଡ୍ କରିବାକୁ, ତେଣୁ ମୋଟ ବଣ୍ଡ ସଂଖ୍ୟାର ଦୁଇ ଗୁଣ ଅର୍ଥାତ୍ ୪୪୪୩୪ଟି ସୂଚନା ସେଟ୍ ଡିକୋଡ, କମ୍ପାଇଲ ଓ ମ ୍ୟା ଚ କରିବାକୁ ହେବ। କାରଣ ନିର୍ବାଚନୀ ବଣ୍ଡ ସମ୍ପର୍କିତ ଦାତା ଓ ଗ୍ରହୀତାଙ୍କ ଡାଟା ଦୁଇଟି ସୂଚନା ଭଣ୍ଡାର(ସିଲୋ)ରେ ରହିଛି। ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆସନ୍ତା ୧୧ ତାରିଖରେ ଏସବିଆଇର ଏହି ଅଧିକ ସମୟ ମାଗିବା ଯାଚିକାକୁ ପରଖିବେ। ସେହି ଦିନ ଏସବିଆଇ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଦାବି କରି ଏଡିଆର ଦାଖଲ କରିଥିବା ଯାଚିକାର ମଧ୍ୟ ବିଚାର ହେଉ ବୋଲି ଏଡିଆରର ଓକିଲ ପ୍ରଶାନ୍ତଭୂଷଣ ଆଜି ସିଜେଆଇ ଚନ୍ଦ୍ରଚୂଡ଼ଙ୍କୁ ନିବେଦନ କରିଥିଲେ। ଏଡିଆର'ର ଯାଚିକା ଯାଞ୍ଚ କରାଯାଇ ସୂଚୀଭୁକ୍ତ ହୋଇଥିଲେ ଆସନ୍ତା ୧୧ ତାରିଖରେ ଏସବିଆଇ'ର ଯାଚିକାର ଶୁଣାଣି ସାଙ୍ଗକୁ ଅଦାଲତ ଅବମାନନା ପାଇଁ ଏସବିଆଇ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏଡିଆର'ର ପ୍ରାର୍ଥନା ସମ୍ବଳିତ ଯାଚିକାର ମଧ୍ୟ ଶୁଣାଣି ହେବ ବୋଲି ପ୍ରଶାନ୍ତଭୂଷଣଙ୍କୁ ସିଜେଆଇ କହିଛନ୍ତି। ପ୍ରଶାନ୍ତଭୂଷଣ ମଧ୍ୟ ସିଜେଆଇଙ୍କୁ କହିଛନ୍ତି ଯେ ଯାଚିକା ଯାଞ୍ଚ ଓ ସୂଚୀଭୁକ୍ତ ହେବା ଭଳି ଔପଚାରିକତା ଯେପରି ପାଳନ ହୁଏ ତାହା ସେ ନିଶ୍ଚିତ କରାଇବେ। ଯଦି ମାର୍ଚ୍ଚ ୧୧ ତାରିଖରେ ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏସବିଆଇର ଯାଚିକାକୁ ଅଗ୍ରାହ୍ୟ ନକରି ବିଚାର ପାଇଁ ଗ୍ରହଣ କରନ୍ତି ତେବେ ବୁଝିବାକୁ ହେବ ଯେ ସାଧାରଣ ଜନତା ଆସନ୍ତା ଲୋକସଭା ନିର୍ବାଚନ ଶେଷ ହେବା ପୂର୍ବରୁ ନିର୍ବାଚନୀ ବଣ୍ଡ ଦାତା ଓ ଗ୍ରହୀତାଙ୍କ ପରିଚୟ ଜାଣିବାକୁ ପାଇବେ ନାହିଁ।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିର୍ବାଚନୀ ବଣ୍ଡ ଜରିଆରେ ରାଜନୈତିକ ଦଳଗୁଡ଼ିକ ଯେପରି ଚାନ୍ଦା ସଂଗ୍ରହ କରୁଛନ୍ତି ତାହା ଅସାମ୍ବିଧାନିକ ହୋଇଥିବାରୁ ସେହି ବ୍ୟବସ୍ଥା ରଦ୍ଦ କରାଗଲା ବୋଲି ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଫେବୃଆରୀ ୧୫ ତାରିଖରେ ରାୟ ଦେଇଥିଲେ। ନିର୍ବାଚନ ବଣ୍ଡ କ୍ରେତା ଓ ଗ୍ରହୀତାଙ୍କ ପରିଚୟ ଗୋପନ ରଖାଯିବା ବ୍ୟବସ୍ଥାଟି ଦିଅ ଓ ନିଅ(କ୍ୱିଡ ପ୍ରୋ କ୍ୱୋ)ର ବେଆଇନ ଖେଳ ବୋଲି ମତ ଦେଇ ସୁପ୍ରିମକୋର୍ଟ କହିଥିଲେ, କେଉଁ ରାଜନୈତିକ ଦଳକୁ କିଏ କେତେ ଚାନ୍ଦା ବା ଦାନ ଦେଲେ ତାହା ଜାଣିବାର ଅଧିକାର ଜନତାର ଅଛି ବୋଲି କହିଥିଲେ।

**ବଢ଼ିଲା କେଜ୍ରିୱାଲଙ୍କ ଅଡୁଆ**

## ୧୬ରେ ହାଜର ହେବାକୁ କୋର୍ଟ ସମନ

**ନୂଆଦିଲ୍ଲୀ,୭।୩(ଏଜେନ୍ସି)**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ପାଇଁ ଅଡୁଆ କମିବାର ନା ଧରୁନାହିଁ।ଅବକାରୀ ଦୁର୍ନୀତି ମାମଲାରେ ଇଡି ନିଶାଣରେ ଥିବା କେଜ୍ରିୱାଲ ସମନ ପରେ ସମନ ପାଇ ହାଜର ହେଉ ନାହାନ୍ତି।



କିନ୍ତୁ ଏହି ମାମଲାରେ ଏବେ କୋର୍ଟ ତାଙ୍କୁ ସମନ ଜାରି କରିଛନ୍ତି। ବାରମ୍ବାର ଇଡି ସମନ ସତ୍ତ୍ୱେ କେଜ୍ରିଓ୍ୱାଲ ହାଜର ହେଉନଥିବାରୁ ଇଡି ପକ୍ଷରୁ ଦ୍ୱିତୀୟ ଅଭିଯୋଗ ଦାଖଲ କରାଯିବା ପରେ ରାଉଜ ଏଭେନ୍ୟୁ କୋର୍ଟ ତାଙ୍କୁ ସମନ ଜାରି କରିଛନ୍ତି। କେଜ୍ରିଓ୍ୱାଲଙ୍କୁ ଆସନ୍ତା ମାର୍ଚ୍ଚ ୧୬ ତାରିଖରେ ହାଜର ହେବାକୁ କୁହାଯାଇଛି। କେଜ୍ରିୱାଲଙ୍କୁ ଏହି ଦିନ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ସମନ ଜାରି କରାଯାଇଛି।

**ସଞ୍ଜୟ, ସିସୋଦିଆଙ୍କୁ ମିଳିଲାନି ଜାମିନ**

ଅବକାରୀ ଦୁର୍ନୀତିକୁ ନେଇ ଅର୍ଥ ହେରଫେର ମାମଲାରେ ଆପ୍ ସାଂସଦ ସଞ୍ଜୟ ସିଂହ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଅଦାଲତରୁ ଆଶ୍ୱସ୍ତି ମିଳିନାହିଁ। ଏହି ମାମଲାରେ କୋର୍ଟ ପୁଣି ଥରେ ଉଭୟ ନେତାଙ୍କ ନ୍ୟାୟିକ ହେପାଜତକୁ ମାର୍ଚ୍ଚ ୧୯ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ଦୁଇ ନେତାଙ୍କ ଜାମିନ ଆବେଦନ ଶୁଣାଣି ଗତ ୨ ତାରିଖରେ ହୋଥିଲା ବେଳେ ରାଉଜ୍ ଆଭେନ୍ୟୁ କୋର୍ଟ ସେମାନଙ୍କ ନ୍ୟାୟିକ ହେପାଜତ ଅବଧିକୁ ଆଉ ୫ ଦିନ ବୃଦ୍ଧି କରିଥିଲେ। ଗୁରୁବାର ଏହି ଅବଧି ଶେଷ ହୋଇଥିଲା ବେଳେ ସେମାନଙ୍କୁ ଜାମିନ ଦେବାକୁ କୋର୍ଟ ମନା କରିଦେଇଥିଲେ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-253 ◆BHUBANESWAR ◆FRIDAY ◆8 MARCH 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୫୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୮ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦


## ୪% ବଢ଼ିଲା କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା

■ **ନୂଆଦିଲ୍ଲୀ, ୭।୩ (ଏଜେନ୍ସି):** ହୋଲି ପୂର୍ବରୁ କେନ୍ଦ୍ର କର୍ମଚାରୀଙ୍କୁ ମିଳିଛି ବଡ଼ ଭେଟି। ବଢ଼ିଛି କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଏ)। ଏହି ଅନୁଯାୟୀ, କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଏ) ଏବଂ ପେନସନଭୋଗୀଙ୍କ ମହଙ୍ଗା ସହାୟତା(ଡିଆର)ରେ ୪% ବୃଦ୍ଧି ହୋଇଛି। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଡିଏ ଏବଂ ଡିଆରର ଅତିରିକ୍ତ କିସ୍ତିକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ସରକାରୀ କର୍ମଚାରୀଙ୍କୁ ବର୍ତ୍ତମାନ ମୂଳ ଦରମା/ପେନସନର ୪୬% ଡିଏ/ଡିଆର୍ ମିଳୁଥିବାବେଳେ ଏଥିରେ ଅତିରିକ୍ତ ୪% ବୃଦ୍ଧି କରାଯାଇଛି, ଯାହାକି ଜାନୁଆରୀ ପହିଲା ୨୦୨୪ଠାରୁ ପିଛିଲା ଭାବେ ଲାଗୁ ହେବ। ଏଥିସହ କେନ୍ଦ୍ରୀୟ କର୍ମଚାରୀଙ୍କ ଡିଏ ଏବଂ ଡିଆର ୫୦ ପ୍ରତିଶତରେ ପହଞ୍ଚିଛି। ଉଭୟ ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତା ବାବଦରେ ରାଜକୋଷ ଉପରେ ବାର୍ଷିକ ୧୨,୮୬୮.୭୨ କୋଟି ଟଙ୍କାର ରାଜସ୍ୱ ବୋଝ ପଡ଼ିବ। ଏହାଦ୍ୱାରା ପ୍ରାୟ ୪୯.୧୮ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୭.୯୫ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିସ ଆଧାରରେ ସ୍ୱୀକୃତ ସୂତ୍ର ଅନୁଯାୟୀ ଏହି ବୃଦ୍ଧି କରାଯାଇଛି।

# ବଢ଼ିଲା ପାରିଶ୍ରମିକ

## ଆଶାକର୍ମୀ ପାଇବେ ମାସିକ ୭୦୦୦ ଟଙ୍କା

■ **ଭୁବନେଶ୍ୱର, ୭।୩(ସମିସ):** ଆଶାକର୍ମୀ ମାନଙ୍କର ମାସିକ ପାରିଶ୍ରମିକ ବୃଦ୍ଧି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ନୂତନ ଘୋଷଣା ଅନୁଯାୟୀ, ଆଶାକର୍ମୀଙ୍କ ମାସିକ ପାରିଶ୍ରମିକ ୪,୫୦୦ ଟଙ୍କାରୁ ୭,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ସହିତ ଆଶାକର୍ମୀଙ୍କ ସେବା ନିବୃତ୍ତି ପ୍ରୋତ୍ସାହନ ରାଶି ମଧ୍ୟ ବୃଦ୍ଧି କରାଯାଇଛି। ସେବା ନିବୃତ୍ତି ସମୟରେ ପୂର୍ବରୁ ସେମାନେ ୫୦ ହଜାର ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧ ଲକ୍ଷ ଟଙ୍କା ପାଇବେ। ଏହାଦ୍ୱାରା ରାଜ୍ୟର ୪୯,୫୨୨ ଆଶାକର୍ମୀ ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୧୪୮.୫୭ କୋଟି ଟଙ୍କା ଖର୍ଚ୍ଚ କରିବେ।

**ସେବା ନିବୃତ୍ତ ରାଶି ୧ ଲକ୍ଷକୁ ବୃଦ୍ଧି**

**ଉପକୃତ ହେବେ ୪୯,୫୨୨ ଆଶାକର୍ମୀ**

**ବର୍ଷକୁ ଖର୍ଚ୍ଚ ହେବ ୨୦୮ କୋଟି ଟଙ୍କା**

ସୂଚନା ଯୋଗ୍ୟ, ଆଶାକର୍ମୀଙ୍କ ପାରିଶ୍ରମିକ ବାବଦରେ ପୂର୍ବରୁ ରାଜ୍ୟ ସରକାର ବାର୍ଷିକ ୫୯.୪୩ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏବେ ବାର୍ଷିକ ୨୦୮ କୋଟି ଟଙ୍କା ଖର୍ଚ୍ଚ କରିବେ। ସେହିଭଳି ସେବା ନିବୃତ୍ତି ସହାୟତା ବାବଦରେ ୫୫ ଲକ୍ଷ ଟଙ୍କା ରାଜ୍ୟ ସରକାର ବ୍ୟୟ ବହନ କରିବେ। ପ୍ରକାଶ ଥାଉ କି, ଆଶା କର୍ମୀମାନେ ରାଜ୍ୟରେ ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ସହାୟତା ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସଂପର୍କରେ ସେମାନେ ସଫଳ ଭାବେ ସଚେତନ କରିପାରୁଛନ୍ତି। ଏହା ସହିତ ଟୀକାକରଣ ଓ ▶ପୃଷ୍ଠା-୯

## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଦରମା ୨୫% ବୃଦ୍ଧି

■ **ଭୁବନେଶ୍ୱର, ୭।୩(ସମିସ):** ବିଭିନ୍ନ ସରକାରୀ ବିଭାଗରେ ସେବା ଯୋଗାଣକାରୀ ସଂସ୍ଥା ଦ୍ୱାରା କାର୍ଯ୍ୟ କରୁଥିବା ଆଉଟ୍‌ସୋର୍ସିଂ କର୍ମଚାରୀ ମାନଙ୍କ ଅଭିଜ୍ଞତା ଆଧାରରେ ପାରିଶ୍ରମିକ ବୃଦ୍ଧି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି କର୍ମଚାରୀ ମାନଙ୍କ ପାରିଶ୍ରମିକରେ ୨୫ ପ୍ରତିଶତ ବୃଦ୍ଧି ଘୋଷଣା ସହିତ ଅଭିଜ୍ଞତା ଭିତ୍ତିରେ ପାରିଶ୍ରମିକ, ଅଭିଯୋଗ ଶୁଣାଣୀ ବ୍ୟବସ୍ଥା ତଥା ଠିକ୍ ସମୟରେ ପ୍ରାପ୍ୟ ପ୍ରଦାନ ଆଦି ବିଷୟକୁ ସୁନିଶ୍ଚିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଛଡ଼ା ଆଉଟ୍‌ସୋର୍ସିଂ କର୍ମଚାରୀ ଏବଂ ସେବା ଯୋଗାଣକାରୀ ସଂସ୍ଥା ମଧ୍ୟରେ ଥିବା ବିଭିନ୍ନ ବିବାଦର ସମାଧାନ ପାଇଁ ରାଜ୍ୟସରକାର ଓଡ଼ିଶା ରାଜ୍ୟ ଆଉଟ୍‌ସୋର୍ସିଂ କର୍ମଚାରୀ ଲୋକପାଳ ଗଠନ ପାଇଁ ଘୋଷଣା କରିଛନ୍ତି।

**ପ୍ରତି ପାଞ୍ଚବର୍ଷର ଅଭିଜ୍ଞତା ପାଇଁ ଅଧିକ ୧୦୦୦**

**ଗଠନ ହେବ ଆଉଟ୍‌ସୋର୍ସିଂ କର୍ମଚାରୀ ଲୋକପାଳ**

ଅଭିଜ୍ଞତା ଥିବା କାର୍ମଚାରୀ ମାନଙ୍କୁ ଅଧିକ ପାରିଶ୍ରମିକ ମିଳିବ। ପ୍ରତି ପାଞ୍ଚ ବର୍ଷର ଅଭିଜ୍ଞତା ପାଇଁ ମାସିକ ଅଧିକ ଏକହଜାର ଟଙ୍କା ମିଳିବ। ମହିଳା କର୍ମଚାରୀମାନେ ସେମାନଙ୍କର ପ୍ରଥମ ଦୁଇଟି ସନ୍ତାନ ଜନ୍ମ ପର୍ଯ୍ୟନ୍ତ ୧୨୦ ଦିନ ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ। ସୂଚନାଯୋଗ୍ୟ ଯେ ଆଉଟ୍‌ସୋର୍ସିଂ କର୍ମଚାରୀ ମାନେ ସେମାନଙ୍କର ବିଭିନ୍ନ ଅସୁବିଧା ସଂପର୍କରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଜଣାଇଥିଲେ। ତଦନୁଯାୟୀ ରାଜ୍ୟ ସରକାର ନିମ୍ନୋକ୍ତ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ଆଉଟ୍‌ସୋର୍ସିଂ କର୍ମଚାରୀ ତଥା ସେବା ଯୋଗାଣକାରୀ ସଂସ୍ଥାଙ୍କ ଅଭିଯୋଗ ଶୁଣାଣି ପାଇଁ ପ୍ରତି ବିଭାଗରେ ଜଣେ ନୋଡାଲ ଅଫିସର ରହିବେ। ସେମାନଙ୍କର ଅଭିଯୋଗ ଦାଖଲର ସରଳୀକରଣ ପାଇଁ ସାଧାରଣ ପ୍ରଶାସନ ବିଭାଗ ସିଏମ୍‌ଜିଆଇ ଜରିଆରେ ଏକ ଆପ୍ ବିକଶିତ କରାଯିବ। ଯେଉଁଥିରେ କି ଉଭୟ କର୍ମଚାରୀ ଓ ଏଜେନ୍‌ସି ସେମାନଙ୍କର ଅଭିଯୋଗ ଦାଖଲ କରିପାରିବେ। ଯେଉଁ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଏବେ ବର୍ଦ୍ଧିତ ପାରିଶ୍ରମିକ ପାଉଛନ୍ତି, ସେମାନଙ୍କ ବର୍ଦ୍ଧିତ ପାରିଶ୍ରମିକକୁ ନୂଆ ବ୍ୟବସ୍ଥାରେ ସୁରକ୍ଷା ଦିଆଯିବ। ଏହି ସମସ୍ତ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବରେ ପରିଚାଳିତ କରିବା ପାଇଁ ସବୁ ବିଭାଗ ଯୋଗାଣକାରୀ ସଂସ୍ଥାଙ୍କ ସହ ମାନଙ୍କ ସହିତ ଚୁକ୍ତି କରିବେ।

## ମେଣ୍ଟ: ସଙ୍କେତ ସ୍ପଷ୍ଟ, ତଥାପି ସଂଶୟ

■ **ଭୁବନେଶ୍ୱର, ୭।୩ (ସମିସ):** ନିର୍ବାଚନ ନୁହେଁ; ଏବେ ରାଜ୍ୟରେ ଚର୍ଚ୍ଚା ଧରିଛି ମେଣ୍ଟ ପ୍ରସଙ୍ଗ। ଦୀର୍ଘ ୧୫ ବର୍ଷ ପରେ ପୁଣି ଥରେ ଫଗୁଣରେ ନିକଟତର ହୋଇଛନ୍ତି ବିଜେଡି-ବିଜେପି। ଆଗାମୀ ନିର୍ବାଚନରେ ଉଭୟ ରାଜନୈତିକ ଦଳ ମିଳିତ ଭାବରେ ନିର୍ବାଚନ ଲଢ଼ିବେ ବୋଲି ସଙ୍କେତ ମିଳିଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସରେ ଦଳର ବରିଷ୍ଠ ନେତାଙ୍କ ବୈଠକ, ଦିଲ୍ଲୀରେ ବିଜେପି ଜାତୀୟ ସଭାପତି ଜେ.ପି.ନଡ୍ଡା ଓ ଦଳର ଅନ୍ୟତମ ଶୀର୍ଷ ନେତା ଅମିତ୍ ଶାହାଙ୍କ ଉପସ୍ଥିତିରେ ରାଜ୍ୟର ବରିଷ୍ଠ ନେତାଙ୍କ ମାନସମନ୍ଥନ; ସର୍ବୋପରି ପରସ୍ପର ପ୍ରତି ଉଭୟ ଦଳର ନେତାଙ୍କ ନରମ ମିଜାଜ ସମ୍ଭାବ୍ୟ ମେଣ୍ଟକୁ ଆପାତତଃ ସ୍ପଷ୍ଟ କରି ସାରିଛି। ଉଭୟ ଦଳର ଶୀର୍ଷ ନେତୃତ୍ୱ ଓଡ଼ିଶାରେ ମେଣ୍ଟ ନିଷ୍ପତ୍ତି ନେଇ ସାରିଛନ୍ତି ଓ ଦଳର ନେତାମାନେ ଆପାତତଃ ମାନସିକ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଛନ୍ତି। କୁହାଯାଉଛି ଦିନେ ଦୁଇଦିନ ମଧ୍ୟରେ ସବୁକିଛି ସ୍ପଷ୍ଟ ହୋଇଯିବ। ଏହା ସତ୍ତ୍ୱେ ଏବେ ମେଣ୍ଟକୁ ନେଇ ଲାଗି ରହିଛି ସସ୍‌ପେନ୍‌ସ। କୁହାଯାଉଛି ଉଭୟ ଦଳ ମେଣ୍ଟ ପାଇଁ ରାଜି ହୋଇଥିଲେ ହେଁ ଆସନ ବୁଝାମଣା ଚୂଡ଼ାନ୍ତ ହୋଇ ପାରିନାହିଁ। ଦୁଇ ଦଳ ନିର୍ବାଚନୀ ମେଣ୍ଟ କରିବା ସମୟ ନିଜ ନିଜ ଦଳର ସ୍ୱାର୍ଥକୁ ଅଗ୍ରାଧିକାର ଦେବା ଓ ଅଧିକ ଆସନ ଦାବି କରିବା ଏକ ସ୍ୱାଭାବିକ ପ୍ରକ୍ରିୟା। ଶାସକ ବିଜେଡି ଗତ ଲୋକସଭା ନିର୍ବାଚନରେ ୧୨ ଲୋକସଭା ଓ ୧୧୩ ବିଧାନସଭା ଆସନରେ ବିଜୟୀ ହୋଇଥିଲା। ତେଣୁ ବିଜୟୀ ହୋଇଥିବା ଏହି ଆସନକୁ ନିଜ ଦଖଲରେ ରଖିବାକୁ ବିଜେଡି ଚାହିଁବାରେ କୌଣସି ଅସ୍ୱାଭାବିକତା ନାହିଁ। ଅପରପକ୍ଷରେ ରାଜ୍ୟ ରାଜନୀତିରେ ସାନଭାଇ ରହି ଆସିଥିବା ବିଜେପି ୨୦୧୯ ରେ ବିଜୟ ଲାଭ କରିଥିବା ୮ ଲୋକସଭା ଓ ୨୩ ବିଧାନସଭା ଆସନ ସହ ଆଉ କିଛି ଅଧିକ ଆସନ ପାଇଁ ଆଗ୍ରହ ପ୍ରକାଶ କରିବା ମେଣ୍ଟ ଘୋଷଣାକୁ ବିଳମ୍ବିତ କରିଥିବା ଆଲୋଚନା ଚାଲିଛି।

**ଆସନ୍ତା ୭୨ ଘଣ୍ଟାରେ ନିଆଯାଇପାରେ ବଡ଼ ନିଷ୍ପତ୍ତି**

**ମୀନ ସଂକ୍ରାନ୍ତି ପୂର୍ବରୁ ମିଳିତ ଘୋଷଣା ସମ୍ଭାବନା**

ଗତ ଲୋକସଭା ନିର୍ବାଚନରେ ବିଜେଡି ୪୩.୩% ଭୋଟ ପାଇଥିବାବେଳେ ବିଜେପି ୩୮.୯% ଭୋଟ ପାଇଥିଲା। ମାତ୍ର ଏକ ସମୟରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେଡିଠାରୁ ବିଜେପି ୧୩% କମ୍ ଭୋଟ ପାଇଥିଲା। ବିଜେଡି ୪୫% ଭୋଟ ପାଇଥିବା ସମୟରେ ବିଜେପି ବିଧାନସଭା ନିର୍ବାଚନରେ ମାତ୍ର ▶ପୃଷ୍ଠା-୯

**ତୋମାରଙ୍କ ବାସଭବନରେ ବୈଠକ**

## ଦିଲ୍ଲୀ ନ ଛାଡ଼ିବାକୁ ରାଜ୍ୟ ବିଜେପି ନେତାଙ୍କୁ ନିର୍ଦ୍ଦେଶ

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୭।୩ (ସମିସ):** ରାଜ୍ୟରେ ସମ୍ଭାବ୍ୟ ମେଣ୍ଟକୁ ନେଇ ରାଜନୈତିକ ପାରା ଶୀର୍ଷରେ ଥିବାବେଳେ ଉଭୟ ଦଳ ଅଙ୍କ କଷାରେ ବ୍ୟସ୍ତ। ଏହିକ୍ରମରେ ଆଜି ଦିଲ୍ଲୀରେ ବିଜେପି ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାରଙ୍କ ବାସଭବନରେ ରାଜ୍ୟ ବିଜେପି ନେତାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ବ୍ୟାପକ ଆଲୋଚନା, ପର୍ଯ୍ୟାଲୋଚନା ହୋଇଛି। ଅପରପକ୍ଷେ ମେଣ୍ଟର ଚୂଡ଼ାନ୍ତ ଘୋଷଣା ନିମନ୍ତେ ଆସନ୍ତା ୧୨ ତାରିଖରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଓଡ଼ିଶା ଆସିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଶ୍ରୀ ନଡ୍ଡା ଓ ଶ୍ରୀ ଶାହାଙ୍କ ଓଡ଼ିଶା ଗସ୍ତ ଅବସରରେ କିମ୍ବା ଏହା ପୂର୍ବରୁ ବିଜେପି କିଛି ବଡ଼ ଘୋଷଣା କରିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

ଆଜି ନୂଆଦିଲ୍ଲୀରେ ଶ୍ରୀ ତୋମାର୍‌ଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଓଡ଼ିଶାରେ ରାଜନୈତିକ ସ୍ଥିତିକୁ ନେଇ ବ୍ୟାପକ ବିଚାର ବିମର୍ଶ ଏବଂ ଆଲୋଚନା ହୋଇଛି। ବିଶେଷକରି ସମ୍ଭାବ୍ୟ ମେଣ୍ଟକୁ ନେଇ ତୋମାର ରାଜ୍ୟ ବିଜେପି ନେତାଙ୍କ ସହ ବିସ୍ତୃତ୍ ଆଲୋଚନା କରିଛନ୍ତି। ପୂର୍ବରୁ ରାଜ୍ୟବାସୀ ଏବଂ ରାଜ୍ୟର ସ୍ୱାର୍ଥକୁ ନେଇ ବିଜେଡି ଆବଶ୍ୟକୀୟ ନିଷ୍ପତ୍ତି ▶ପୃଷ୍ଠା-୯







ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-253 ◆BHUBANESWAR ◆FRIDAY ◆8 MARCH 2024 ◆PAGE-20 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୫୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୮ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

# ଦୁଇ ବରିଷ୍ଠ ଆଇପିଏସ୍‌ଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି

**ଭୁବନେଶ୍ୱର, ୭ ।୩(ସମିସ):** ୧୯ ୯୨ ବ୍ୟାଚ୍‌ର ଦୁଇ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ରାଜ୍ୟ ସରକାର ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି । ବରିଷ୍ଠ ଆଇପିଏସ୍ ଅଧିକାରୀ ଲଳିତ ଦାସ ଓ ସପ୍ନା ତିୱାରୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ମିଳିଛି । ଅନ୍ୟାଦେଶ ପର୍ଯ୍ୟନ୍ତ ଲଳିତ ଦାସଙ୍କୁ ତାଙ୍କ ପୂର୍ବ ସ୍ଥାନରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର । ଅନ୍ୟପକ୍ଷରେ ଏବେ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି ସପ୍ନା ତିୱାରୀ । ଉଭୟଙ୍କୁ ପଦୋନ୍ନତି ମିଳିବା ନେଇ ଗୃହବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି ।




# ୮୦୧୨୫ କୋଟିର ୭ ଶିଳ୍ପକୁ ଅନୁମୋଦନ

## ୫ ଜିଲ୍ଲାର ୨୪, ୫୫୨ ଲୋକଙ୍କୁ କର୍ମନିଯୁକ୍ତି ସୁଯୋଗ

**ଭୁବନେଶ୍ୱର, ୭।୩(ସମିସ):** ଗୁରୁବାର ଦିନ ରାଜ୍ୟ ସରକାର ୮୦୧୨୫ କୋଟି ଟଙ୍କାର ୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ୩୫ତମ ଉଚ୍ଚସ୍ତରୀୟ ଅନୁମୋଦନ କର୍ତ୍ତୃପକ୍ଷ (ଏଚ୍‌ଏଲ୍‌ସିଏ) ବୈଠକରେ ଏ ସବୁ ପ୍ରକଳ୍ପ ପ୍ରସ୍ତାବରେ ମୋହର ବାଜିଛି । ଖୋର୍ଦ୍ଧା, ଜଗତସିଂହପୁର, ଗଞ୍ଜାମ ଓ ଭଦ୍ରକ ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଥିବା ଏସବୁ ପ୍ରକଳ୍ପ ମଧ୍ୟରେ ଇସ୍ପାତ, ସବୁଜ ଶକ୍ତି, ଔଷଧ, କେମିକାଲ ଆଦି କ୍ଷେତ୍ର ଅନ୍ତର୍ଭୁକ୍ତ ।

- ■ ୩୧୦୦ କୋଟି ବ୍ୟୟରେ ଗୋପାଳପୁରରେ ୨ଟି ଔଷଧ କାରଖାନା
- ■ ଖୋର୍ଦ୍ଧାରେ ସବୁଜ ଶକ୍ତି ଉତ୍ପାଦନ ନିମନ୍ତେ ୩୫୬୦୦ କୋଟି ନିବେଶ
- ■ ୧୨୪୮୦ କୋଟିରେ ଜଗତସିଂହପୁରରେ ଗ୍ରୀନ ଆମୋନିଆ କାରଖାନା
- ■ ଝାରସୁଗୁଡ଼ାରେ ଆକ୍ସନ ଇସ୍ପାତ ନିବେଶ କରିବ ୨୧୦୦୦ କୋଟି

ସୂଚନା ଅନୁସାରେ ଗ୍ରାନୁଏଲ୍ସ ଲାଇଫ୍ ସାଇନ୍ସେସ୍ ପାଇଭେଟ୍ ଲିମିଟେଡ୍ ଗୋପାଳପୁର ଏସ୍‌ଇଜେଡ୍‌ରେ ୧୧୦୦ କୋଟି ଟଙ୍କା ବିନିଯୋଗ କରି ଔଷଧ କାରଖାନା ପ୍ରତିଷ୍ଠା କରିବ । ଏଠାରେ ୧୪୮୦ ଜଣଙ୍କୁ ନିଯୁକ୍ତି ମିଳିବ । ଗ୍ରାନୁଏଲ୍ସ ସିଜେଡ୍‌ଆରଓ ପ୍ରାଇଭେଟ୍ ଲିମିଟେଡ୍ ଗୋପାଳପୁର ଏସ୍‌ଇଜେଡ୍‌ରେ ୨୦୦୦ କୋଟି ଟଙ୍କା ନିବେଶ କରିବ । କମ୍ପାନୀ ନିଜର ଔଷଧ କାରଖାନାରେ ୧୦୦୦ ଲୋକଙ୍କୁ ନିଯୁକ୍ତି ଦେବ ବୋଲି ପ୍ରତିଶ୍ରୁତି ଦେଇଛି । ସେହିପରି ଖୋର୍ଦ୍ଧାରେ ଏସିଏମ୍‌ଇ ଗ୍ରୀନ୍‌ଟେକ୍ ଉର୍ଜା ପ୍ରା. ଲି ସବୁଜ ଶକ୍ତି ଉପକରଣ ପ୍ରସ୍ତୁତି କାରଖାନାରେ ୩୫, ୬୦୦ କୋଟି ଟଙ୍କା ନିବେଶ କରିବା ସହ ୬୨୭୨ ଜଣଙ୍କୁ ନିଯୁକ୍ତି ଦେବ । ୱାରୀ କ୍ଲିନ୍ ଏନର୍ଜୀ ସଲ୍ୟୁସନ୍ସ ଜଗତସିଂହପୁରରେ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ଉତ୍ପାଦନ କରିବ । ଏଠାରେ କମ୍ପାନୀ ୧୨, ୪୮୦ କୋଟି ଟଙ୍କା ବିନିଯୋଗ କରି ୩୨୫୦ ଲୋକଙ୍କୁ ନିଯୁକ୍ତି ଦେବ । ଇଜି ସୋଲୱିନ୍ ହାଇବ୍ରିଡ୍ ପ୍ରା. ଲି ଗୋପାଳପୁର ଏସ୍‌ଇଜେଡ୍‌ରେ ଗ୍ରୀନ୍ ଆମୋନିଆ କାରଖାନା ପ୍ରତିଷ୍ଠା କରିବା ଲାଗି ୬୩୩୦ କୋଟି ଟଙ୍କା ବିନିଯୋଗ କରିବ । ଏଠାରେ ୧୦୫୦ ଲୋକଙ୍କୁ ନିଯୁକ୍ତି ମିଳିବ । ଅକ୍ସନ୍ ଇସ୍ପାତ ଝାରସୁଗୁଡ଼ାରେ ନିଜ କାରଖାନାର ସମ୍ପ୍ରସାରଣ ଲାଗି ୨୧, ୦୦୦ କୋଟି ଟଙ୍କା ନିବେଶ କରିବ । ଏଠାରେ ୧୦୦୦୦ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି କମ୍ପାନୀ ପ୍ରତିଶ୍ରୁତି ଦେଇଛି । ଅପରପକ୍ଷେ ଏଫ୍‌ଓବି ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ରାସାୟନିକ ପଦାର୍ଥ ଉତ୍ପାଦନ ପାଇଁ ୧୬୧୫ କୋଟି ଟଙ୍କା ନିବେଶ କରିବା ସହ ୧୫୦୦ ଲୋକଙ୍କୁ ନଯୁକ୍ତି ଦେବ ।

# ଶଙ୍ଖ ଧରିଲେ ଅରବିନ୍ଦ ମହାପାତ୍ର

**ଭୁବନେଶ୍ୱର, ୭।୩(ସମିସ):** ବିଜେପିର ବରିଷ୍ଠ ରାଜନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ନିଜର ଶତାଧିକ ସମର୍ଥକଙ୍କ ସହ ଆଜି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ଆଜି ନବୀନ ନିବାସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଆଶୀର୍ବାଦ କରିବା ସହ ଲୋକଙ୍କ କଲ୍ୟାଣ ପାଇଁ



କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଛନ୍ତି । ଏହା ସହ ତାଙ୍କ ବାପାଙ୍କୁ ଶୁଭକାମନା ଜଣାଇ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଅରବିନ୍ଦଙ୍କୁ କହିଛନ୍ତି ।

ପରେ ଶ୍ରୀ ମହାପାତ୍ର ଓ ତାଙ୍କର ଶୁଭେଚ୍ଛୁମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଜୟ ବାବୁଙ୍କ ପୁଅ ଅରବିନ୍ଦ ମହାପାତ୍ର ଓ ଆପଣମାନଙ୍କୁ ମୁଁ ବିଜେଡିରେ ସ୍ୱାଗତ ଜଣାଉଛି । କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶରେ ଆପଣମାନଙ୍କର ମହତ୍ୱପୂର୍ଣ୍ଣ ଯୋଗଦାନ ରହିବା ଆବଶ୍ୟକ । ଜିଲ୍ଲାବାସୀଙ୍କ କଲ୍ୟାଣ ଦିଗରେ ଆପଣମାନେ ଭଲ କାମ କରନ୍ତୁ । ଆଜି ନବୀନ ନିବାସରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଧାୟକ ପ୍ରତାପ ଜେନା, ବିଧାୟକ ପ୍ରଣବ ବଳବନ୍ତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଅଂଶୁମାନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ଭେଟି ଆର୍ଶୀବାଦ ଗ୍ରହଣ କରିବା ପରେ ଅରବିନ୍ଦ ଦଳୀୟ ନେତୃବୃନ୍ଦଙ୍କ ସହ ଶଙ୍ଖ ଭବନରେ ପହଞ୍ଚିଥିଲେ । ସେଠାରେ ଶ୍ରୀ ମହାପାତ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ ଯେ ଆଜି ମୋ ପାଇଁ ବହୁତ ଶୁଭ ଦିନ । ୨୦୧୯ ପରଠାରୁ ମୁଁ ପାଟକୁରା ନିର୍ବାଚନମଣ୍ଡଳୀ ବୁଲୁଛି, ଲୋକଙ୍କ ସହିତ ମିଶି ଆସୁଛି । ମୋର ହୃଦବୋଧ ହୋଇଥିଲା ଯେ ଲୋକଙ୍କ ସମସ୍ୟା ଦୂର କରିବା ଏବଂ ପାଟକୁରାର ବିକାଶ କରିବା ଲାଗି ମୋତେ ଏକ ମଞ୍ଚର ଆବଶ୍ୟକ ଅଛି । ଆଉ ଏଥିପାଇଁ ବିଜୁ ଜନତା ଦଳ ହେଉଛି ଶ୍ରେଷ୍ଠ ମାଧ୍ୟମ । ଏ ନେଇ ମୁଁ ପାଟକୁରାବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ମତ ନେଇଥିଲି । ଆଉ ସେମାନଙ୍କ ମତ ଆଧାରରେ ବିଜେଡିରେ ଯୋଗଦେବା ପାଇଁ ମୁଁ ନିଷ୍ପତ୍ତି ନେଇଥିଲି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପାଟକୁରା ନୁହେଁ, କେନ୍ଦ୍ରାପଡ଼ା ଏବଂ ଓଡ଼ିଶାର ବିକାଶକୁ ଆହୁରି ଆଗକୁ ନେବି । ଦଳରେ ରହି ଲୋକଙ୍କ ପାଇଁ କାମ କରିବାର ସୁଯୋଗ ଦେଇଥିବାରୁ ମୁଁ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି ବୋଲି ଶ୍ରୀ ମହାପାତ୍ର କହିଥିଲେ ।

DSPL-805

'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼'
ଛାତ୍ର-ଛାତ୍ରୀଙ୍କ ସ୍ୱପ୍ନକୁ ମିଳିବ ସ୍ୱାଧୀନତା






ପ୍ରସ୍ତୁତ ଭବିଷ୍ୟତ ପାଇଁ, ପ୍ରସ୍ତୁତ ନବୀନ ଓଡ଼ିଶା ଗଠନ ପାଇଁ

ଓଡ଼ିଶାର ଛାତ୍ରଛାତ୍ରୀଙ୍କ ବିକାଶରେ ଏକ ଅଗ୍ରଣୀ ପଦକ୍ଷେପ 'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼' । ୧୫ ଅଗଷ୍ଟ ୨୦୨୪ରେ ଆରମ୍ଭ ହେବାକୁ ଯାଉଥିବା ଏହି କାର୍ଡ଼ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କରି ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ ।

ସୁଗମ ଯାତାୟାତ | ଡିଜିଟାଲ ସଂଯୋଗୀକରଣ | ଦକ୍ଷତା ବିକାଶ | ବିଶେଷ ସୁବିଧା ସୁଯୋଗ

ଆପଣଙ୍କ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ଼' ପାଇଁ ପଞ୍ଜୀକରଣ କରନ୍ତୁ
www.magiccard.odisha.gov.in
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0696/2324

# ଆଉ ଦୁଇ ଦିନ ବର୍ଷା, ୧୧ରୁ ବଢ଼ିବ ତାତି

**ଭୁବନେଶ୍ୱର, ୭ ।୩(ସମିସ):** ରାଜ୍ୟର ଗୁରୁବାର କିଛି ସ୍ଥାନରେ ପାଗ ମେଘୁଆ ରହିବା ସହ ବିଭିନ୍ନ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହୋଇଛି । ଆସନ୍ତାକାଲି ଦକ୍ଷିଣ ଉପକୂଳ ଓଡ଼ିଶା ସମେତ ଜଗତସିଂହପୁର, କଟକ, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର ଓ କୋରାପୁଟର ଗୋଟିଏ ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ବର୍ଷା ସତ୍ତ୍ୱେ ଗୁରୁବାର ପାରଳାଖେମୁଣ୍ଡିରେ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ କରିଛି । ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୮ ଓ ୯ ତାରିଖରେ ରାଜ୍ୟର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି, ମାତ୍ର ୧୧ ତାରିଖରୁ ପରବର୍ତ୍ତୀ ୩ ଦିନ ମଧ୍ୟରେ ଅନେକ ସ୍ଥାନରେ ଦିନର ତାପମାତ୍ରା ୩-୪ ଡିଗ୍ରୀ ଯାଏଁ ବୃଦ୍ଧି ପାଇ ୪୦ ଡିଗ୍ରୀ ଛୁଇଁବ । ସୂର୍ଯ୍ୟଙ୍କ ପ୍ରଖର କିରଣ ସହ ଟାଣ ଖରା ସ୍ଥିତି ୧୧ରୁ ପରବର୍ତ୍ତୀ ପ୍ରାୟ ୫ ଦିନ ପର୍ଯ୍ୟନ୍ତ ଜାରି ରହିବ । ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଶୁକ୍ରବାର ଅର୍ଥାତ ମହାଶିବରାତ୍ରିରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ବିଶେଷ ବଢ଼ିବ ନାହିଁ, ମାତ୍ର ଭୁବନେଶ୍ୱର ସମେତ ଦକ୍ଷିଣ ଉପକୂଳରେ ସର୍ବାଧିକ ତାପମାତ୍ରା ପ୍ରାୟ ୧ ଡିଗ୍ରୀ ବଢ଼ିପାରେ । ତେବେ ଉପରବେଳା ମେଘୁଆ ପାଗ ଓ ସ୍ଥାନେ ସ୍ଥାନେ ଉପକୂଳରେ ବର୍ଷା ହୋଇପାରେ । ଆଭ୍ୟନ୍ତରୀଣ ଦକ୍ଷିଣର ଅନେକ ସ୍ଥାନରେ ୧୧ ତାରିଖରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ଛୁଇଁ ପରବର୍ତ୍ତୀ ୫ ଦିନ ପର୍ଯ୍ୟନ୍ତ ଅନୁରୂପ ସ୍ଥିତି ଜାରି ରହିବ । ଭୁବନେଶ୍ୱର ସମେତ ଉପକୂଳରେ କେତେକ ସ୍ଥାନରେ ୧୨ ତାରିଖରେ ୩୯-୪୦ ଡିଗ୍ରୀ ଛୁଇଁପାରେ ।


ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-253 •BHUBANESWAR •FRIDAY •8 MARCH 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୫୩ •ଭୁବନେଶ୍ୱର •ଶୁକ୍ରବାର •୮ ମାର୍ଚ୍ଚ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦


# ମା'ମାନଙ୍କ ଆତ୍ମବିଶ୍ୱାସ ବଢ଼ାଇଛି ମିଶନ ଶକ୍ତି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭।୩(ସମିସ):** ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟରେ ମହିଳାମାନଙ୍କର ଆଖିଦୃଶିଆ ପ୍ରଗତି ହୋଇଛି । ରାଜ୍ୟ ସରକାର ସେମାନଙ୍କ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଅଧିକାରର ସୁରକ୍ଷା ପାଇଁ ପ୍ରତିବଦ୍ଧତାର ସହ ଉଦ୍ୟମ ଜାରି ରଖିଛନ୍ତି । ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆସିପାରିଛି । ସାମାଜିକ ସ୍ତରରେ ସମ୍ମାନର ସହ ବଞ୍ଚିବାର ରାହା ଦେଖାଇବା ସହିତ ଅର୍ଥନୈତିକ ଉନ୍ନତି ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ଗୁରୁବାର ରାଜ୍ୟସ୍ତରୀୟ ବିଶ୍ୱ ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।



ସ୍ଥାନୀୟ ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ସମ୍ମାନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ ଆମ ଶାସ୍ତ୍ରମାନଙ୍କରେ ବର୍ଣ୍ଣନା ଅଛି ଯେ ଯେଉଁଠାରେ ମା' ମାନଙ୍କୁ ସମ୍ମାନ ମିଳେ, ସେଠାରେ ଦେବତାମାନେ ବାସ କରନ୍ତି । ଓଡିଶାରେ ମହିଳାମାନଙ୍କର ପ୍ରଗତି ଉପରେ ନିଜର ମତାମତ ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟରେ ମହିଳାମାନେ ଏବେ ରାଜନୈତିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି । ରାଜ୍ୟର ୩୦ଟି ଜିଲ୍ଲା ପରିଷଦ ମଧ୍ୟରୁ ୨୦ଟିରେ ମହିଳାମାନେ ନେତୃତ୍ୱ ନେଉଛନ୍ତି । ପଞ୍ଚାୟତ ଓ ପୌର ସଂସ୍ଥା ଗୁଡିକରେ ୫୦ ପ୍ରତିଶତରୁ ଅଧିକ ମହିଳା ପ୍ରତିନିଧିତ୍ୱ କରୁଛନ୍ତି ।

ସେହିପରି ମହିଳାମାନଙ୍କ ସାମାଜିକ ଅଧିକାରର ସୁରକ୍ଷା ଓ ପ୍ରତିଷ୍ଠା ବୃଦ୍ଧି ପାଇଁ ମଧ୍ୟ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ ବିଭିନ୍ନ ଯୋଜନାରେ ରାଜ୍ୟ ସରକାର ମହିଳାମାନଙ୍କୁ ଗୁରୁତ୍ୱ ଦେଇ ଅଧିକ ସୁବିଧା ଦେଉଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ମିଳୁଥିବା ବେଳେ ମହିଳାମାନଙ୍କୁ ୧୦ ଲକ୍ଷ ଟଙ୍କାର ସୁବିଧା ମିଳୁଛି । ନୂଆ-ଓ ଛାତ୍ରବୃତ୍ତିରେ ଝିଅମାନଙ୍କୁ ଅଧିକ ୧ ହଜାର ଟଙ୍କା ମିଳୁଛି । ଲକ୍ଷ୍ମୀ ବସ୍‌ରେ ମା'ମାନେ ମାତ୍ର ୫ ଟଙ୍କାରେ ଯିବାଆସିବା କରୁଛନ୍ତି । କେବଳ ସେତିକି ନୁହେଁ, ରେସନ କାର୍ଡ, ବିଏସ୍‌କେୱାଇ କାର୍ଡ, ପକ୍କା ଘର ଆଦି ସବୁ ମା'ମାନଙ୍କ ନାଁରେ ରହୁଛି । ମହିଳାମାନଙ୍କ ନାଁରେ ଜମି କିଣାହେଲେ ପଞ୍ଜିକରଣ ଖର୍ଚ୍ଚରେ ରିହାତି ଦିଆଯାଉଛି । ଏହି ସବୁ ପଦକ୍ଷେପ ଦ୍ୱାରା ସମାଜରେ ମା'ମାନଙ୍କ ଗୁରୁତ୍ୱ ବୃଦ୍ଧି ପାଇଛି । ମା'ମାନଙ୍କ ପାଖରେ ବହୁତ ସମ୍ଭାବନା ରହିଛି । ସେମାନେ ଦୃଢ ନିଶ୍ଚୟ ହେଲେ ଜୀବନରେ ବହୁତ କିଛି ହାସଲ କରି ପାରିବେ । ମହିଳାମାନଙ୍କ ଜୀବନରେ ସଫଳତା କାମନା କରିବା ସହିତ ସେମାନେ ସବୁ କ୍ଷେତ୍ରରେ ସୁନାମ କରନ୍ତୁ ବୋଲି କହିବା ସହ 'ନୂଆ ଓଡିଶା' ଗଠନରେ ମା'ମାନେ ସେମାନଙ୍କ ଅବଦାନ ରଖିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ ।

କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଲେ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଓ ପ୍ରେରଣାଦାୟୀ ଦିଗ୍‌ଦର୍ଶନ ଜରିଆରେ ମହିଳା ଶିଶୁ ବିକାଶ ବିଭାଗ ବିଭିନ୍ନ ମହିଳାକେନ୍ଦ୍ରିକ ଯୋଜନା ଯଥା ମାତୃକଲ୍ୟାଣ ଯୋଜନା, ମମତା, ଅଦ୍ୱିକା, ଜାଗୃତି, ମହିଳା ହେଲ୍ପ ଲାଇନ୍, ବିଜୁ କନ୍ୟାରତ୍ନ ଓ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଆଦି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରି ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣକୁ ସୁଦୃଢ କରୁଛନ୍ତି । ମିଶନ ଶକ୍ତି ଆଜି ରାଜ୍ୟର ୭୦ ଲକ୍ଷ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିଛି ବୋଲି ସେ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଝାରସୁଗୁଡାର ଡିଏସ୍‌ଡବ୍ଲ୍ୟୁଓ ପୂର୍ଣ୍ଣ୍ୟବତୀ ହେଲନସ୍କେ, ମୟୁରଭଞ୍ଜର ପ୍ରୋଗ୍ରାମ୍ ଅଫିସର ଜୋସ୍ନା ମହାନ୍ତି, ଜଗତସିଂହପୁର ଜିଲ୍ଲାର ଅଙ୍ଗନବାଡି କର୍ମୀ ନଳିନୀପ୍ରଭା ଦାସ, ସୁନ୍ଦରଗଡ ଜିଲ୍ଲାର ଅଙ୍ଗନବାଡି କର୍ମୀ ସୁକାନ୍ତୀ ପାତ୍ର, ଗଜପତି ଜିଲ୍ଲାର ଅଙ୍ଗନବାଡି କର୍ମୀ ସୁନୀତା ନାୟକ ଏବଂ କିଶୋରୀ ବାଳିକା ବିକାଶ ଯୋଜନାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ନବରଙ୍ଗପୁର ଜିଲ୍ଲାର ସରିତା ଗରଡା ଓ କନ୍ଧମାଳ ଜିଲ୍ଲାର ଶରତ ଘିବଲାଙ୍କୁ ପୁରସ୍କୃତ କରିବା ସହ ଆଶୀର୍ବାଦ ଯୋଜନା, ବିଜୁ କନ୍ୟାରତ୍ନ, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଓ ଅଦ୍ୱିକା ଉପରେ ଆଧାରିତ ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚନ କରିଥିଲେ ।

> **ଆପଣମାନେ ଆଗକୁ ବଢ଼ନ୍ତୁ, ମୁଁ ଆପଣମାନଙ୍କ ସହିତ ଅଛି ।**

କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଆଠଗଡ ସେକ୍ଟରର ଅଙ୍ଗନବାଡି କର୍ମୀ ଇପ୍ସିତା ମହାନ୍ତି କହିଥିଲେ ଯେ ଆଜି ଆମ ଗାଁରେ ମୋ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଛି । ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କ ପାଇଁ ଅଙ୍ଗନବାଡି କେନ୍ଦ୍ରର ରୂପରେଖ ବଦଳି ଯାଇଛି । ଅଙ୍ଗନବାଡି କର୍ମୀମାନଙ୍କର ପାରିଶ୍ରମିକ ବୃଦ୍ଧି କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ । ସେହିପରି କୋରାପୁଟ ଜିଲ୍ଲା କୁନ୍ଦ୍ରା ଅଞ୍ଚଳର ମମତା ହିତାଧିକାରୀ ଭଗବତୀ ହରିଜନ ତାଙ୍କ ଅଭିଜ୍ଞତା ବିଷୟରେ କହିଥିଲେ ଯେ ଆମ ମୁଖ୍ୟମନ୍ତ୍ରୀ ଆମ ମା'ମାନଙ୍କ ମନ କଥା ଜାଣି ଆମ ପାଇଁ ସବୁ ସୁବିଧା କରିଛନ୍ତି । କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଆଇସିଡିଏସ୍ ନିର୍ଦ୍ଦେଶକ ମନିଷା ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

■ ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାବାସୀଙ୍କ ସମସ୍ୟା ଶୁଣିଲେ ୫-ଟି ଅଧ୍ୟକ୍ଷ

# ଦିନକରେ ୨ ଜିଲ୍ଲାକୁ ୬୦୨ ପ୍ରକଳ୍ପ, ୧୮ କୋଟି ଟଙ୍କାର କାର୍ଯ୍ୟାଦେଶ

**ଭୁବନେଶ୍ୱର, ୭।୩(ସମିସ):** ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାବାସୀ ସରକାରଙ୍କୁ ନିଜ ସମସ୍ୟା ଜଣାଇଲେ ଆଉ ୨୪ ଘଣ୍ଟା ଭିତରେ ରାଜ୍ୟ ସରକାର ପଦକ୍ଷେପ ନେଲେ । ଦୁଇ ଜିଲ୍ଲାବାସୀଙ୍କ ଅଭିଯୋଗ ଓ ପ୍ରସ୍ତାବ ଆଧାରରେ ଆଜି ଗୋଟିଏ ଦିନରେ ୧୮.୪୫ କୋଟି ଟଙ୍କାର ୬୦୨ଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆଭାସୀ ମାଧ୍ୟମରେ ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାର ଲୋକଙ୍କ ସହ ଆଲୋଚନା କରିଛନ୍ତି । ସମ୍ବଲପୁର ଜିଲ୍ଲାରେ ନାକଟିଦେଉଳ ମିନି ଷ୍ଟାଡିୟମ୍, ସୁବନପାଲି ଧନୁଯାତ୍ରା ପଡ଼ିଆ ଓ ଜମନକିରା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ଜନତା ଉପସ୍ଥିତ ରହି ୫-ଟି ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ । ସେହିପରି ଦେବଗଡ଼ ଜିଲ୍ଲାରେ ବାରକୋଟ, ବାହାଡ଼ାପୋଷୀ ପଡ଼ିଆରେ ଜନସାଧାରଣ ଉପସ୍ଥିତ ଥିଲେ ।

## ଜିଲ୍ଲା ଗସ୍ତ ପରେ ମଞ୍ଜୁର ହୋଇଛି ୬୩୦ କୋଟିର ପ୍ରକଳ୍ପ

'ଗୋଟିଏ ଦିନର ଶାସନ' ନୀତି ଆଧାରରେ ଗତ କାଲି ପରି ଆଜି ମଧ୍ୟ ଶ୍ରୀ ପାଣ୍ଡିଆନ୍ ଜିଲ୍ଲାବାସୀଙ୍କ ସମସ୍ୟା ଶୁଣିଥିଲେ । ସମସ୍ୟା ଦୂର ପାଇଁ କ'ଣ କରାଯିବା ଜରୁରୀ ତାହା ମଧ୍ୟ ସେମାନଙ୍କ ଠାରୁ ପଚାରି ବୁଝିଥିଲେ । ଉଭୟ ସ୍ଥାନରୁ ହସ୍ତଗତ ପ୍ରସ୍ତାବ ଓ ସମସ୍ୟାକୁ ବିଚାର କରିବା ପରେ ମୁଖ୍ୟମନ୍ତ୍ରୀ ଗୋଟିଏ ଦିନ ଭିତରେ ସମ୍ବଲପୁର ଜିଲ୍ଲାରେ ୩୧୦ଟି ପ୍ରକଳ୍ପ ମଞ୍ଜୁର କରିଥିଲେ । ଏଥିପାଇଁ ୧୦ କୋଟି ୨୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ସେହିପରି ଦେବଗଡ଼ ଜିଲ୍ଲାପାଇଁ ୮.୧୮ କୋଟି ଟଙ୍କା ବ୍ୟୟରେ ୨୯୨ଟି ପ୍ରକଳ୍ପ ମଞ୍ଜୁର କରାଯାଇଛି ।

ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଗତ ବର୍ଷ ତାଙ୍କର ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା ଗସ୍ତ ପରେ ଲୋକଙ୍କ ମତାମତ ଆଧାରରେ ଦୁଇ ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ୬୩୦ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇ କାମ ଆରମ୍ଭ ହୋଇଛି । ସମସ୍ତ ବର୍ଗରେ ସାମାଜିକ ସୁରକ୍ଷା ହିତାଧିକାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୫୦୦ ଟଙ୍କା ଭତ୍ତା ବୃଦ୍ଧି କରିଛନ୍ତି ଏବଂ ଏହା ଦ୍ୱାରା ରାଜ୍ୟର ୫୮ ଲକ୍ଷ ହିତାଧିକାରୀ ଉପକୃତ ହୋଇଛନ୍ତି ।



ସେହିପରି ମମତା ଯୋଜନାରେ ଆର୍ଥିକ ପ୍ରୋତ୍ସାହନ ରାଶି ୫୦୦୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କର ଏହି ନିଷ୍ପତ୍ତି ଦ୍ୱାରା ମହିଳା ଓ ଶିଶୁମାନଙ୍କ ପୋଷଣରେ ବିକାଶ ହେବା ସହିତ ସେମାନେ ଉତ୍ତମ ସ୍ୱାସ୍ଥ୍ୟ ପାଇପାରିବେ । ମହିଳା ମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ମିଶନ୍ ଶକ୍ତି ଗ୍ରୁପ୍ ଗୁଡିକ ପାଇଁ ସରକାର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ବ୍ୟବସ୍ଥା କରିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ।




## ଉତ୍କଳ ସାମ୍ବାଦିକ ସଂଘ ଅନୁଗୋଳ ଜିଲ୍ଲା ଶାଖାର ସାଧାରଣ ଅଧିବେଶନ

# ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ ହେବାକୁ ଆହ୍ୱାନ



**ତାଳଚେର, ୭ ।୩(ସମିସ)**

ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବାକୁ ଢେଙ୍କାନାଳ ସାଂସଦ ମହେଶ ସାହୁ ଆହ୍ୱାନ ଦେବା ସହ ସତ୍ୟ, ନିର୍ଭିକ ଖବର ପରିବେଷଣ କରିବାକୁ ପରାମର୍ଶ ଦେଇଛନ୍ତି । ଉତ୍କଳ ସାମ୍ବାଦିକ ସଂଘ ଅନୁଗୋଳ ଜିଲ୍ଲା ଶାଖା ପକ୍ଷରୁ ଗୁରୁବାର ତାଳଚେର ଏମସିଏଲ୍ ଦେଉଳବେଡ଼ା କୋଲିୟରୀ ସ୍ଥିତ ମଙ୍ଗଳମ୍ ହଲ୍ ଠାରେ ଅନୁଷ୍ଠିତ ସାଧାରଣ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଶ୍ରୀ ସାହୁ ପ୍ରଜା, ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ଚଳଚଞ୍ଚଳ କରିବାରେ ସାମ୍ବାଦିକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସବୁ ସ୍ତରରେ ସାମ୍ବାଦିକମାନଙ୍କୁ ସାହାଯ୍ୟ ଓ ସହଯୋଗ କରାଯିବା ଉଚିତ୍ ବୋଲି ମତବ୍ୟକ୍ତ କରିଛନ୍ତି । ଅନୁଗୋଳ ଜିଲ୍ଲା ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଙ୍କ ଅବନୀକାନ୍ତ ସାହୁ, ଅନୁଗୋଳ ସଂଯୁକ୍ତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଅଧ୍ୟକ୍ଷ ସନ୍ତୋଷ କୁମାର ପ୍ରଧାନ ଓ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଂପାଦକ ବିଶ୍ୱଜିତ୍ ନାୟକ ଯୋଗଦେଇ ସମାଜ ଗଠନରେ ସାମ୍ବାଦିକମାନଙ୍କ ଉଲ୍ଲେଖନୀୟ ଭୂମିକା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସଂପାଦକ ବେଣୁଧର ପଣ୍ଡା ଯୋଗଦେଇ ରାଜ୍ୟ ସରକାରଙ୍କ ତରଫରୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା ଓ ବୀମା ଯୋଜନାରେ ପ୍ରଦତ୍ତ ରାଶିକୁ ବୃଦ୍ଧି ସହ ପେନସନ୍ ଇତ୍ୟାଦି ପ୍ରଦାନ କରାଯିବା ପାଇଁ ଦାବି ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ରାଜ୍ୟସ୍ତରରେ ଆନ୍ଦୋଳନ ଓ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ସୂଚନା ଦେଇଥିଲେ । ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ସଂପାଦକ ଡକ୍ଟର ରଶ୍ମିରଞ୍ଜନ ମିଶ୍ର ବିବରଣୀ ପାଠ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ସଂଘର ଉପଦେଷ୍ଟା ଦେବୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ସଂଗ୍ରାମ ରଞ୍ଜନ ଦାସ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟିପାତ କରିଥିଲେ । ସେହିପରି ଆଠମଲ୍ଲିକ୍ ବ୍ଲକ ସଭାପତି ସୁଧାଂଶୁ ଗାଇଗାରିଆ, କଣିହାଁ ବ୍ଲକ ସଭାପତି କଷ୍ଟୁ ଚରଣ ସାମଲ, ପାଲଲହଡ଼ା ବ୍ଲକ ସଭାପତି ସୁଶିଲ ସାମଲ, ତାଳଚେର ଶାଖା ସଭାପତି ବିଜୟ କୁମାର ଦେବତା ପ୍ରମୁଖ ସାଂଗଠନିକ ଅଭିଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା କୋଷାଧ୍ୟକ୍ଷ ତପନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ସମାଜସେବୀ କ୍ଷୀରୋଦ ସାହୁ, ସାମାଜିକ ସଂଗଠନ 'ଜେସିଆଇ', ମହିଳା ସଂଗଠନ ଅନ୍ନପୂର୍ଣ୍ଣା ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଗୋଳ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ପତିତପାବନ ସାହୁ, ବିଜୟ କୁମାର ରାଉତ, ଶୁଭ୍ରରଞ୍ଜନ ଦାସ, ଆଶିଷ କୁମାର ସିଂ, ଦିବ୍ୟ ଶାନ୍ତନୁ ନାଥ, ଲିଟୁନ୍ କୁମାର ସାହୁ, ମେହମୁଦ୍ ଖାଁ, ପ୍ରକାଶ ସାହୁ, ଅନିଲ୍ କୁମାର ସାମଲ, କଷ୍ଟୁ ଚରଣ ସାମଲ, ଚିତରଞ୍ଜନ ପାଣି ଓ ବିପିନ୍ ବିହାରୀ ନାୟକ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ସାଂସଦ ଶ୍ରୀ ସାହୁ ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ନୂତନ ସଦସ୍ୟ ଭାବେ ଶିବ ପ୍ରସାଦ ବେହେରା, ତ୍ରିଲୋଚନ ସ୍ୱାଇଁ, ଦିବ୍ୟ ଶାନ୍ତନୁ ନାଥ, ମହେନ୍ଦ୍ର ସିଂ, ଦୁର୍ଗାପ୍ରସାଦ ସ୍ୱାଇଁ, କୃଷ୍ଣଚନ୍ଦ୍ର ରଥ ଓ ଗଦାଧର ସାହୁଙ୍କୁ ଗ୍ରହଣ କରାଯାଇଥିଲା ବେଳେ ଜିଲ୍ଲା ସଂଘର ନୂତନ ସଂପାଦକ ଭାବେ ଚିତରଞ୍ଜନ ପାଣିଙ୍କୁ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ସାମ୍ବାଦିକ ଯୋଗଦେଇଥିଲେ ।






## ଡାକ୍ତର ନିଯୁକ୍ତି ଦାବିରେ ମାଧପୁର ବନ୍ଦ



**କିଶୋରନଗର, ୭ ।୩(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମେଡିକାଲ ଅଫିସର ନିଯୁକ୍ତି ଏବଂ ସ୍ୱାସ୍ଥ୍ୟ ସେବା ସଂକ୍ରାନ୍ତୀୟ ଅନ୍ୟାନ୍ୟ ଦାବିନେଇ ଗୁରୁବାର ସକାଳ ଛଅଟାରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ମାଧପୁର ୧୨ ଘଣ୍ଟିଆ ବନ୍ଦ କରିଛି ଓଡ଼ିଆ କୃଷକ ମହାସଂଘ ଆଠମଲ୍ଲିକ ଶାଖା । ଏନେଇ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିବା ପରିଲକ୍ଷିତ ହୋଇଥିବା ବେଳେ ଏହି ବନ୍ଦ ପାଳନରେ ଆଠମଲ୍ଲିକ ବରିଷ୍ଠ ନାଗରିକ ମଞ୍ଚ ମଧ୍ୟ ସମର୍ଥନ ଜଣାଇଥିବା ଜଣାଯାଇଛି । କୃଷକ ମହାସଂଘର ସଭାପତି ଦେବେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱ ହେଉଥିବା ଏହି ବନ୍ଦ ପାଳନରେ ସଙ୍ଘର ମୁଖ୍ୟ ସଂଯୋଜକ ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନ, ସଂପାଦକ ଯତୀନ୍ଦ୍ର ପ୍ରଧାନ, ଭୀମସେନ ମହାକୁଡ଼, ଶ୍ରୀନିବାସ ପ୍ରଧାନ, ବଶିଷ୍ଟ ନାଗରିକ ମଞ୍ଚର ସଭାପତି ପୀତାମ୍ବର ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ । ସୂଚନାଯୋଗ୍ୟ କି, ଗତବର୍ଷ ଅଗଷ୍ଟ ମାସରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମେଡିକାଲ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସଂପୃକ୍ତ ଡାକ୍ତର କାର୍ଯ୍ୟରେ ଯୋଗଦେଇ ନାହାନ୍ତି । ତେଣୁ ଆଜି ଏହି ବନ୍ଦ ପାଳନ ନିଷ୍ପତ୍ତି ନିଆଯାଇଛି ବୋଲି ସଂଘ ସଭାପତି ଦେବେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ସାତକୋଶିଆ ଅଭୟାରଣ୍ୟରେ ଜଳିଗଲା ବିରାଟ ବୃକ୍ଷ

● ବନ କର୍ମଚାରୀଙ୍କ ଦୃଷ୍ଟି ପଡୁନି



**ଜଗନ୍ନାଥପୁର, ୭ ।୩(ସମିସ):** ବୁଧବାର ରାତିରେ ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ କରଡ଼ାପଡା ନିକଟସ୍ଥ ଟିକରପଡ଼ା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ବିରାଟ ବୃକ୍ଷରେ ନିଆଁ ଲାଗି ହୁହୁ ହୋଇ ଜଳୁଥିବା ଦେଖିବାକୁ ମିଳିଥିଲା । ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଏହି ବଡ଼ ଗଛରେ ନିଆଁ ଲାଗିଛି । ହେଲେ ସ୍ଥାନୀୟ ବନବିଭାଗ କର୍ମଚାରୀଙ୍କ ନଜରକୁ ଏହା କିପରି ଆସିପାରିନାହିଁ ତାହା ଆଶ୍ଚର୍ଯ୍ୟର ବିଷୟ । ଯଦି ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଏହିଭଳି ବଡ଼ ବଡ଼ ବୃକ୍ଷ ଜଳିବା ଆରମ୍ଭ ହେବ, ତେବେ ଆଗକୁ ଅଭୟାରଣ୍ୟରେ ଥିବା ଜଙ୍ଗଲ ପଦା ହୋଇଯିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ । ତେଣୁ ଏଥିପ୍ରତି ବନବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଭୟାରଣ୍ୟ ବାସିନ୍ଦା ଦାବି କରିଛନ୍ତି ।

## ମାଗଣା ସ୍ୱାସ୍ଥ୍ୟ ଶିବିର

**ବଇଣ୍ଡା, ୭ ।୩(ସମିସ):** କିଶୋରନଗର ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରଟି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ କର୍ମକର୍ତ୍ତା, କିଶୋରନଗର ବନପାଳ ଓ ତାଙ୍କ କର୍ମକର୍ତ୍ତାଙ୍କ ମିଳିତ ସହାୟତାରେ ଆୟୋଜନ କରଯାଇଥିଲା । ଉକ୍ତ ସ୍ୱାସ୍ଥ୍ୟ ଶିବିରକୁ କିଶୋରନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ କ୍ଷେତ୍ର ପରିଚାଳନା ସଂଯାଜକ ତାପସ ରଂଜନ କର ଓ ବାସୁଦେବ ରାୟଗୁରୁ, ଉନ୍ନୟନ ଅଧିକାରୀ ମନଗୁଡ୍ଡୁ ଜୁଆଡ଼ି, ଦଳପତି ଅମିୟ ରଞ୍ଜନ ରାଉଳ ଓ କିଶୋରନଗର ବନପାଳ ଶୁଭେନ୍ଦୁ କୁମାର ପ୍ରଧାନ, କିଶୋରନଗର ବିଟ ଦାୟିତ୍ୱରେ ଥିବା ବନପାଳ ବାବୁଲି ପ୍ରଧାନ ଯୋଗ ଦେଇଥିଲେ । ଏଥିରେ ବିଦ୍ୟାଳୟ ର ୩୩୨ ଜଣ ଛାତ୍ରୀ ଛାତ୍ରଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କିଶୋରନଗରର ଡାକ୍ତର ତରୁଣ କୁମାର ଭଞ୍ଜ, ଦନ୍ତରୋଗ ବିଶେଷଜ୍ଞ ଜେଓ୍ୱା ତ୍ରିପାଠୀ, ଡାକ୍ତର ବିନୟ ମିଶ୍ର ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସମସ୍ତଙ୍କୁ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା ।

## ମୋ ସ୍କୁଲ ଅଭିଯାନ ବୈଠକ

**ବଇଣ୍ଡା, ୭ ।୩(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ମା' ହିଙ୍ଗଳାଇ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ମୋ ସ୍କୁଲ ଅଭିଯାନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ରଣଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ଅରୁଣ କୁମାର ସାହୁ, ବାସୁଦେବ ବେହେରା, ପ୍ରାଣବନ୍ଧୁ ପ୍ରଧାନ, ସସ୍ମିତା ପ୍ରଧାନ, ଈଶ୍ୱର ଚନ୍ଦ୍ର ବେହେରାଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ । ସେହିପରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲୁହାମୁଣ୍ଡାରେ ମୋ ସ୍କୁଲ ଅଭିଯାନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ବିନାୟକ ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ ବୈଠକର ଉଦ୍ଦେଶ୍ୟ ଓ ମୋ ସ୍କୁଲ ଅଭିଯାନର ଅନୁଦାନ ସମ୍ବନ୍ଧରେ ଉପସ୍ଥାପନ କରିଥିଲେ । ଅତିଥି ଭାବରେ ଧୋବେଇ ବେହେରା, ରଣଜିତ୍ ପ୍ରଧାନ, ତପନ କୁମାର ପ୍ରଧାନ, ବିଭୁତି ପ୍ରଧାନ, ଛବିନ୍ଦ୍ର ରାଉଳ, ପୁଷ୍ପାଞ୍ଜଳି ବିଶ୍ୱାଳ, ରାନୁ ମହାକୁଡ଼ ଶିକ୍ଷୟିତ୍ରୀ ସ୍ମିତାରାଣୀ ବେହେରା ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ନିତ୍ୟାନନ୍ଦ ବାରିକ ଧନ୍ୟବାଦ ଦେଇଥିଲେ ।

## ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ

**କିଶୋରନଗର, ୭ ।୩(ସମିସ):** କିଶୋରନଗର ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଆଜି ବ୍ଲକ ପରିସରରେ ବିଏସକେଓ୍ୱାଇ ନବୀନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୈରିନ୍ଦ୍ରୀ ପ୍ରଧାନ, ଏ ବିଡିଓ ଦିଲୀପ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଯୋଗାଣ ଅଧିକାରୀ ଋଷଭ ଚନ୍ଦ୍ର ନାଏକ ଯୋଗଦେଇ ୧୬୦ ହିତାଧିକାରୀଙ୍କୁ ବିଏସକେଓ୍ୱାଇ ନବୀନ କାର୍ଡ ବଣ୍ଟନ କରିଛନ୍ତି । ଏଥିରେ ବିଭିନ୍ନ ପଞ୍ଚାୟତର ଡିଲରମାନେ ଉପସ୍ଥିତ ଥିଲେ ।

## ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ବଇଣ୍ଡା, ୭ ।୩(ସମିସ):** କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ପରିସରରେ ଗୁରୁବାର ଶିଶୁ ବାଟିକାର ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନାଥ ଜେନା ଯୋଗଦେଇ କିଭଳି ପରିବାର ରେ ଶିଶୁ ଙ୍କୁ ବ୍ୟବହାର ଶିକ୍ଷାଇବେ ସେ ସମ୍ପର୍କରେ ପରାମର୍ଶ ଦେବା ସହ ଶିଶୁ ଭଲ ମଣିଷ କରିବା ରେ ଅଭିଭାବକ ଙ୍କର ଭୂମିକା ସମ୍ପର୍କରେ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଅଭିଭାବକ ଦିଲପ ମେହେର ଯୋଗ ଦେଇଥିଲେ । ଶିଶୁ ବାଟିକାର ପ୍ରମୁଖ ଅନ୍ନପୂର୍ଣ୍ଣା ରାଉତ ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମିନାକ୍ଷୀ ପ୍ରଧାନ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଇତିଶ୍ରୀ ସାହୁ, ରୀତା ନାୟକ, ରତ୍ନମଞ୍ଜରି ସାହୁ ସହଯୋଗ କରିଥିଲେ ।

## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା

# ୩ଟି ରାସ୍ତା ନିର୍ମାଣର ଭୂମିପୂଜନ



**ତାଳଚେର ସଦର, ୭ ।୩(ସମିସ):** ଆଜି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ତାଳଚେରରେ ତିନୋଟି ରାସ୍ତା ନିର୍ମାଣର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଡ଼ଅଁରା ଠାରୁ କର୍ଣ୍ଣପୁର ଭାୟା ନାଡିଡ଼ି, ସାଉଥ ବଲଣ୍ଡାଠାରୁ ଭାୟା ଟେଣ୍ଟୁଲେଇ, ଥର୍ମାଲ ଏନଏଚ ଠାରୁ ଭାୟା ସନ୍ତପଡ଼ା କମଳାଙ୍ଗ ବ୍ରିଜ, ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆଜି ତା'ର ଭୂମି ପୂଜନ ଉତ୍ସବ ପାଳନ କରାଯାଇଛି । ଏହି ୩ଟି ରାସ୍ତା ନିର୍ମାଣ ଭୂମିପୂଜନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୧୮ ନଂ ଜୋନ ଜିଲ୍ଲା ପରିଷଦ ଅମିୟ କୁମାର ପ୍ରଧାନ, ଡଅଁରା ଗ୍ରାମ ପଞ୍ଚାୟତର ସରପଞ୍ଚ ନନ୍ଦକିଶୋର ବେହେରା, ସମିତିସଭ୍ୟା ଅଶାନ୍ତି ପ୍ରଧାନ, କର୍ଣ୍ଣପୁର ସମିତି ସଭ୍ୟ ପ୍ରଦୀପ ବେହେରା, ଟେଣ୍ଟୁଲେଇ ଗ୍ରାମ ପଞ୍ଚାୟତର ସରପଞ୍ଚ ସୁରେଶ ଚନ୍ଦ୍ର ବେହେରା, ସମିତିସଭ୍ୟ ଦୟାନିଧି ବେହେରା ଓ ସେହିପରି ସନ୍ତାପଡ଼ା ପଞ୍ଚାୟତରେ ସନ୍ତପଡ଼ା ସରପଞ୍ଚ ଓ ସମିତିସଭ୍ୟ, ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## କିମ୍ସ ୟୁନିଭର୍ସିଟି ଡାକ୍ତରୀ ଛାତ୍ରୀ ଶୁଭସ୍ମିତାଙ୍କ ସଫଳତା



**ଆଠମଲ୍ଲିକ, ୭ ।୩(ସମିସ):** କିମ୍ସ ୟୁନିଭରସିଟିର ଡାକ୍ତରୀ ଛାତ୍ରୀ ଶୁଭସ୍ମିତା ପଣ୍ଡା ଚତୁର୍ଥ ସ୍ଥାନ ଅଧିକାର କରି ସଫଳତା ପାଇଥିବା ଜଣା ପଡିଛି । ସେ ଫାର୍ମାକୋଲୋଜି ଓ ମେଡିସିନରେ ଅନର୍ସ ସହ କୃତକାର୍ଯ୍ୟ ହୋଇଛନ୍ତି । ଛାତ୍ରୀ ଶୁଭସ୍ମିତାଙ୍କ ମାତା ସ୍ନିଗ୍ଧାରାଣୀ ସିଂ ଆଠମଲ୍ଲିକ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ନର୍ସିଂ ଅଫିସର ଥିବାବେଳେ ପିତା ଡ଼ଃ ସୁନୀଲ କୁମାର ପଣ୍ଡା ଜିଲ୍ଲା ଡାକ୍ତରଖାନାରେ ସିନିଅର କନସଲଟାଣ୍ଟ ଭାବରେ କାର୍ଯ୍ୟରତ ଅଛନ୍ତି । ସୂଚନା ମୁତାବକ ଶୁଭସ୍ମିତା ପଣ୍ଡା ତାଙ୍କର ଶିକ୍ଷା ଜୀବନରେ ବହୁ ସଫଳତା ପାଇ ତୃତୀୟ ଶ୍ରେଣୀରେ ବୃତ୍ତି ଟପ୍ପର, ପଞ୍ଚମ ଶ୍ରେଣୀରେ ବୃତ୍ତି ଟପ୍ପର, ସପ୍ତମ ଶ୍ରେଣୀରେ ଏନଆରଇଟିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ, ନବମ ଶ୍ରେଣୀରେ ପଠାଣି ସାମନ୍ତ ମେଧାବୃତ୍ତି ପାଇବା ସହିତ ମାଟ୍ରିକରେ ଆଠମଲ୍ଲିକ ବ୍ଲକ ଟପ୍ପର ହୋଇଥିଲେ । ଏହି ସଫଳତା ପାଇଁ ସେ ତାଙ୍କ ପିତା, ମାତା, ଗୁରୁଜନ ଏବଂ ଅଜା ସ୍ୱର୍ଗତଃ ଭୁବନ ବିଜୟୀ ସିଂ ଙ୍କୁ ଶ୍ରେୟ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ଗ୍ରାମୀଣ ଉଦ୍ୟୋଗ କର୍ମଶାଳା

**ଅନୁଗୋଳ, ୭ ।୩(ସମିସ):** ଜିଲ୍ଲାରେ ଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକର ଦକ୍ଷତା ବଢାଇ ଗ୍ରାମୀଣ କ୍ଷେତ୍ରରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ରୂପାନ୍ତରଣ କରିବା ଲକ୍ଷ୍ୟରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଓ ଆଲୋଚନାଚକ୍ର ଓରମାସ୍ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଉଦଯାପିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଗୋଳ ଜିଲ୍ଲାକୁ ଗ୍ରାମୀଣ ଉଦ୍ୟୋଗ କ୍ଷେତ୍ରରେ ଅଗ୍ରଣୀ ଜିଲ୍ଲାରେ ପରିଣତକରିବା ପାଇଁ ଆବଶ୍ୟକ ପ୍ରଶିକ୍ଷଣ ଓ ଭିତ୍ତିଭୂମି ଯୋଗାଇ ଦିଆଯାଉଛି ବୋଲି କହିବା ସହ ଏଥିନିମନ୍ତେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ ଯୋଗଦେଇ ଉପସ୍ଥିତ ଅଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଅନୁଗୋଳ ଜିଲ୍ଲାରେ ଗ୍ରାମୀଣ ଉଦ୍ୟୋଗ ପାର୍କର ସ୍ଥାପନ ଓ ଏହାରକାର୍ଯ୍ୟକାରୀତାକୁ ନେଇ ପାୱାର ପଏଣ୍ଟ ପ୍ରଶିକ୍ଷଣ ଦେଇଥିଲେ । ଏହି କର୍ମଶାଳାରେ ଓରମାସର ରାଜ୍ୟସ୍ତରୀୟ ସାଧନକର୍ମୀ ଆଭାସୀ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ । ବିଭିନ୍ନ ଜିଲ୍ଲାରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ ଗ୍ରାମୀଣ ଉଦ୍ୟୋଗର ସଫଳ କାହାଣୀର ଭିଡିଓ ପ୍ରଦର୍ଶିତ ହୋଇଥିଲା । ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାସ, ଜିଲ୍ଲା ପରିଷଦର କାର୍ଯ୍ୟକ୍ରମ ପ୍ରବନ୍ଧକ (ଅର୍ଥ) ଅବିନାଶ ମହାନ୍ତିଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।



# ଚାଳଗଡ଼କୁ ରାଜସ୍ୱ ଗ୍ରାମ ଘୋଷଣା ଲାଗି ଜିଲ୍ଲାପାଳଙ୍କୁ ଦାବିପତ୍ର

**ତାଳଚେରସଦର, ୭ ।୩(ସମିସ)**



ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚାଳଗଡ଼ ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରିବାକୁ ଗ୍ରାମ୍ୟ କମିଟି ପକ୍ଷରୁ ଆଜି ଅନୁଗୋଳ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଚାଳଗଡ଼ ଗ୍ରାମର ଲୋକସଂଖ୍ୟା ୨୫୦୦ରୁ ଅଧିକ ଏବଂ ଭୋଟରଙ୍କ ସଂଖ୍ୟା ୧୫୦୦ ଅଟେ । ସରକାରୀ ନିୟମ ଅନୁଯାୟୀ ଚାଳଗଡ଼ ଗ୍ରାମ ସମସ୍ତ ମାପଦଣ୍ଡ ରଖୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମ ମାନ୍ୟତାରୁ ବଞ୍ଚିତ ହୋଇଛି । ତେବେ ସମସ୍ତ ମାପଦଣ୍ଡ ରଖି ମଧ୍ୟ ବାରମ୍ବାର ସରକାରଙ୍କ ନୂତନ ରାଜସ୍ୱ ଗ୍ରାମ ତାଲିକାରୁ ବାଦ ପଡିବା ପରେ ହତାଶ ହୋଇ ଗ୍ରାମ କମିଟି କେଉଁଠି ତ୍ରୁଟି ରହୁଛି ଜାଣିବା ଉଦ୍ଦେଶ୍ୟରେ କମିଟି ପକ୍ଷରୁ ଆରଟିଆଇ ମାଧ୍ୟମରେ ତାଳଚେର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସୂଚନା ବିଭାଗ ଅଧିକାରୀଙ୍କୁ ଗତ ୨୦୨୩ ମସିହା ମେ ୨୯ ତାରିଖ ଦିନ କିଛି ତଥ୍ୟ ମଗା ଯାଇଥିଲା । ତେବେ ସେଠାରୁ ରାଜସ୍ୱ ଗ୍ରାମ ସମ୍ବନ୍ଧରେ କୌଣସି ତଥ୍ୟ ନମିଳିବାରୁ ନିରାଶ ହୋଇ କମିଟି ପକ୍ଷରୁ ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସୂଚନା ବିଭାଗ ଅଧିକାରୀଙ୍କୁ ଗତବର୍ଷ ଜୁଲାଇ ୮ ତାରିଖରେ ରାଜସ୍ୱ ଗ୍ରାମ ସମ୍ବନ୍ଧରେ ସୂଚନା ପାଇବା ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କରାଯାଇଥିଲା । କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଆଜି ପର୍ଯ୍ୟନ୍ତ କୌଣସି ତଥ୍ୟ ହସ୍ତଗତ ହୋଇ ପାରିନାହିଁ । ଏଣୁ ଉକ୍ତ ପ୍ରସଙ୍ଗକୁ ଗୁରୁତର ସହ ନେଇ ଚାଳଗଡ଼ ଗ୍ରାମକୁ ଖୁବ ଶୀଘ୍ର ଏକ ନୂତନ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରି ସରକାରୀ ସ୍ତରରେ ପରିଚୟ ଦେଇ ନ୍ୟାୟ ପ୍ରଦାନ କରାଇଲେ ଗ୍ରାମବାସୀ ଉପକୃତ ହେବେ ବୋଲି ଦାବିପତ୍ର ଯୋଗେ ନିବେଦନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ଚାଳଗଡ଼ ଗ୍ରାମ୍ୟ କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଶିବାନନ୍ଦ ଥମ୍ବ, ସହ କୋଷାଧ୍ୟକ୍ଷ କିଶୋର ଧୀର, ନାଏବ ସରପଞ୍ଚ ରାଜୀବ ଦାସ, ସହ ସମ୍ପାଦକ ବିରଞ୍ଚି ସାମଲ ଓ କମିଟି ସଦସ୍ୟ ଗଣେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ସର୍ଟସର୍କିଟ୍‌ରୁ ଜଳିଗଲା କୋଇଲା ବୋଝେଇ ଟ୍ରକ୍; ଚାଳକ ଆହତ



**ଅନୁଗୋଳ, ୭ ।୩(ସମିସ):** ବୁଧବାର ବିଳମ୍ବିତ ରାତିରେ ସ୍ଥାନୀୟ ହୁଲୁରିସିଂହା ଛକଠାରେ ଏକ କୋଇଲା ବୋଝେଇ ଟ୍ରକରେ ନିଆଁ ଲାଗିବା ଦ୍ୱାରା ଟ୍ରକଟି ଜଳିଯିବା ସହ ଟ୍ରକ ଚାଳକ ଆହତ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ, ବୁଧବାର ରାତି ପ୍ରାୟ ୧୨ଟା ବେଳେ ଓଡି ୩୫ସି ୩୩୩୫ନମ୍ବର ବିଶିଷ୍ଟ ଏକ କୋଇଲା ବୋଝେଇ ଟ୍ରକ ତାଳଚେରରୁ କୋଇଲା ନେଇ ସମ୍ବଲପୁର ଅଭିମୁଖେ ଯାଉଥିଲା । କିନ୍ତୁ ୫୫ନମ୍ବର ଜାତୀୟ ରାଜପଥର ହୁଲୁରିସିଂହା ଛକଠାରେ ହଠାତ ଟ୍ରକଟିରେ ସର୍ଟସର୍କିଟ ହେବା ଦ୍ୱାରା ନିଆଁ ଲାଗିଯାଇଥିଲା । ଫଳରେ ଟ୍ରକଟି ଜଳିଯାଇଥିଲା । ଏହାଦେଖି ଟ୍ରକ ଚାଳକ ଅନିଲ କୁମାର ସାହୁ ଟ୍ରକକୁ ବ୍ରେକ ମାରିବା ସହ ସେଥିରୁ ଓହ୍ଲାଇବା ପାଇଁ ଚେଷ୍ଟା କରୁଥିବା ବେଳେ ସେ ମଧ୍ୟ ଆହତ ହୋଇଥିଲେ । ଖବର ପାଇ ଅନୁଗୋଳ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଟ୍ରକଟି ସମ୍ପୂର୍ଣ୍ଣ ଜଳିଯାଇଥିଲା । ଆହତ ଚାଳକ ଅନିଲଙ୍କୁ ଚିକିତ୍ସା ପାଇଁ ଅନୁଗୋଳ ଡାକ୍ତରଖାନାକୁ ପଠାଯାଇଥିବା ଜଣାଯାଇଛି ।



# ମହାଶିବରାତ୍ରୀ

ଶିବ ଓ ଶକ୍ତି ପରମ୍ପରାର ଏକ ମହାନ ପର୍ବ ହେଉଛି ମହାଶିବରାତ୍ରୀ। ଭାରତୀୟ ସଂସ୍କୃତିରେ ଏହି ପର୍ବର ଏକ ବିଶେଷ ମହତ୍ତ୍ୱ ରହିଛି । ଯେମିତି ବ୍ରତ ମଧ୍ୟରେ ଶ୍ରେଷ୍ଠ ଷୋଳ ସୋମବାର ବ୍ରତ, ମନ୍ତ୍ର ମଧ୍ୟରେ ଶ୍ରେଷ୍ଠ ମହାମୃତ୍ୟୁଞ୍ଜୟ ମନ୍ତ୍ର, ସେମିତି ରାତ୍ରୀ ମଧ୍ୟରେ ଶ୍ରେଷ୍ଠ ରାତ୍ରୀ ମହାଶିବରାତ୍ରୀ। ଦେବ ଦେବ ମହାଦେବଙ୍କର ସମସ୍ତ ପର୍ବ ବା ବ୍ରତମାନଙ୍କ ମଧ୍ୟରେ ଶିବରାତ୍ରୀ ବ୍ରତ ଶ୍ରେଷ୍ଠ ବୋଲି କୁହାଯାଇଅଛି। ଫାଲ୍‌ଗୁନ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ଦିନ ଶିବରାତ୍ରୀ ପାଳନ କରାଯାଏ। ପୌରାଣିକ ଆଖ୍ୟାନ ଅନୁସାରେ, ଦେବ ଓ ଅସୁରମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ ସମୟରେ ବାହାରିଥିବା ବିଷକୁ ଶିବ ପାନକରି ସୃଷ୍ଟିର ରକ୍ଷା କରିଥିଲେ। କିନ୍ତୁ ଏହି ବିଷକୁ ପାନ କରିବା ପରେ ବିଷର ଜ୍ୱାଳାରେ ସେ ମୂର୍ଚ୍ଛା ହୋଇଯାଇଥିଲେ। ତାଙ୍କର ସଂଜ୍ଞା ନ ଫେରିବା ପର୍ଯ୍ୟନ୍ତ ଦେବଗଣ ଓ ଶୈବଭକ୍ତବୃନ୍ଦ ଅଖଣ୍ଡ ପ୍ରଦୀପ ଜାଳି ଉଜାଗରରେ ବସିଥିଲେ। ସେହି ଦିନକୁ ମନେପକାଇ ଶ୍ରଦ୍ଧାଳୁମାନେ ମହାଶିବରାତ୍ରୀ ପାଳନ କରିଥାନ୍ତି। ଶିବରାତ୍ରୀର ମହିମା ସମ୍ପର୍କରେ ମହାଭାରତର ଶାନ୍ତିପର୍ବରେ କଥିତ ଅଛି ଯେ ପିତାମହ ଭୀଷ୍ମ ଶରଶଯ୍ୟାରେ ଥାଇ ଧର୍ମୋପଦେଶ ଦେଲାବେଳେ ମହାଶିବରାତ୍ରୀ ପାଳନ ସମ୍ପର୍କରେ ଇକ୍ଷ୍ୱାକୁ ବଂଶର ରାଜା ଚିତ୍ରଭାନୁଙ୍କ କାହାଣୀ ଉଦ୍ଧାର କରିଥିଲେ । ଜମ୍ବୁଦ୍ୱୀପର ରାଜା ଚିତ୍ରଭାନୁଙ୍କ ସ୍ତ୍ରୀ ଥରେ ଶିବରାତ୍ରୀ ଉପବାସ ପାଳନ କରିଥିଲେ। ସେ ସମୟରେ ଋଷି ଅଷ୍ଟବକ୍ର ରାଜଦରବାରକୁ ଆସି ରାଜାଙ୍କୁ ଏହି ଦିବସ ପାଳନର କାରଣ ପଚାରିଥିଲେ। କାହାଣୀ ଅନୁସାରେ, ଜମ୍ବୁଦ୍ୱୀପର ରାଜା ଚିତ୍ରଭାନୁ, ଜାତିସ୍ମର ଥିବାରୁ ନିଜ ପୂର୍ବଜନ୍ମର କଥା କହିଥିଲେ। ପୂର୍ବଜନ୍ମରେ ସେ ସୁସ୍ୱର ନାମକ ଜଣେ ଶିକାରୀ ଥିଲେ। ଦିନେ ବଣରେ ବୁଲୁବୁଲୁ ସନ୍ଧ୍ୟା ହୋଇଯିବାରୁ ସେ ରାତିରେ ହିଂସ୍ରଜନ୍ତୁଙ୍କ କବଳରୁ ରକ୍ଷାପାଇବା ପାଇଁ ନିକଟରେ ଥିବା ବେଲଗଛ ଉପରକୁ ଚଢ଼ିଗଲେ। ରାତିସାରା ବେଲପତ୍ର ଛିଡ଼ାଇ ତଳକୁ ପକାଇବା ସହ ନିଜ ପରିବାର କଥା ଭାବି ଭାବି କାନ୍ଦୁଥିଲେ। ତାଙ୍କ ଅଜାଣତରେ ସେହି ଲୁହ ଓ ପତ୍ର ବିଲ୍ୱ ବୃକ୍ଷର ପାଦଦେଶରେ ଥିବା ଶିବଲିଙ୍ଗ ଉପରେ ପଡୁଥାଏ। ରାତି ଏମିତି କାଟିବା ପରେ ସକାଳୁ ସେ ଶିକାର ଧରି ଘରକୁ ଫେରିଲେ। ପ୍ରଥମେ ଜଣେ ଭିକ୍ଷୁକୁ କିଛି ଖାଦ୍ୟ ଦାନକରି ନିଜେ ଖାଦ୍ୟଗ୍ରହଣ କଲେ। କିଛି ବର୍ଷ ପରେ ତାଙ୍କ ମୃତ୍ୟୁ ହେବାରୁ ସେ ଶୈବଲୋକ ପ୍ରାପ୍ତ ହେଲେ। କାରଣ ଅଜ୍ଞାତରେ, ସେ ଶିବରାତ୍ରି ଦିନ ଉପବାସ ରହି ଶିବଲିଙ୍ଗ ଉପରେ ବେଲପତ୍ର ଓ ଲୋତକ ସମର୍ପଣ କରିଥିଲେ। ସେ ଶିବକୃପା ଯୋଗୁଁ ପରଜନ୍ମରେ ରାଜା ଚିତ୍ରଭାନୁ ରୂପରେ ରାଜଗାଦି ଭୋଗ କଲେ। ବ୍ରତାଚାରୀମାନେ ଜାଗର ଦିନ ଉପବାସ ରହନ୍ତି ଏବଂ ସନ୍ଧ୍ୟାରେ ଶିବ ମନ୍ଦିର ଯାଇ ଦୀପ ଜାଳି ଜାଗର କରନ୍ତି। ତେଣୁ ଏହାକୁ ଜାଗର ଓଷା ବା ଜାଗର ବ୍ରତ ମଧ୍ୟ କୁହାଯାଇଥାଏ।



ମହାଶିବରାତ୍ରୀର ଚାରିପ୍ରହରରେ ଦୀପ ଜାଳିବା ସହିତ ଶିବଙ୍କର ପୂଜା ସହିତ ନାମ ଜପ ଓ ଆଳତି କରାଯିବାର ବିଧି ରହିଛି। ପ୍ରଥମ ପ୍ରହର ବା ସନ୍ଧ୍ୟା ସମୟରେ ଶିବଲିଙ୍ଗକୁ ଦୁଗ୍ଧରେ, ଦ୍ୱିତୀୟ ପ୍ରହର ବା ସନ୍ଧ୍ୟାର ପରବର୍ତ୍ତୀ ସମୟରେ ଶିବଲିଙ୍ଗକୁ ଦହିରେ, ତୃତୀୟ ପ୍ରହର ବା ଘୋର ରାତ୍ର ସମୟରେ ଶିବଲିଙ୍ଗକୁ ମହୁରେ ଅଭିଷେକ କରାଯାଏ। ଚତୁର୍ଥ ପ୍ରହରରେ ଘୃତରେ ସ୍ନାନ କରାଯାଏ। ଏହି ଦିନ ଯଥାସମୟରେ ମହାଦୀପ ଉଠେ। ମହାଦୀପ ଦର୍ଶନ ପରେ ଶ୍ରଦ୍ଧାଳୁମାନେ ଜାଗର ବ୍ରତ ସମାପନ କରିଥାନ୍ତି।

# ସ୍ରଷ୍ଟାଙ୍କ ସୃଷ୍ଟି ପାଇଁ ଦିନଟିଏ



ନାରୀ ଈଶ୍ୱରଙ୍କର ଏକ ଅନବଦ୍ୟ ସୃଷ୍ଟି। ନାରୀ ବିନା ସୃଷ୍ଟିର ପ୍ରତିଟି ଦିଗ ଯେପରି ଅସମ୍ପୂର୍ଣ୍ଣ। ଭୂମିରୁ ଭୂମାଯାଏଁ ପ୍ରତିଟି କ୍ଷେତ୍ରରେ ସେ ତାର ସଫଳ ଯାତ୍ରା ଅବ୍ୟାହତ ରଖିଛି। ସେ ମା' ହୋଇ ଭବିଷ୍ୟତ ଗଢ଼ିପାରେ। ଭଉଣୀ ହୋଇ ସ୍ନେହ ଅଜାଡ଼ି ଦେଇପାରେ। ସ୍ତ୍ରୀ ହୋଇ ସ୍ୱାମୀର ସୁଖ ଦୁଃଖରେ ଭାଗୀ ହୋଇଥାଏ। ଏମିତି କେଉଁ କ୍ଷେତ୍ର ନାହିଁ ଯେଉଁଠି ସେ ନିଜର ଶକ୍ତି, ସାମର୍ଥ୍ୟ ପ୍ରଦର୍ଶନ କରିନାହିଁ। ଖେଳ ପଡ଼ିଆରୁ ଆରମ୍ଭ କରି ଯୁଦ୍ଧକ୍ଷେତ୍ର ଯାଏ ସବୁଠି ମହନୀୟା ହୋଇପାରିଛି ନାରୀ। ମହିଳାମାନଙ୍କୁ ସମ୍ମାନ ଜଣାଇବା ସହ ସେମାନଙ୍କର ତ୍ୟାଗ ଏବଂ ପରିଶ୍ରମକୁ ସ୍ୱୀକୃତି ଓ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ 'ଅନ୍ତର୍ଜାତୀୟ ମହିଳା ଦିବସ' ଭାବେ ସାରା ବିଶ୍ୱରେ ପାଳନ କରାଯାଏ। ସମାଜରେ ମହିଳାଙ୍କୁ ସମାନ ଅଧିକାର, ନ୍ୟାୟ ପ୍ରଦାନ ଓ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହା ପାଳିତ ହୁଏ। ଏହା ବ୍ୟତୀତ ଅନ୍ତର୍ଜାତୀୟ ମହିଳା ଦିବସ ମହିଳାମାନଙ୍କ ଆର୍ଥିକ, ରାଜନୈତିକ ଏବଂ ସାମାଜିକ ସଫଳତାର ଉତ୍ସବ ଭାବରେ ପାଳନ କରାଯାଏ। । ତେବେ ଧୀରେ ଧୀରେ ସମାଜର ଚିତ୍ର ବଦଳିଲାଣି। ମହିଳା ଏବେ ଉଚ୍ଚଶିକ୍ଷିତା ଏବଂ ସ୍ୱାବଲମ୍ବୀ ହେବା ସହ ସଫଳତାର ସୋପାନ ଚଢିଲେଣି ଏବଂ ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି। ନିଜର ସ୍ଥିତି ସୁଦୃଢ଼ କରିବା ସହ ସେମାନେ ସଜାଡ଼ି ପାରୁଛନ୍ତି ପରିବାରର ଆର୍ଥିକ ସ୍ଥିତି, ଏବଂ ସମାଜରେ ଆଣିପାରୁଛନ୍ତି ପରିବର୍ତ୍ତନ । ତେବେ ୧୯୦୯ ମାର୍ଚ୍ଚ ୮ରେ ଆମେରିକାରେ ପ୍ରଥମଥର ପାଇଁ ମହିଳାଙ୍କ ଅଧିକାର ପ୍ରଦାନ ଲାଗି ସ୍ୱର ଉତ୍ତୋଳନ କରାଯାଇଥିଲା। ପାଖାପାଖି ୧୫ ହଜାର ମହିଳା ନିଜ ଅଧିକାର ଲାଗି ରାଜରାସ୍ତାକୁ ଓହ୍ଲାଇ ଥିଲେ। ୧୯୧୦ରେ କ୍ଲାରା ଜେଟ୍‌କିନ୍ ନାମକ ଜଣେ ମହିଳା ନାରୀ ଅଧିକାର ପାଇଁ ମହିଳା ଦିବସ ପାଳନର ପରିକଳ୍ପନା କରିଥିଲେ। ତେବେ ୧୯୭୫ରେ ଜାତିସଂଘ ଏହାକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କଲା।

## ଆଜିର ରାଶିଫଳ

**ମେଷ:** ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ରହିବେ। ସ୍ୱାସ୍ଥ୍ୟ ମଧ୍ୟମ ରହିବ। ମହିଳାମାନେ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହେବେ। ଗ୍ରହରିଷ୍ଟ ଖଣ୍ଡନ ପାଇଁ ସୂର୍ଯ୍ୟଙ୍କୁ ଜଳ ପ୍ରଦାନ କରନ୍ତୁ।

**ବୃଷ:** ପରିବାରରେ ହସଖୁସି ଲାଗି ରହିବ। ଅଯଥା କଳି ଝଗଡାରୁ ଦୂରେଇ ରୁହନ୍ତୁ। ନୂତନ ଜମି ତଥା ଯାନବାହନ କ୍ରୟ କରିପାରନ୍ତି। ପ୍ରେମ ବ୍ୟାପାରରେ ସଫଳତା ମିଳିବ। ଦାନଧର୍ମ କରନ୍ତୁ।

**ମିଥୁନ:** ଆର୍ଥିକ ସ୍ଥିତି ମଜଭୁତ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଚିନ୍ତା କରୁଥିବା ଦିଗରୁ ଧନପ୍ରାପ୍ତି ହେବ। ମଧୁର କଥା କହି ଲୋକଙ୍କ ମନ କିଣିବେ। କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ।

**କର୍କଟ:** ଅଚାନକ ଖୁସି ଖବର ମିଳିବ। ସନ୍ତାନଙ୍କ ସଫଳତା ପାଇଁ ଅଭିଭାବକ ଖୁସି ହେବେ। ଜମିଜମା ବିବାଦର ସମାଧାନ ହେବ। ଅନ୍ୟକୁ ଉଧାର ଦେଇ ହଇରାଣରେ ପଡ଼ିପାରନ୍ତି।

**ସିଂହ:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଶୁଭ। ଯେଉଁମାନେ ନୂଆ କରି ବ୍ୟବସାୟ ଆରମ୍ଭ କରିବାକୁ ଚାହୁଁଛନ୍ତି, ବର୍ତ୍ତମାନ ଅନୁକୂଳ ସମୟ। ଅଟକିଥିବା କାର୍ଯ୍ୟ ପୂରା ହେବ। ସୂର୍ଯ୍ୟଙ୍କୁ ଜଳଦାନ କରନ୍ତୁ।

**କନ୍ୟା:** ଅଫିସ୍ କାର୍ଯ୍ୟକୁ ନେଇ ଚିନ୍ତିତ ରହିବେ। ଅଜଣା ଭୟ ରହିବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। କଳିଝଗଡ଼ା ଠାରୁ ଦୂରେଇ ରୁହନ୍ତୁ।

**ତୁଳା:** କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଦୂରଯାତ୍ରା ଯୋଗ ରହିଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପ୍ରେମ ବ୍ୟାପାରରେ ସଫଳ ହେବେ। ଶତ୍ରୁ ଠାରୁ ଦୂରେଇ ରୁହନ୍ତୁ। ତମ୍ବାର ବସ୍ତୁ ଦାନ କରିପାରିବେ।

**ବିଛା:** ଚାକିରିରେ ପଦୋନ୍ନତି ଯୋଗ ରହିଛି। ଉଚ୍ଚଅଧିକାରୀଙ୍କ ଆଶୀର୍ବାଦ ମିଳିବ। ପରୀକ୍ଷାର୍ଥୀଙ୍କ ପାଇଁ ଦିନଟି ଭଲ। ଅତିଥି ସତ୍କାର କରିବେ। ମହିଳାମାନଙ୍କୁ ଗୁରୁ ଦାୟିତ୍ୱ ମିଳିବ।

**ଧନୁ:** ଭାଗ୍ୟ ଆପଣଙ୍କୁ ସାଥ୍ ଦେବ। ଧାର୍ମିକ ଏବଂ ସାମାଜିକ କାର୍ଯ୍ୟରେ ଯୋଗ ଦେବେ। ଘରେ ମାଙ୍ଗଳିକ କାର୍ଯ୍ୟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସବୁଜ ରଙ୍ଗର ବସ୍ତ୍ର ପିନ୍ଧିବା ଶୁଭ।

**ମକର:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ସଫଳତା ପାଇବା ପାଇଁ ସଂଘର୍ଷ କରିବାକୁ ପଡ଼ିବ। ବିଦ୍ୟାର୍ଥୀମାନେ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବ।

**କୁମ୍ଭ:** ଗୁରୁଜନଙ୍କ ଆଶୀର୍ବାଦ ନେଇ କାର୍ଯ୍ୟ ଆରମ୍ଭ କରନ୍ତୁ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ପିଲାମାନେ ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ । ଗ୍ରହ ଖଣ୍ଡନ ପାଇଁ ଦାନଧର୍ମ କରନ୍ତୁ ।

**ମୀନ:** ବ୍ୟକ୍ତିଗତ ମାମଲାକୁ ନେଇ ଚିନ୍ତା ବଢ଼ିବ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହେବେ। ରାଜନୀତିରେ ସକ୍ରିୟ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।






# ସଂପାଦକୀୟ

ଓଡ଼ିଶାର ସାଢ଼େ ଚାରିକୋଟି ଲୋକଙ୍କୁ ନେଇ ମୋ ପରିବାର। ଏକ ସୁସ୍ଥ ସମାଜ ହିଁ ସମୃଦ୍ଧ ଦେଶ ଗଠନର ମୂଳଦୁଆ। ମୋ ପରିବାରର ସୁସ୍ଥ ଜୀବନ ପାଇଁ ମୁଁ କାମ କରିଆସୁଛି ଏବଂ ଆଗକୁ ମଧ୍ୟ କରିଚାଲିବି।
-ନବୀନ ପଟ୍ଟନାୟକ(ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ ଅବସରରେ)

ସକାଳ

## ବିଏସ୍‌କେୱାଇ 'ନବୀନ' କାର୍ଡ ବଣ୍ଟନ ଆରମ୍ଭ

# ଓଡ଼ିଶା ମୁଖିଆଙ୍କ ନବୀନ ଗ୍ୟାରେଣ୍ଟି

ଏବେ ଓଡ଼ିଶାରେ ବିଏସ୍‌କେୱାଇ ନବୀନ କାର୍ଡ ନିମନ୍ତେ ଗ୍ରାମାଞ୍ଚଳରେ ହିତାଧିକାରୀମାନଙ୍କ ନାମ ପଞ୍ଜିକରଣ ପ୍ରକ୍ରିୟା ଚାଲିଛି। ଏହା ଆସନ୍ତା ଜୁନ୍ ଯାଏଁ ବଳବତ୍ତର ରହିବ। ଏହା ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଅଭିନବ କାର୍ଯ୍ୟକ୍ରମ ଏବଂ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗ୍ୟାରେଣ୍ଟି କହିଲେ ଅତ୍ୟୁକ୍ତି ହେବ ନାହିଁ। ବାସ୍ତବରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ (ବିଏସ୍‌କେୱାଇ ନବୀନ କାର୍ଡ) ଏବେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଯୋଜନାର ଏକ ପରିବର୍ଦ୍ଧିତ ପ୍ରୟାସ। ବିଏସ୍‌କେୱାଇ ଯୋଜନାରେ ଗ୍ରାମାଞ୍ଚଳର ୧ କୋଟିରୁ ଉର୍ଦ୍ଧ୍ୱ ପରିବାର ଅନ୍ତର୍ଭୁକ୍ତ ହୋଇଥିବା ବେଳେ କୌଣସି କାରଣରୁ ଯେଉଁ ୧.୩ ଲକ୍ଷ ପରିବାର ସେଥିରୁ ବାଦ ପଡ଼ିଛନ୍ତି, ସେମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉଛି। ଏଥିପାଇଁ ରାଜ୍ୟ ସରକାର ଅତିରିକ୍ତ ଭାବେ ୨୭୦ କୋଟି ଟଙ୍କାର ଖର୍ଚ୍ଚ ବହନ କରିବେ। ତେବେ ସରକାରୀ କର୍ମଚାରୀ, ପେନ୍‌ସନଭୋଗୀ, ଆୟକରଦାତା ଓ ସେମାନଙ୍କ ପରିବାରକୁ ଏହି ଯୋଜନାରୁ ବାଦ ଦିଆଯାଇଛି।

ଯୋଜନାର ଲକ୍ଷ୍ୟ ମୂଳତଃ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସହିତ ସମାନ। ଏହି କାର୍ଡଧାରୀ କୌଣସି ଗୁରୁତର ବ୍ୟାଧିରେ ଆକ୍ରାନ୍ତ ହେଲେ ସେ କିମ୍ବା ତାଙ୍କ ପରିବାରର ସଦସ୍ୟଙ୍କୁ ଘରୋଇ ହସ୍ପିଟାଲ୍‌ରେ ମାଗଣା ଚିକିତ୍ସା ସୁବିଧା ମିଳିବ। ଏହି କାର୍ଡ ଗ୍ରାମାଞ୍ଚଳ ପରିବାରର ମହିଳା ମୁଖ୍ୟଙ୍କ ନାମରେ କରିବାର ବ୍ୟବସ୍ଥା କରାଯାଇଛି। ଏହା ଫଳରେ ଏହି ଯୋଜନାରେ ମହିଳା ଅଗ୍ରାଧିକାର ପାଇଛନ୍ତି। ତେବେ ପରିବାରର ବୟୋଜ୍ୟେଷ୍ଠ ମହିଳା ଯଦି ନଥା'ନ୍ତି, ତେବେ ସେହି କୁଟୁମ୍ବର ବୟୋଜ୍ୟେଷ୍ଠ ପୁରୁଷଙ୍କ ନାମରେ କାର୍ଡ ରହିବ ଏବଂ ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ଏହାର ଲାଭ ମିଳିବ।

ଏହି କାର୍ଡର ଲାଭ ହେଲା ହିତାଧିକାରୀଙ୍କୁ ହୃଦ୍‌ରୋଗ, କିଡ୍‌ନୀ ଓ ଲିଭର ଜନିତ ବ୍ୟାଧି, ଗୁରୁତର ମସ୍ତିଷ୍କ ଆଘାତ, ମସ୍ତିଷ୍କ ଟ୍ୟୁମର, ଶରୀର ଗୁରୁତର ଭାବେ ପୋଡ଼ି ଯାଇଥିଲେ କିମ୍ବା ଅନ୍ୟ କିଛି ଗୁରୁତର ରୋଗ ହୋଇଥିଲେ ରାଜ୍ୟ ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ହୋଇଥିବା ଘରୋଇ ହସ୍ପିଟାଲ୍‌ରେ ମାଗଣା (କ୍ୟାସ୍‌ଲେସ୍) ଚିକିତ୍ସା ସୁବିଧା ମିଳିବ। ଆହୁରି ମଧ୍ୟ ଉଭୟ ଓଡ଼ିଶା ଭିତରେ ଓ ବାହାରେ ଏହି ମାଗଣା ଚିକିତ୍ସା ସୁବିଧା ହିତାଧିକାରୀ କାର୍ଡ ଦେଖାଇ ପାଇପାରିବେ। ଚିକିତ୍ସା ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବୀମା ବ୍ୟବସ୍ଥା ଜରିଆରେ ବହନ କରିବେ। ସର୍ବମୋଟ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ହିତାଧିକାରୀଙ୍କୁ ଏହି କାର୍ଡ ମାଧ୍ୟମରେ ମିଳିବ। କାର୍ଡଧାରୀ ପରିବାରର ମହିଳା ସଦସ୍ୟଙ୍କ ପାଇଁ ଏହି ଚିକିତ୍ସା ଖର୍ଚ୍ଚକୁ ଅତିରିକ୍ତ ୫ ଲକ୍ଷ ଟଙ୍କା ଅର୍ଥାତ୍ ୧୦ଲକ୍ଷ ଟଙ୍କା କରାଯାଇଛି। ଏହା ଏହି କାର୍ଡର ଏକ ବିଶେଷତ୍ୱ।

ଏବେ ପଞ୍ଜୀକରଣ ସହିତ ବିଏସ୍‌କେୱାଇ ନବୀନ କାର୍ଡର ବଣ୍ଟନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ୨୦୨୪ ମଇ ପହିଲା ଶ୍ରମିକ ଦିବସରୁ ଏହି କାର୍ଡରେ ହିତାଧିକାରୀଙ୍କୁ ଚିକିତ୍ସା ସୁବିଧା ଉପଲବ୍ଧ ହେବ। ଓଡ଼ିଶାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମଗ୍ର ଦେଶରେ ଏବଂ ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଏଭଳି ଯୋଜନାଗୁଡ଼ିକ ମଧ୍ୟରୁ ସର୍ବୋତ୍କୃଷ୍ଟ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ଏପରିକି ପ୍ରଧାନମନ୍ତ୍ରୀ ଜାତୀୟ ସ୍ୱାସ୍ଥ୍ୟସେବା ଯୋଜନା 'ଆୟୁଷ୍ମାନ ଭାରତ' ଠାରୁ ଏହା ଅଧିକ ଭଲ ବୋଲି କୁହାଯାଉଛି। ଏଥିରେ ମହିଳାଙ୍କ ଚିକିତ୍ସା ପାଇଁ ଅଧିକ ୫ ଲକ୍ଷ ଟଙ୍କା ଯୋଗାଣର ସୁବିଧା ରହିଛି।

କହିବା ବାହୁଲ୍ୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକକଲ୍ୟାଣକାରୀ ଯୋଜନା ମଧ୍ୟରୁ ବିଏସ୍‌କେୱାଇ ଏକ ଲୋକପ୍ରିୟ ପ୍ରୟାସ। ଅର୍ଥାଭାବରୁ କୌଣସି ଗରିବ ବା ଅଭାବୀ ଲୋକ ଚିକିତ୍ସା ସୁବିଧା ନ ପାଇ ଅକାଳରେ ଯେପରି ମୃତ୍ୟୁ ମୁଖରେ ନ ପଡ଼େ ତାହା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଯୋଜନାର ପରିସରକୁ ସମ୍ପ୍ରସାରିତ କରିଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳର ଗରିବ ଓ ଅଭାବୀ ଲୋକ, ବିଶେଷକରି ଆଦିବାସୀ, ଦଳିତ ଓ ବଞ୍ଚିତମାନେ ବିଶେଷ ଉପକୃତ ହେବେ। ଯାହାର କେହି ନାହିଁ ତାହାର ନବୀନ ଅଛନ୍ତି ଭଳି ଏହା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଓଡ଼ିଶା ଲୋକଙ୍କୁ ମୁଖ୍ୟମନ୍ତ୍ରୀଙ୍କର ଏକ ଭରସା ଓ ଗ୍ୟାରେଣ୍ଟି।

ଏକ ସମୃଦ୍ଧ ଓଡ଼ିଶା ଗଠନରେ ସୁସ୍ଥ ଜନତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଏକ ରୋଗଣା ଜନସଂଖ୍ୟାକୁ ନେଇ ଓଡ଼ିଶାକୁ ଅଗ୍ରଣୀ କରିହେବ ନାହିଁ। ସେ ଦୃଷ୍ଟିରୁ ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ବିଭିନ୍ନ ପ୍ରୟାସ ଦ୍ୱାରା ଅଧିକ ଭରସାଯୋଗ୍ୟ ଓ ଅଧୁନାତନ କରାଯାଉଛି। ୨୪ ବର୍ଷ ତଳେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ଦେଶରେ ଯେଉଁ ଦୟନୀୟ ସ୍ଥିତିରେ ଥିଲା ଆଜି ସେ ଅବସ୍ଥା ନାହିଁ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏବେ ଓଡ଼ିଶା ଏକ ଆଗୁଆ ରାଜ୍ୟ ଭାବେ ଦେଶରେ ପରିଗଣିତ ହେଉଛି। ସରକାରୀ ଓ ବେସରକାରୀ ହସ୍ପିଟାଲ ସଂଖ୍ୟା ଉଲ୍ଲେଖନୀୟ ଭାବେ ବଢ଼ିଛି। ଡାକ୍ତର, ଚିକିତ୍ସାକର୍ମୀ ଓ ନର୍ସ ଆଦିଙ୍କର ଅଭାବ ନାହିଁ। ମେଡ଼ିକାଲ କଲେଜ ସଂଖ୍ୟା ସରକାରୀ ଓ ବେସରକାରୀ ମିଶି ୧୬ରୁ ଅଧିକରେ ପହଞ୍ଚିଛି। ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ବିନାମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି।

ଏଠାରେ ସୂଚନାଯୋଗ୍ୟ ଯେ ଦାରିଦ୍ର୍ୟର ଯେଉଁ ବିବିଧ କାରଣ ରହିଛି, ସେଥିରେ ବ୍ୟାଧି ଓ ସେ ବାବଦ ଚିକିତ୍ସା ଗୋଟିଏ ବଡ଼ କାରଣ। ଆଗରୁ ଲୋକେ ଗୁରୁତର ବ୍ୟାଧିର ଚିକିତ୍ସା ପାଇଁ ଜମିବାଡ଼ି ବିକି ଦରିଦ୍ର ହୋଇଯାଉଥିଲେ। ତାଙ୍କର ସର୍ବସ୍ୱ ଚାଲିଯାଉଥିଲା। ଅର୍ଥାଭାବରେ ଅନେକ ପରିବାରର ଉପାର୍ଜନକ୍ଷମ ଲୋକ ପ୍ରାଣ ହରାଇବାରୁ ସେ ପରିବାର ନିଃସ୍ୱ ହୋଇଯାଉଥିଲା। ନବୀନବାବୁ ଓଡ଼ିଶାରୁ ବହୁମୁଖୀ ଦାରିଦ୍ର୍ୟକୁ କମାଇବାକୁ ଯେଉଁସବୁ ବିବିଧ ପଦକ୍ଷେପ ଗ୍ରହଣ କରିଛନ୍ତି, ସେଥିରେ ସ୍ୱାସ୍ଥ୍ୟସେବା ଅଗ୍ରାଧିକାର ପାଇଛି। ବିଏସ୍‌କେୱାଇ ନବୀନ କାର୍ଡ ଏ କ୍ଷେତ୍ରରେ ଏକ ପ୍ରଗତିଶୀଳ ଚିନ୍ତନ ଓ ପ୍ରୟୋଗ - ଏଥିରେ ସନ୍ଦେହ ନାହିଁ। ଏହାଦ୍ୱାରା ସରକାରଙ୍କ ଜନକଲ୍ୟାଣ ପ୍ରୟାସ କେବଳ ସଫଳ ହେବ ନାହିଁ, ରାଜ୍ୟର ଗ୍ରାମାଞ୍ଚଳର ବହୁ ଗରିବ ଓ ଅସହାୟ ଲୋକ ମାଗଣା ସ୍ୱାସ୍ଥ୍ୟସେବା ପାଇ ବିଶେଷ ଉପକୃତ ହେବେ। ମହିଳାମାନେ ଏହାଦ୍ୱାରା ସବୁଠୁ ଅଧିକ ଲାଭ ପାଇବେ।

# ଓଡ଼ିଶା ସୁଶାସନରେ ମହିଳାଙ୍କ ସକ୍ରିୟ ଯୋଗଦାନ



ଡକ୍ଟର. ଅବଶ ପରିଡ଼ା
ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ 'ଅନ୍ତର୍ଜାତୀୟ ମହିଳା ଦିବସ' ରୂପେ ପାଳନ କରାଯାଏ। ଭେଦଭାବ ଓ ଲିଙ୍ଗଗତ ଅସମାନତା ସତ୍ତ୍ୱେ ଅତୁଟ ଦୃଢ଼ତା ଓ ସ୍ଥିରତାରେ ବ୍ରତୀ ପ୍ରତ୍ୟେକ ମହିଳାଙ୍କୁ ଏହି ଦିବସ ସମର୍ପିତ। ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ମହିଳାଙ୍କ ସଫଳତା, ସଂଘର୍ଷ ଏବଂ ଲିଙ୍ଗଗତ ସମାନତାର ଅଧିକାରକୁ ବଜାୟ ରଖିବା। ଚଳିତ ବର୍ଷ 'ଅନ୍ତର୍ଜାତୀୟ ମହିଳା ଦିବସ' ଦୁଇଟି ଉପାଦାନ ଉପରେ କେନ୍ଦ୍ରୀଭୂତ। ପ୍ରଥମଟି ହେଉଛି ଏ ବର୍ଷର ଶୀର୍ଷକ 'ଇନଭେଷ୍ଟ ଇନ ଓମେନ: ଆକ୍ସିଲିରେଟ ପ୍ରୋଗ୍ରେସ' ବା 'ମହିଳାଙ୍କ ଉପରେ ନିବେଶ: ତ୍ୱରାନ୍ୱିତ ପ୍ରଗତି' ଏବଂ ଦ୍ୱିତୀୟଟି ସ୍ୱତନ୍ତ୍ର ଅଭିଯାନ, ଯାହାର ବିଷୟବସ୍ତୁ ହେଉଛି 'ଇନସ୍ପାୟାର ଇନକ୍ଲୁଜନ' ବା 'ଅନ୍ତର୍ଭୁକ୍ତୀକରଣ ପାଇଁ ପ୍ରେରଣା'। ମହିଳାଙ୍କ 'ଅନ୍ତର୍ଭୁକ୍ତୀକରଣ' ଓ 'ପ୍ରେରଣା' ଉଭୟ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏକ ପ୍ରଗତିଶୀଳ ଏବଂ କଲ୍ୟାଣକାରୀ ରାଜ୍ୟ ଗଠନ ପାଇଁ ମହିଳାମାନଙ୍କୁ ଆନୁଷ୍ଠାନିକ ପ୍ରେରଣା ଦେବା ସହ ବିକାଶ ପ୍ରକ୍ରିୟାରେ ସାମିଲ କରିବା ଅତ୍ୟନ୍ତ ଆବଶ୍ୟକ। ବହୁ ପ୍ରତୀକ୍ଷିତ ଏକ ସାମୂହିକ ଅଂଶଗ୍ରହଣ ଥିବା ଲିଙ୍ଗ ନିରପେକ୍ଷ ସମାଜ ଗଠନ ପାଇଁ ଏହା ଏକ ମାର୍ଗ। ମୁଖ୍ୟ କଥା ହେଲା, ଯେତେବେଳେ ମହିଳାମାନେ ନିଜେ ଏ ମାର୍ଗରେ ସାମିଲ ହେବା ପାଇଁ ପ୍ରେରଣା ପାଆନ୍ତି, ସେତେବେଳେ ନିଜତ୍ୱ, ବ୍ୟକ୍ତିବିଶେଷର ପ୍ରାସଙ୍ଗିକତା ଏବଂ ସଶକ୍ତୀକରଣର ଭଳି ଭାବନାର ପରିପ୍ରକାଶ ହୋଇଥାଏ।

ମହିଳାମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରେରଣା ଦେବା କେବଳ ସୁଶାସନ ପାଇଁ ଜରୁରୀ ନୁହେଁ, ବରଂ ପ୍ରକୃତ ନେତୃତ୍ୱର ପ୍ରତୀକ ମଧ୍ୟ। ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନଙ୍କୁ ଅନ୍ତର୍ଭୁକ୍ତ କରିବା ଦ୍ୱାରା ବିବିଧ ଦୃଷ୍ଟିକୋଣ ସମ୍ପନ୍ନ ସମାଜ ଗଢ଼ିଉଠେ। ମହିଳାଙ୍କ ମଧ୍ୟରେ ସୃଜନଶୀଳତା ଓ ବିଶ୍ୱାସ ବୃଦ୍ଧି ପରିଶେଷରେ ଏକ ଉନ୍ନତ ପ୍ରଶାସନିକ, ସୁଶାସନ ଓ ସମାବେଶୀ ସମାଜ ସୃଷ୍ଟି କରେ। ଓଡ଼ିଶାର ସୁଶାସନ ମଡେଲ ହେଉଛି ସମାବେଶୀ, ଅହିଂସ-ଅର୍ଥନୀତି ଓ ସ୍ଥାୟୀ ବିକାଶ ଲକ୍ଷ୍ୟ ଭଳି ଉପାଦାନର ମିଶ୍ରଣ। ଏହି ଉପାଦାନଗୁଡ଼ିକ ମଧ୍ୟରୁ ଗୋଟିଏ ସାଧାରଣ ନୀତି ହେଉଛି ମହିଳାଙ୍କ ସଶକ୍ତୀକରଣ ଓ ଅନ୍ତର୍ଭୁକ୍ତୀକରଣ। ଓଡ଼ିଶା ସରକାର ଏଥିପ୍ରତି ଦୃଢ଼ ଅଙ୍ଗୀକାରବଦ୍ଧତା ପ୍ରଦର୍ଶନ କରୁଛନ୍ତି। ଏଥିରେ ମହିଳାଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତିରେ ଉନ୍ନତି ହେଉଛି। ସୁଶାସନରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣ କରିବା ଉଦ୍ଦେଶ୍ୟରେ ନବୀନ ସରକାର ଅନେକ ନୀତି ଓ କାର୍ଯ୍ୟକ୍ରମ ପ୍ରଚଳନ ଏବଂ କାର୍ଯ୍ୟକାରୀ କରିଛନ୍ତି। ମୋଟ ଉପରେ କହିବାକୁ ଗଲେ ଓଡ଼ିଶାର ସୁଶାସନରେ 'ଅନ୍ତର୍ଜାତୀୟ ମହିଳା ଦିବସ'ର ବିଷୟବସ୍ତୁର ସଠିକ ଉପଯୋଗ କରାଯାଉଛି।

ନବୀନ ସରକାରଙ୍କ ମହିଳା ଅନ୍ତର୍ଭୁକ୍ତୀକରଣ ଓ ପ୍ରେରଣାର ଧାରଣା ଦୁଇଟି ତତ୍ତ୍ୱ ଉପରେ ଆଧାରିତ। ପ୍ରଥମଟି ହେଉଛି ସାମର୍ଥ୍ୟ ଆଭିମୁଖ୍ୟ(କାପାବିଲିଟି ଆପ୍ରୋଚ)। ଏହା ନୋବେଲ୍ ପୁରସ୍କାର ବିଜେତା ବିଶିଷ୍ଟ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍ ଏବଂ ମାର୍ଥା ନୁସବମ୍‌ଙ୍କ ଦ୍ୱାରା ବିକଶିତ ପଦ୍ଧତି। ବ୍ୟକ୍ତିବିଶେଷଙ୍କ ଦକ୍ଷତା ବୃଦ୍ଧି ଉପରେ ଏ ସିଦ୍ଧାନ୍ତ ଗୁରୁତ୍ୱ ଦେଇଥାଏ। ଏହାର ଉଦ୍ଦେଶ୍ୟ ହେଉଛି ନାଗରିକମାନେ କିଭଳି ନିଜ ଜୀବନକୁ ଗୁରୁତ୍ୱ ଦେବା ଉଚିତ। ଅମର୍ତ୍ତ୍ୟ ସେନ୍‌ଙ୍କ ସିଦ୍ଧାନ୍ତରେ ମହିଳାଙ୍କ ସାମର୍ଥ୍ୟ ଓ ସ୍ୱାଧୀନତାକୁ ବିସ୍ତାର କରିବା ଭଳି ବ୍ୟବସ୍ଥା ଏବଂ ପରିବେଶ ଉପରେ ଗୁରୁତ୍ୱାରୋପ କରାଯାଇଛି, ଯାହା ମହିଳାଙ୍କ ଉନ୍ନତି ପାଇଁ ଅପରିହାର୍ଯ୍ୟ। ଦ୍ୱିତୀୟଟି ହେଉଛି ସଶକ୍ତୀକରଣ ସିଦ୍ଧାନ୍ତ(ଏମପାୱାରମେଣ୍ଟ ଥିଓରୀ)। ଏହି ସିଦ୍ଧାନ୍ତ ମହିଳାଙ୍କ ସଂଗଠନ ଏବଂ ଚୟନ କ୍ଷମତା ବୃଦ୍ଧି ଉପରେ ପର୍ଯ୍ୟବସିତ। ଚୟନର ଅଧିକାର ହିଁ ମହିଳାଙ୍କ ଜୀବନକୁ ପ୍ରଭାବିତ କରିଥାଏ। ଏହି ସିଦ୍ଧାନ୍ତ ଶିକ୍ଷା, ସମ୍ବଳର ଉପଲବ୍ଧତା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାଙ୍କ ଅଂଶଗ୍ରହଣ ଉପରେ କେନ୍ଦ୍ରୀଭୂତ।

ପ୍ରଶ୍ନ ଆସେ, ମହିଳାଙ୍କ ଉପରେ ନିବେଶ କିପରି ହେବ, ଏହାର ରୂପରେଖ କେମିତି ହେବା ଉଚିତ? ମହିଳାଙ୍କ କ୍ଷେତ୍ରରେ ନିବେଶ କରିବା କେବଳ ଏକ ନୈତିକ ଆବଶ୍ୟକତା ନୁହେଁ; ଏହା ଏକ ରାଜନୈତିକ-ଅର୍ଥନୈତିକ ନିଷ୍ପତ୍ତି। ମହିଳାମାନଙ୍କ ଉପରେ ନିବେଶର ଅର୍ଥ ହେଉଛି ଶିକ୍ଷା, ସ୍ୱାସ୍ଥ୍ୟସେବା, ଆର୍ଥିକ ସମ୍ବଳ, ନେତୃତ୍ୱ ଏବଂ ଉଦ୍ୟୋଗରେ ମହିଳାଙ୍କୁ ସମାନ ସୁଯୋଗ ପ୍ରଦାନ କରିବା। ଏକ ଭେଦଭାବଶୂନ୍ୟ, ହିଂସାମୁକ୍ତ ଓ ଏକ ସହାୟକ ପରିବେଶ ସୃଷ୍ଟି କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ମାହାତ୍ମା ଗାନ୍ଧୀଙ୍କ ମତରେ 'ମହିଳାଙ୍କ ଜାଗରଣ ଆସିଲେ ଏବଂ ସଚେତନତା ଆସିଲେ, ପରିବର୍ତ୍ତନକୁ ଅଟକାଇବା କଷ୍ଟ'। ଏହାକୁ ମନ୍ତ୍ର ଓ ଦର୍ଶନ ଭାବେ ଗ୍ରହଣ କରିଛନ୍ତି ନବୀନ ସରକାର। ମହିଳାମାନେ କିପରି ସ୍ଥାନୀୟ ଶାସନ ଓ ନିଷ୍ପତ୍ତି ନେବାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିପାରିବେ ଓ ଏକ ବ୍ୟାପକ ସାମାଜିକ ପରିବର୍ତ୍ତନ ଆଣିପାରିବେ, ସେଥିପାଇଁ ନବୀନ ସରକାର ଓ '୫-ଟି' କାର୍ଯ୍ୟକ୍ରମ ସର୍ବଦା ତତ୍ପର। ଉଦାହରଣ ସ୍ୱରୂପ, ଓଡ଼ିଶାରେ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ସମେତ ପିଆରଆଇରେ ମହିଳାଙ୍କ ପାଇଁ ପଚାଶ ପ୍ରତିଶତ ଆସନ ସଂରକ୍ଷିତ ରହିଛି। ସେହିପରି ନାରୀ ଶିକ୍ଷା ହିଁ ନାରୀ ଉପରେ ଆଉ ଏକ ନିବେଶ। 'ଇଣ୍ଡିଆନ ଓପିନିୟନ'ର ଏକ ସଂସ୍କରଣରେ ଗାନ୍ଧିଜୀ ଫ୍ରାନ୍ସର ସମାଜସେବୀ ଏମ ଲାଭିସଙ୍କ ଭାଷଣକୁ ସୂଚିତ କରିଛନ୍ତି। ଭାଷଣର କିଛି ଅଂଶ ଠିକ ଏମିତି - 'ଝିଅମାନେ! ତୁମେ ଅନେକ କିଛି ଶିଖିବାର ଅଛି। ଛୁଞ୍ଚି ଏବଂ କଇଁଚିର କାମ ସହ ଅର୍ଥ ଉପାର୍ଜନ ଓ ଖର୍ଚ୍ଚ କରିବାର କୌଶଳ, କାର୍ଯ୍ୟ ଏବଂ କଳା ଶିଖିବାର ଅଛି। କେବଳ ଘରର ଚାରିକାନ୍ଥ ଭିତରେ ବନ୍ଦୀ ହୋଇ ରହିବା ମହିଳାଙ୍କ ଜୀବନ ନୁହେଁ। ଦେଶ, ସାଧାରଣ ଜ୍ଞାନ ଓ ପୃଥିବୀର ଖବର ଜାଣିବା ପ୍ରତ୍ୟେକ ନାରୀର କର୍ତ୍ତବ୍ୟ।' ଗାନ୍ଧୀଙ୍କ ମତରେ ନାରୀ ଶିକ୍ଷାଦାନ ପାଇଁ କେବଳ ସ୍କୁଲ ଗଢ଼ିଦେଲେ ହେବନି। ସେଥିପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଦରକାର। ଗାନ୍ଧୀ ଆଦର୍ଶରେ ଅନୁପ୍ରାଣିତ ନବୀନ ସରକାର ନାରୀ ଶିକ୍ଷା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରୁଛନ୍ତି। ପରିବହନ ପାଇଁ 'ଲକ୍ଷ୍ମୀ' ଯୋଜନା, ଶିକ୍ଷାରେ ଆର୍ଥିକ ସହାୟତା ପାଇଁ 'ନୂଆ-ଓ' ସ୍କଲାରସିପ, 'ମୋ ସ୍କୁଲ', 'ସ୍ମାର୍ଟ କ୍ଲାସ' ଓ 'ସବଳା'(କିଶୋରୀ ମାନଙ୍କ ସଶକ୍ତୀକରଣ ପାଇଁ ରାଜୀବ ଗାନ୍ଧୀ ଯୋଜନା) ଭଳି ଯୋଜନାକୁ ତ୍ୱରାନ୍ୱିତ କରାଯାଉଛି। ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପୋଷଣ ଏବଂ ପରିବାର କଲ୍ୟାଣ ବିଷୟରେ ସ୍କୁଲରେ ସଚେତନତା ସୃଷ୍ଟି କରାଯାଉଛି।

ଏହାଛଡ଼ା ଓଡ଼ିଶାରେ ମହିଳା ଅନ୍ତର୍ଭୁକ୍ତୀକରଣ ଓ ସଶକ୍ତୀକରଣ ଉଦ୍ଦେଶ୍ୟରେ ରାଜ୍ୟ ସରକାର 'ମିଶନ ଶକ୍ତି' ଭଳି ଅନେକ ମହିଳା କୈନ୍ଦ୍ରିକ ନୀତି ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛନ୍ତି, ଯାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କୁ ସମ୍ବଳ ଓ ପ୍ରଶିକ୍ଷଣ ପ୍ରଦାନ କରୁଛି। ୨୦୦୧ ମସିହା 'ଅନ୍ତର୍ଜାତୀୟ ମହିଳା ଦିବସ' ଅବସରରେ ଆରମ୍ଭ ହୋଇଥିବା 'ମିଶନ ଶକ୍ତି'ର ଲକ୍ଷ୍ୟ ହେଉଛି ଏକ ମହାସଂଘ ବା ଫେଡେରେସନ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକ ଜୀବନ୍ତ ଆର୍ଥିକ କେନ୍ଦ୍ରରେ ସଂଗଠିତ କରିବା ହେଉଛି ଏହାର ଦର୍ଶନ। ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ୬ ଲକ୍ଷ ଡବ୍ଲ୍ୟୁ. ଏସ.ଏଚ.ଜିରେ ସଂଗଠିତ କରିବା ସହ ସଶକ୍ତ ଓ ଅନ୍ତର୍ଭୁକ୍ତୀକରଣ କରାଯାଇଛି। ବିହନ ଅର୍ଥ, ବଜାର ସଂଯୋଗ ଓ କ୍ରେଡିଟ୍ ଲିଙ୍କେଜ୍(ଋଣ ସଂଯୋଗ) ସହ ସମୁଦାୟ ୧୫, ୦୦୦ କୋଟି ଟଙ୍କା ମହିଳାଙ୍କୁ ପ୍ରଦାନ କରାଯାଇଛି। 'ମିଶନ ଶକ୍ତି' କାର୍ଯ୍ୟକ୍ରମ ଦ୍ୱାରା ମହିଳାଙ୍କ ବ୍ୟାପକ ଅନ୍ତର୍ଭୁକ୍ତୀକରଣ ହେଉଛି। ସରକାରୀ ବିଭାଗରେ ନିଯୋଜିତ ହେବା, ସ୍ୱାସ୍ଥ୍ୟ ମିତ୍ର, ଜଳ ସାଥୀ, ଟିକସ ସଂଗ୍ରହକାରୀ, ବ୍ୟାଙ୍କିଙ୍ଗ ଓ ସମ୍ବାଦଦାତା ଭାବରେ କାର୍ଯ୍ୟ କରିବା ପାଇଁ ସୁଯୋଗ ମିଳୁଛି। ଏସ.ଏଚ.ଜି.ର ଯୁବତୀମାନଙ୍କୁ ଫ୍ୟାଶନ, ଜୀବନଶୈଳୀ ଏବଂ ଇ-କମର୍ସ ଭଳି ଆଧୁନିକ ବ୍ୟବସାୟରେ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଜେଣ୍ଡର ବଜେଟ୍ ୨୦୨୩-୨୪ରେ 'ମିଶନ ଶକ୍ତି' ବିଭାଗକୁ ୪୧.୫୭% ଆବଣ୍ଟନ କରାଯାଇଛି। ଏହା ମହିଳା ଅନ୍ତର୍ଭୁକ୍ତୀକରଣ ପାଇଁ ପ୍ରେରଣା। ସମଗ୍ର ଭାରତ ପାଇଁ ଏକ ଉଦାହରଣ।

ସ୍ୱାସ୍ଥ୍ୟ ସେବାରେ ମହିଳାଙ୍କୁ ଅନ୍ତର୍ଭୁକ୍ତ କରିବା ବିକାଶ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି ପରିପ୍ରେକ୍ଷୀରେ, ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ସହ ପୁଷ୍ଟିହୀନତା ଦୂରୀକରଣ ପାଇଁ ୨୦୧୧ମସିହାରେ ଓଡ଼ିଶାରେ ଆରମ୍ଭ ହୋଇଥିବା 'ମମତା' ଯୋଜନାରେ ଆଜି ପର୍ଯ୍ୟନ୍ତ ୬୦ ଲକ୍ଷରୁ ଅଧିକ ଗର୍ଭବତୀ ଓ ମା' ଉପକୃତ ହୋଇସାରିଲେଣି ଏବଂ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୯୦୦ କୋଟି ଟଙ୍କା ସ୍ଥାନାନ୍ତର କରାଯାଇଛି। ଓଡ଼ିଶାରେ ମହିଳାମାନଙ୍କ ସାମଗ୍ରିକ ମଙ୍ଗଳ, ଉତ୍ପାଦକତା, ସଶକ୍ତୀକରଣ, ଦାରିଦ୍ର୍ୟ ଏବଂ ଶିକ୍ଷାପ୍ରତି ପ୍ରତିବନ୍ଧକକୁ ହ୍ରାସ କରିବାରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଛି। ଓଡ଼ିଶାର ସହରାଞ୍ଚଳ ବସ୍ତିରେ ମହିଳାମାନେ ଜଳ ଓ ପରିମଳ ସେବାରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି। ମିଶନ ଶକ୍ତି ଗୋଷ୍ଠୀ (ଏମଏସଜି), ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବସ୍ତି ଉନ୍ନୟନ ସଂଘମାନେ ଏହି ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଦୁଇଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପ୍ରାୟ ଦୁଇ କୋଟି ମହିଳା ଓଡ଼ିଶା ଜୀବିକା ମିଶନ (ଓଏଲଏମ) ସହିତ ଯୋଡ଼ି ହୋଇଛନ୍ତି। ମହିଳା କିଷାନ ସଶକ୍ତୀକରଣ ଓ ରୋଶନୀ ଭଳି କାର୍ଯ୍ୟକ୍ରମ ମହିଳାମାନଙ୍କ ସମାବେଶୀ ବିକାଶ ପାଇଁ ନବୀନ ସରକାରଙ୍କ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ସେହିପରି ଆମ ଓଡ଼ିଶାରେ ୪୩% ଷ୍ଟାର୍ଟଅପ୍‌ର ନେତୃତ୍ୱ ନେଉଛନ୍ତି ମହିଳା ଉଦ୍ୟୋଗୀ, ଯାହା ଜାତୀୟ ହାରାହାରି ୧୮%କୁ ଅତିକ୍ରମ କରିଛି। ରାଜ୍ୟର ୭୦ଟି ମାଇକ୍ରୋଫାଇନାନ୍ସ ଅନୁଷ୍ଠାନ, ବ୍ୟାଙ୍କ ଓ କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କ ମିଳିତ ଭାବେ ୨୧, ୮୦୦ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି, ଯାହାଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୪୦ ଲକ୍ଷରୁ ଉର୍ଦ୍ଧ୍ୱ ସଦସ୍ୟ ଉପକୃତ ହୋଇଛନ୍ତି। ବିଭିନ୍ନ ଦକ୍ଷତା ବିକାଶ ଓ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ସହିତ ଋଣ ପ୍ରଦାନ ମାଧ୍ୟମରେ ମହିଳା ନିଯୁକ୍ତିରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ମହିଳାଙ୍କୁ ଅର୍ଥନୀତିର ଏହି ଜଟିଳ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ଓ ସଶକ୍ତ କରାଯାଇଛି।

ବିଶ୍ୱର ସମସ୍ତ ସ୍ଥାନ ଭଳି ଓଡ଼ିଶାରେ ମଧ୍ୟ ମହିଳାଙ୍କୁ ବିକାଶରେ ସାମିଲ କରିବା ପାଇଁ ଏବେବି ଅନେକ କିଛି କରିବାକୁ ବାକି ରହିଛି। ପୁରୁଷ କୈନ୍ଦ୍ରିକ ସଂସ୍କୃତି, ମହିଳାଙ୍କ ପ୍ରତି ହିଂସା, ନିରକ୍ଷରତା ଆଦି କ୍ରମବର୍ଦ୍ଧିଷ୍ଣୁ ସମସ୍ୟାର ମୁକାବିଲା ପାଇଁ ଆହୁରି ଅଧିକ ବହୁମୁଖୀ ରଣନୀତି ହାତକୁ ନେବାକୁ ହେବ। ପ୍ରଶାସନିକ ନୀତିରେ ହସ୍ତକ୍ଷେପ, ସାମାଜିକ ନିୟୋଜନ, ଲିଙ୍ଗଗତ ସମାନତା ପ୍ରତି ସାମାଜିକ ମାନଦଣ୍ଡ ଏବଂ ଆଭିମୁଖ୍ୟ ପରିବର୍ତ୍ତନ ଭଳି ନିରନ୍ତର ପ୍ରୟାସ ଏକ ଲିଙ୍ଗନିରପେକ୍ଷ ଏବଂ ନାରୀସଶକ୍ତ ସମାଜ ଗଢ଼ିପାରିବ ବୋଲି ଆଶା ଓ ବିଶ୍ୱାସ।

## ମହାଶିବରାତ୍ରି ଉପଲକ୍ଷେ

# ଶୈବାଶଂସା

### (ଛନ୍ଦଃ-ଅନୁଷ୍ଟୁପ୍, ଯମକାଳଙ୍କାର-ଭୂୟିଷ୍ଠ-ସ୍ତବଃ)



ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ଭୁବନେଶ୍ୱର, ମୋ-୯୪୩୭୫୬୬୩୨୪

*ସେ ସତ୍ୟ, ଶିବ ଓ ସୁନ୍ଦର। ସେ ମଧ୍ୟ ସର୍ବବିଦ୍ୟା ଓ ସର୍ବଭୂତଙ୍କ ଅଧୀଶ୍ୱର। ସେ ହିଁ ସ୍ୱୟଂ ଗରଳପାନ କରି ସକଳଜଗତର ହିତରେ ବ୍ରତୀ ହେବାର ଯେଉଁ ଅଦ୍ଭୁତ ଆଦର୍ଶ ସ୍ଥାପନ କରିଛନ୍ତି, ତାହାର ପଟାନ୍ତର ନାହିଁ। ସମସ୍ତ ଅଶୁଭକୁ ବହନ କରି ବି ସେ ଶୁଭ ବା ମଙ୍ଗଳର ମୂର୍ତ୍ତିମାନ୍ ବିଗ୍ରହ। ସେ ସଦାଶିବ, ସ୍ମରହର, ଈଶ୍ୱର। ସେ ପୁଣି ସର୍ବଦା ସନ୍ତୁଷ୍ଟ। ସେ ଭୂତିପତି ନ ହୋଇ ହୋଇଛନ୍ତି ଭୂତପତି ଏବଂ ବସୁପତି ନ ହୋଇ ହୋଇଛନ୍ତି ପଶୁପତି। ପୁରାଣମତରେ ସେ ସ୍ୱୟଂ ସମ୍ପଦ-ତ୍ୟାଗୀ ହୋଇ କୁବେରଙ୍କୁ ବିଭବମୟ-ଅଳକାପୁରୀ-ବିତରଣରେ କରିଛନ୍ତି ଧନପତି (ଟଙ୍କାପତି) ଓ ରାବଣଙ୍କୁ ସ୍ୱର୍ଣ୍ଣମୟନଗରୀ ପ୍ରଦାନକରି କରିଛନ୍ତି ଲଙ୍କାପତି। ସିଏ ପୁଣି ସର୍ବଦା ସମାଧିସ୍ଥ ଥାଆନ୍ତି ଓ ମହାପ୍ରଳୟ ସମୟରେ ତମୋଗୁଣଯୁକ୍ତ ହୋଇ ବିନାଶକ୍ରିୟା ନିର୍ବାହ କରନ୍ତି। ସୂତସଂହିତା ମତରେ ଶିବ ହେଉଛନ୍ତି ସ୍ୱୟଂ ଜ୍ଞାନ ଓ ଏହି ଜ୍ଞାନରୂପର ପ୍ରକାଶ ହେଉଛନ୍ତି ଲିଙ୍ଗ। ସେହି ଲିଙ୍ଗରୂପ ହିଁ ସତ୍-ଚିତ୍-ଆନନ୍ଦର ସମାହାର ଓ ଅଚଳପ୍ରତିଷ୍ଠ। ଜ୍ୟୋତିର୍ଲିଙ୍ଗ, ବାଣଲିଙ୍ଗ, ହିମଲିଙ୍ଗ, ସ୍ଫଟିକଲିଙ୍ଗାଦି ଭେଦରେ ଲିଙ୍ଗରୂପରେ ଶିବ-ଉପାସନାର ମହତ୍ତ୍ୱ ରହିଛି। ସଦ୍ୟୋଜାତ-ତତ୍ପୁରୁଷ-ବାମଦେବ-ଅଘୋର-ଈଶାନ-ଏହି ପଞ୍ଚମୁଖରେ ତତ୍ତ୍ୱତଃ ପ୍ରକଟିତ ପରମସତ୍ତା ଭୂତଭାବନ ଶଙ୍କର ଭଗବାନ୍‌ଙ୍କ ଜ୍ୟୋତିର୍ମୟସ୍ୱରୂପର ପ୍ରକଟପର୍ବ ହେଉଛି ଶିବରାତ୍ରି; ଯାହାକୁ 'ମହାରାତ୍ରି' ମଧ୍ୟ କୁହାଯାଏ ଓ ଏହାର ପାଳନ ବ୍ରତଭିତ୍ତିକ ଷଡ୍‌ଜୟନ୍ତୀର ଅନ୍ତର୍ଗତ। ସେ ମୂଳାନ୍ତହୀନ-ସ୍ଥାଣୁ। ସେ ପୁଣି କ୍ଷିତି-ଅପ୍-ତେଜୋ-ମରୁଦ୍-ବ୍ୟୋମ-ଚନ୍ଦ୍ର-ସୂର୍ଯ୍ୟ-ଆତ୍ମାଦିର ସଂଯୋଗରେ ଅଷ୍ଟମୂର୍ତ୍ତି ଓ ଭବ-ଶର୍ବ-ରୁଦ୍ର-ପଶୁପତି-ଉଗ୍ର-ମହାଦେବ-ଭୀମ-ଈଶାନାଦି ଅଷ୍ଟନାମରେ ପରିଷ୍ଟୁତ। ଆସନ୍ତୁ, ସେହି ଯତୀଶ, ସତୀଶ, ଉମେଶ, ମହେଶଙ୍କୁ ଆଜିର ପାବନ-ପର୍ବରେ ସ୍ତବପାଠପୂର୍ବକ ସଶ୍ରଦ୍ଧ-ସ୍ମରଣ କରିବା।*

*ରାମରାମମନୁସ୍ମର୍ତ୍ତା ସୋମାସୋମାର୍ଦ୍ଧଭୂଷଣଃ।*
*ଶଙ୍କରଃ ଶଙ୍କରଃ ସ୍ୟାନ୍ମେ ସର୍ବଦା ସର୍ବଦାୟକଃ ।।୧।।*

ରାମ (ରମଣୀୟ) - ରାମ-(ମନୁ) ମନ୍ତ୍ରର ସ୍ମର୍ତ୍ତା (ସ୍ମରଣକାରୀ), ଉମା(ପାର୍ବତୀ) ଓ ସୋମାର୍ଦ୍ଧ(ଅର୍ଦ୍ଧଚନ୍ଦ୍ର)ରୂପୀ ଭୂଷଣ ସହ ବିଦ୍ୟମାନ, ସର୍ବସ୍ୱଦାତା, ଶଙ୍କର ସର୍ବଦା ମୋର ଶଂ(ମଙ୍ଗଳ)କର ହୁଅନ୍ତୁ।

*ନାଗହା ନାଗହାରଃ ସ୍ୟାଦ୍ ଯୋଽଗେ ଯୋଗେଶ୍ୱରଃ ସ୍ଥିତଃ।*
*ଭୂତପୋ ଭୂତପୋହା ମେ ବିଧିନା ବିଧିନା ସ୍ତୁତଃ ।।୨।।*

ନାଗ(ଗଜାସୁର)ର ବଧକାରୀ, ନାଗ(ସର୍ପ)ହାରରେ ଶୋଭିତ, ଯିଏ ଅଗ(ପର୍ବତ-କୈଳାସ)ରେ ଅବସ୍ଥିତ ତଥା ଯୋଗେଶ୍ୱର, ବିଧି(ବ୍ରହ୍ମା)ଙ୍କ ଦ୍ୱାରା ସବିଧି ସ୍ତୁତ, ଭୂତପତି, ମୋର ଭୂ(ପୃଥିବୀ)-ତପଃ(କଷ୍ଟ-ସାଂସାରିକ ଯାତନା)ର ବିନାଶକ ହୁଅନ୍ତୁ।

*ଭୂତୀଶୋ ଭୂତିଶୋଭଃ ସୋଽପାୟାପ୍ରାୟାଦ୍ଦିଗମ୍ବରଃ।*
*ଦକ୍ଷାଦକ୍ଷାଧ୍ୱରାଟୋପହରୋ ହରୋଽଜକାବଭୃତ୍ ।।୩।।*

ସକଳଭୂତି(ସମ୍ପଦ)ର ଅଧୀଶ୍ୱର, ଭୂତି(ଭସ୍ମ)ରେ ଶୋଭିତ, ଦକ୍ଷ(ଦକ୍ଷପ୍ରଜାପତି)ଙ୍କ ଅଦକ୍ଷ (ଅନୁଦାରଭାବସମ୍ପନ୍ନ)-ଅଧ୍ୱର (ଯଜ୍ଞ)ର ଆଟୋପ(ଆଡମ୍ବର)ର ହରଣକାରୀ, ଅଜକାବ(ଶିବଧନୁ)ଧାରକ, ଦିଗମ୍ବର, ସେହି ହର ମୋତେ ଅପାୟ(ଦୁର୍ଦ୍ଦଶା)ରୁ ରକ୍ଷାକରନ୍ତୁ।

*ସବୃଷଃ ସ ବୃଷସ୍ତୁତ୍ୟୋ ଭୀମୋ ଭୀମୋଚକୋ ଭବେତ୍।*
*ଘନାଘନାସିତଗ୍ରୀବଃ ପରମୋପରମୋର୍ଜିତଃ ।।୪।।*

ବୃଷ(ବୃଷଭ)ସହିତ ବିଦ୍ୟମାନ(ବୃଷଭାରୂଢ଼), ବୃଷ(ଇନ୍ଦ୍ର)ଙ୍କ ଦ୍ୱାରା ପ୍ରଶଂସ୍ୟ, ଘନମେଘଭଳି ନୀଳବର୍ଣ୍ଣାଭ-କଣ୍ଠଧାରୀ, ପରମ-ଉପରମ(ବୈରାଗ୍ୟ)ରେ ଉର୍ଜିତ(ଶକ୍ତ, ଅବିଚଳ), ସେହି ଭୀମ(ଶିବ) ମୋର ଭୀ(ଭୟ)-ମୋଚକ(ନିବାରକ) ହୁଅନ୍ତୁ।

*ବଶୀବ ଶିବନାମାଽସ୍ତପୁରଃ ପୁରସ୍କୃତକ୍ରିୟଃ।*
*ଭବୋ ଭବୋଦଧେରବ୍ୟାଦ୍ ବିଧୁରଂ ବିଧୁରଞ୍ଜନଃ ।।୫।।*

ଶିବନାମଧାରୀ, ବଶୀ(ନିୟମସିଦ୍ଧ-ଯତି), ତ୍ରିପୁରାସୁରର ବିନାଶକ, ପ୍ରଶଂସନୀୟ-ଲୀଳାକାରୀ (ପ୍ରତିଯୁଗରେ ଶିବଲୀଳା ପୁରାଣମାନଙ୍କରେ ବ୍ୟଞ୍ଜିତ), ବିଧୁ(ବିଷ୍ଣୁ)ଙ୍କ ରଞ୍ଜନ(ପ୍ରିୟତମ), ଭବ(ଶିବ) (ମୋ'ପରି) ବିଧୁର(ଅସହାୟ)କୁ ଭବ(ସଂସାର)ରୂପୀ ଉଦଧି(ସମୁଦ୍ର)ରୁ ଉଦ୍ଧାର କରନ୍ତୁ।

*ପ୍ରଭାପ୍ରଭାବଦଗ୍ଧାନଂଗାଙ୍ଗୋ ଗାଙ୍ଗୋଦଧାରକଃ।*
*ସଦା ସଦାଶିବୋ ଯଚ୍ଛେନ୍ମୁଦାମୁଦାରଧୀଷ୍ଟୟମ୍ ।।୬।।*

(ନିଜ ନେତ୍ରାଗ୍ନି-ଜନିତ) ପ୍ରଭା(ତେଜଃ)ର ପ୍ରଭାବରେ ଅନଙ୍ଗ(କାମଦେବ)ଙ୍କ ଅଙ୍ଗର ଦହନକାରୀ, ଗାଙ୍ଗୋଦକ(ଗଙ୍ଗାଜଳ) ଧାରକ (ମସ୍ତକରେ ଗଙ୍ଗାଙ୍କ ଧାରଣକାରୀ), ଉଦାରବୁଦ୍ଧିସମ୍ପନ୍ନ, ସଦାଶିବ(ଶିବ) ସର୍ବଦା (ମୋତେ) ଆନନ୍ଦସମୂହକୁ ପ୍ରଦାନ କରନ୍ତୁ।

*ସୁରାସୁରାବଳୀପ୍ରୋକ୍ତସ୍ତୋମସ୍ତୋମସ୍ପୃହାନ୍ୱିତଃ।*
*କଳାକଳାପସଂଯୁକ୍ତୋ ହଳାହଳାଶନୋଽବତାତ୍ ।।୭।।*

ଭବ(ସଂସାର)ରୂପୀ ଉଦଧି(ସମୁଦ୍ର)ରୁ ସୁର(ଦେବ)-ଅସୁର(ରାକ୍ଷସ)-ଗୋଷ୍ଠୀଙ୍କ ଉଚ୍ଚାରିତ ସ୍ତୋମ(ସ୍ତୁତି)-ସ୍ତୋମ(ସମୂହ)ରେ ସ୍ପୃହାଶାଳୀ, ସକଳ-କଳା(ସାରସ୍ୱତଶକ୍ତି)-କଳାପ(ସମୂହ)ର ଆଧାର, ହଳାହଳ(ସମୁଦ୍ର-ମନ୍ଥନରୁ ଜାତ ହୋଇଥିବା ବିଷ)ର ଅଶନ(ଭକ୍ଷଣକାରୀ) ଶିବ (ମୋତେ) ରକ୍ଷାକରନ୍ତୁ।

*ଗଣେ ଗଣେଶସମ୍ପୂଜ୍ୟଃ ସତାଂ ସ ତାଣ୍ଡବପ୍ରିୟଃ।*
*ପ୍ରଭୁଃ ପ୍ରଭୂତଶକ୍ତିଃ କଂ ଚରାଚରାଶ୍ରୟୋ ଦିଶେତ୍ ।।୮।।*

ଗଣେଶଙ୍କ ପୂଜ୍ୟ, ତାଣ୍ଡବପ୍ରିୟ, ଚରାଚରର ଆଶ୍ରୟ, ସଜ୍ଜନମାନଙ୍କ ସମୂହରେ ପ୍ରଭୂତ-ଶକ୍ତିମୟ ପ୍ରଭୁ ଭାବରେ ସ୍ୱୀକୃତ, ଚରାଚରର ଆଶ୍ରୟ-ସ୍ୱରୂପ (ଶିବ) (ମୋତେ) କ(ସୁଖ) ବିତରଣ କରନ୍ତୁ।

*ଧରାଧରାତ୍ମଜାମୋଦ-ସାର-ସାରସ-ଭାସ୍କରଃ।*
*ଭବେ ଭବେନ୍ମୟି ପ୍ରୀତଃ କରାକରାନଳେନ୍ଦୁଦୃକ୍ ।।୯।।*

ଧରାଧର(ପର୍ବତ-ହିମାଳୟ)ଙ୍କ ଆତ୍ମଜା(କନ୍ୟା-ପାର୍ବତୀ)ଙ୍କ ଆମୋଦ(ଆନନ୍ଦ)ରୂପକ ସାର(ସୁନ୍ଦର)-ସାରସ(ପଦ୍ମ)ର ପ୍ରସ୍ଫୁଟନରେ ଭାସ୍କର (ସୂର୍ଯ୍ୟ), କରାକର(କିରଣର ଉତ୍ସ-ସୂର୍ଯ୍ୟ)-ଅନଳ(ଅଗ୍ନି)-ଇନ୍ଦୁ(ଚନ୍ଦ୍ର)-ଦୃକ୍(ନେତ୍ର) ଅର୍ଥାତ୍ ସୂର୍ଯ୍ୟ-ଚନ୍ଦ୍ର-ଅଗ୍ନି ଯାହାଙ୍କ ନେତ୍ରସ୍ୱରୂପ ଅଟନ୍ତି; ସେହି (ଶିବ) ସଂସାରରେ ମୋ'ଠାରେ ପ୍ରସନ୍ନ ହୁଅନ୍ତୁ।

*ନନ୍ଦିନନ୍ଦୀ କୃତଦ୍ୱେଷିସ୍କନ୍ଦଃ ସ୍କନ୍ଦଗୁରୁଃ ସ୍ୱୟମ୍।*
*ସୁଭଗୋଽଶୁଭଗୋତ୍ରଂ ମେ ଦୟୋଦୟୋତ୍ତମୋ ହରେତ୍ ।।୧୦।।*

ପାର୍ଷଦ ନନ୍ଦୀଙ୍କ ଆନନ୍ଦଦାତା, ଶତ୍ରୁମାନଙ୍କ ବିନାଶକ, କାର୍ତ୍ତିକେୟଙ୍କ ପିତା, ଦୟାର ଉଦୟରେ ଉତ୍ତମ, ସ୍ୱୟଂ ସୁଭଗ(ଶିବ) ମୋର ଅଶୁଭ-ସମୂହକୁ ହରଣ କରନ୍ତୁ।

*ମହାମହା ବିଦର୍ଥାକୂପାରାପାରାଶୟୋ ଦୃଶି।*
*ଦିନେ ଦିନେ ମହାଦେବଃ କାଳକାଳ ଉଦେତୁ ମେ ।।୧୧।।*

ମହାମହା(ମହାତେଜସ୍ୱୀ), ବିଦର୍ଥ(ବିଦ୍ୟାବିଭୂତି / ବିଜ୍ଞମାନଙ୍କ ଇପ୍ସିତାର୍ଥ)ର ଧାରଣରେ ଅପାର-ଅକୂପାର(ସମୁଦ୍ର) ଭଳି ଆଶୟ(ହୃଦୟ)ଶାଳୀ, କାଳର କାଳ(ମହାକାଳ), ମହାଦେବ ପ୍ରତିଦିନ(ନିତ୍ୟ) ମୋ' ନେତ୍ରରେ ଉଦିତ ହୁଅନ୍ତୁ (ମୋତେ ଦର୍ଶନ ଦିଅନ୍ତୁ)।

*ସିଦ୍ଧୟେ ଶୁଦ୍ଧୟେ ଶୈବସ୍ତବସ୍ତବକମାହିତମ୍।*
*ସ୍ମର ସ୍ମରହରାଙ୍ଘ୍ର୍ୟବ୍ଜଷଡଙ୍ଘ୍ରିଣା ଷଡଙ୍ଗିନା ।।(ଫଳଶ୍ରୁତିଃ)*

ସିଦ୍ଧି ଓ ଶୁଦ୍ଧି ନିମନ୍ତେ ସ୍ମରହର(କନ୍ଦର୍ପନାଶକ-ଶଙ୍କର)ଙ୍କ ଅଙ୍ଘ୍ର୍ୟବ୍ଜ(ପାଦପଦ୍ମ)-ଷଡଙ୍ଘ୍ରି(ଭ୍ରମର)-ଷଡଙ୍ଗୀ(କବି କୃଷ୍ଣକେଶବ ଷଡଙ୍ଗୀ)ଙ୍କ ଆହିତ (ରଚିତ) ଏହି ଶୈବସ୍ତବସ୍ତବକକୁ ସ୍ମରଣ କର।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଦେବୀ ଦୋହରାଇଲେ 'ରାଜ୍ୟ ହିତ' ମନ୍ତବ୍ୟ

**ଭୁବନେଶ୍ୱର,୭ ।୩(ସମିସ):** ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ବିଜେଡିର ବରିଷ୍ଠ ଉପସଭାପତି ତଥା ବିଧାୟକ ଦେବୀ ପ୍ରସାଦ ମିଶ୍ର ଗତକାଲିର ନିଜ ମତକୁ ପୁନଶ୍ଚ ଦୋହରାଇଛନ୍ତି। ଗୁରୁବାର ସେ କହିଛନ୍ତି ଯେ ଗତକାଲି ଏହି ବିଷୟରେ ଆମ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତିରେ ଆସନ୍ତା ସାଧାରଣ ନିର୍ବାଚନ ପ୍ରରିପେକ୍ଷୀରେ ସବୁ ଦିଗକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ବୈଠକରେ ଆମ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ଓଡ଼ିଶାର ସର୍ବାଙ୍ଗୀଣ ବିକାଶ ଆଭିମୁଖ୍ୟ ରଖି ବିଜେଡି କାର୍ଯ୍ୟ କରି ଆସୁଛି। ଏହି ଲକ୍ଷ୍ୟରେ ଆମେ ବହୁ ସଫଳତା ପାଇଛୁ। ଦାରିଦ୍ର୍ୟକୁ ହ୍ରାସ କରି ପୂର୍ଣ୍ଣ ବିକାଶ ଆଡ଼କୁ ଆମେ ଗତି କରୁଛୁ। ଆଉ ୧୨ ବର୍ଷ ପରେ ସ୍ୱତନ୍ତ୍ର ଓଡ଼ିଶାକୁ ୧୦୦ ବର୍ଷ ପୂରିବ। ଏହା ପୂର୍ବରୁ ଅନେକ ଲକ୍ଷ୍ୟ ହାସଲ କରିବାକୁ ଥିବାବେଳେ ଏହା ଆମର ପ୍ରାଥମିକତା। ଏହାକୁ ଲକ୍ଷ୍ୟ ରଖି ବିଜେଡି ନିଜର ନିଷ୍ପତ୍ତି ନେବ ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଛନ୍ତି।

**କେନ୍ଦ୍ର ନିଷ୍ପତ୍ତି ଗ୍ରହଣ ଆମର ପରମ୍ପରା: କେଭି**

**ରାଜ୍ୟ ହିତରେ ମୋଦି ନେବେ ନିଷ୍ପତ୍ତି: ଲେଖାଶ୍ରୀ**

ଅପରପକ୍ଷେ ରାଜ୍ୟ ବିଜେପିର ପୂର୍ବ ସଭାପତି କେ ଭି ସିଂହଦେଓ କହିଛନ୍ତି ଯେ ଦିଲ୍ଲୀକୁ ଯେଉଁମାନେ ଯାଇଛନ୍ତି ସେମାନେ ଫେରିବା ପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ପଡ଼ିବ। ରାଜ୍ୟରେ ଦଳ ସମ୍ପର୍କରେ କେନ୍ଦ୍ର ନେତୃତ୍ୱ ଯେଉଁ ନିଷ୍ପତ୍ତି ନେବ, ତାହାକୁ ଦଳର କାର୍ଯ୍ୟକର୍ତ୍ତା ଗ୍ରହଣ କରିବେ। ଏହା ଆମ ଦଳର ପରମ୍ପରା ରହି ଆସିଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ସେହିପରି ରାଜ୍ୟ ବିଜେପି ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର କହିଛନ୍ତି ଯେ ସମ୍ଭାବ୍ୟ ମେଣ୍ଟ ସମ୍ପର୍କରେ ବର୍ତ୍ତମାନ କିଛି କହିବା ଅନୁଚିତ ହେବ। ଯାହା ନିଷ୍ପତ୍ତି ହେବ ତାହା ଆମ ରାଷ୍ଟ୍ରୀୟ ଏବଂ ରାଜ୍ୟ ନେତାଏ ମିଳିତ ଭାବେ ନେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯାହା ନିଷ୍ପତ୍ତି ନେବେ ତାହା ଦେଶ ଏବଂ ରାଜ୍ୟର ହିତ ପାଇଁ ହେବ। ଏନେଇ ଆମର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି ବୋଲି ସେ କହିଛନ୍ତି ।

## ପ୍ରସାଦ କଂଗ୍ରେସ ନିର୍ବାଚନ ପରିଚାଳନା ଆବାହକ

ଭୁବନେଶ୍ୱର, ୭ ।୩(ସମିସ): ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ରାଜ୍ୟ କଂଗ୍ରେସର ନିର୍ବାଚନ ପରିଚାଳନା ଆବାହକ ଭାବେ ନିଯୁକ୍ତ ପାଇଛନ୍ତି। ଏଆଇସିସି ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଥିବା ପିସିସି ପ୍ରଭାରୀ ଡ. ଅଜୟ କୁମାର ସୂଚନା ଦେଇଛନ୍ତି। ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ପୂର୍ବରୁ ତାଙ୍କୁ ଏହି ନୂଆ ଦାୟିତ୍ୱ ଦିଆଯାଇଥିବା ବେଳେ ନିର୍ବାଚନ ପାଇଁ ସେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବେ । ଏହି ଦାୟିତ୍ୱ ସହ ପ୍ରସାଦ ହରିଚନ୍ଦନ ମିଡିଆ ସମନ୍ୱୟ ଓ ଯୋଗାଯୋଗ, ସୋଶାଲ ମିଡିଆ, ୱାର୍ ରୁମ୍, ପ୍ରଗମନ ଓ ରାଜନୀତିକ କାର୍ଯ୍ୟକ୍ରମ କଥା ବୁଝିବେ। କଂଗ୍ରେସ ଟିକେଟରେ ପ୍ରସାଦ ହରିଚନ୍ଦନ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ପୂର୍ବରୁ ସେ କଂଗ୍ରେସ ସରକାରରେ ମନ୍ତ୍ରୀ ଓ ପିସିସି ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ରହି କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି। ତାଙ୍କର ଏହି ଅଭିଜ୍ଞତା ଦଳ ପାଇଁ ଉପଯୋଗୀ ହେବ ବୋଲି ଦଳ ଆଶା ରଖିଛି।

## ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଲିଙ୍କ: ବିଭିନ୍ନ ସ୍ଥାନରେ ଇଡି ଚଢ଼ଉ

**ଭୁବନେଶ୍ୱର, ୭ ।୩(ସମିସ):** ପୁଣି ଖୋଲିଲା ଅର୍ଥତତ୍ତ୍ୱ ଚିଟଫଣ୍ଡ ଲିଙ୍କ ମାମଲା। ଏକ ଦୈନିକ ଖବରକାଗଜର ମୁଖ୍ୟଙ୍କ ଘରେ ଓ କାର୍ଯ୍ୟାଳୟରେ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଚଢାଉ କରିଛି। ଭୁବନେଶ୍ୱରର ୩ଟି ସ୍ଥାନରେ ଚଢାଉ କରାଯାଇଥିବା ବେଳେ ବ୍ରହ୍ମପୁର ଏବଂ ଛତ୍ରପୁରର ୫ଟି ସ୍ଥାନରେ ଏହି ଚଢାଉ କରାଯାଇଛି। ଚଢାଉ ସମୟରେ ଏକାଧିକ ଦସ୍ତାବିଜ୍ ଆଜି ଜବତ କରି ଯାଞ୍ଚ କରୁଛି ଇଡ଼ି। ଏଥିସହ ଅନ୍ୟ କିଛି ବ୍ୟକ୍ତି ବିଶେଷଙ୍କ ଘରେ ଇଡ଼ି ଚଢାଉ କରିଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ସିବିଆଇ ଚିଟ୍‌ଫଣ୍ଡ ମାମଲାର ତଦନ୍ତଭାର ନେଇଥିଲା। ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ସଂସ୍ଥା ଓଡ଼ିଶାରୁ ୫ଶହ କୋଟି ଟଙ୍କା ଠକି ନେଇଥିଲେ। ସିବିଆଇ ଏହି ମାମଲାର ତଦନ୍ତ କରିବା ସହ ଅନେକଙ୍କୁ ଗିରଫ କରିଥିଲା। ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ସଂସ୍ଥା ଠାରୁ ବିଜ୍ଞାପନ ବାବଦକୁ କୋଟି କୋଟି ଟଙ୍କା ତାଙ୍କ ଖବରକାଗଜକୁ ମିଳିଥିଲା। ମନିଲଣ୍ଡରିଂ ଲିଙ୍କ୍ ଆସିବା ପରେ ଇଡି ଏଣ୍ଟ୍ରି ମାରିଥିଲା। ଇଡି ତଦନ୍ତ କରିବା ପରେ ଖବରକାଗଜ ମାଲିକଙ୍କ ୧୩୩ କୋଟି ଟଙ୍କା ଆଟାଚ ହୋଇଥିଲା। ଏବେ ସେହି ଲିଙ୍କରେ ପୁଣି ଇଡି ଚଢାଉ କରିଛି। ସେପଟେ ବରପଦା ଇଂଜିନିୟରିଂ କଲେଜ ଦୁର୍ନୀତି ମାମଲାରେ ମଧ୍ୟ ଚଢାଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ।

## ସ୍ୱାସ୍ଥ୍ୟ ସେବାରେ ଜିଏସ୍‌ଟିକୁ ଆଇଏମ୍‌ଏର ବିରୋଧ

### ରୋଗୀର ଦୂରାବସ୍ଥା ପ୍ରତି ଉପହାସ, ଉଚ୍ଛେଦ ହେଉ ଟିକସ

**ଭୁବନେଶ୍ୱର,୭।୩(ସମିସ):** ସ୍ୱାସ୍ଥ୍ୟ ସେବା ଉପରେ ଜିଏସ୍‌ଟି ଲାଗୁ କରିବା ଅର୍ଥ ହେଉଛି ରୋଗୀର ଦୂରାବସ୍ଥା ପ୍ରତି ଉପହାସ। ଏହା ଆଦୌ ଗ୍ରହଣୀୟ ନୁହେଁ, ତେଣୁ ସ୍ୱାସ୍ଥ୍ୟ ସେବା ଉପରୁ ଟିକସ ଉଚ୍ଛେଦ କରିବା ଲାଗି ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍ (ଆଇଏମ୍‌ଏ) ଭାରତ ସରକାରଙ୍କୁ ପ୍ରସ୍ତାବ ଦେଇଛି। ଆଇଏମ୍‌ଏ ପକ୍ଷରୁ କୁହାଯାଇଛି ଯେ ରୋଗୀଙ୍କ ଶଯ୍ୟା ଉପରେ ଟିକସ ଲାଗୁ ଅତ୍ୟନ୍ତ ଖରାପ ପରମ୍ପରା। ଟିକସ ଲାଗୁ କରିବା ପୂର୍ବରୁ ରୋଗୀଙ୍କ ଉପରେ ତାହାର ପ୍ରଭାବକୁ ବିଚାର କରାଯିବା ଜରୁରୀ। ତେଣୁ ତୁରନ୍ତ ଜିଏସ୍‌ଟି ଉଚ୍ଛେଦ କରିବା ଲାଗି ଆଇଏମ୍‌ଏ ଦାବି କରିଛି। ରୋଗୀଙ୍କ ଜୀବନ ରକ୍ଷାକାରୀ ସରଞ୍ଜାମ ଓ ଭେଣ୍ଟିଲେଟର୍, ମନିଟର୍, ଆନାସ୍ଥେସିଆ ଉପକରଣ ଆଦି ଉପରେ କେନ୍ଦ୍ର ସରକାର ୧୨% ଜିଏସ୍‌ଟି ଲାଗୁ କରିଛନ୍ତି। ସମସ୍ତ ଜୀବନରକ୍ଷାକାରୀ ଉପକରଣରେ ବ୍ୟବହୃତ ବ୍ୟାଟେରୀ ଉପରେ ୨୮%, ଏକ୍ସ-ରେ ମେସିନ୍, ଅଲ୍ଟ୍ରାସାଉଣ୍ଡ ଯନ୍ତ୍ର, ମଧୁମେହ ଟେଷ୍ଟିଂ ଷ୍ଟ୍ରିପ୍ ଉପରେ ୧୮% ଲାଗୁ ହୋଇଛି। ସେହିପରି ମେଡିକାଲରେ ଥିବା ଚିକିତ୍ସା ଉପକରଣ ମରାମତି ଉପରେ ମଧ୍ୟ ୧୮.୨୮% ଜିଏସ୍‌ଟି ଲାଗିଛି। ଔଷଧ, ଅକ୍ସିଜେନ୍, ଡିସ୍ପୋଜେବଲ୍ ଉପକରଣ ଉପରେ ୧୨% ଲାଗିଥିବା ବେଳେ ସ୍ୱାସ୍ଥ୍ୟ ବୀମା ଉପରେ ସରକାର ୧୮% ଜିଏସ୍‌ଟି ଲାଗୁ କରିଛନ୍ତି।

## ଅବଶିଷ୍ଟାଂଶ...

### ଆଶାକର୍ମୀ ପାଇବେ...

ଆନୁଷ୍ଠାନିକ ବିତରଣ କ୍ଷେତ୍ରରେ ମଧ୍ୟ ଆଶା କର୍ମୀମାନେ ଗୁରୁ ଦାୟିତ୍ୱ ବହନ କରିଆସୁଛନ୍ତି।

ସୂଚନାଯୋଗ୍ୟ ଯେ '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ଆଶାକର୍ମୀ ତାଙ୍କୁ ଭେଟି ଏହି ପାରିଶ୍ରମିକ ବୃଦ୍ଧି ସମ୍ପର୍କରେ ଅନୁରୋଧ ଓ ପ୍ରସ୍ତାବ ଦେଇଥିଲେ।

### ମେଣ୍ଟ: ସଙ୍କେତ ସ୍ପଷ୍ଟ...

୩୨.୪୯% ଭୋଟ ପାଇବାକୁ ସକ୍ଷମ ହୋଇଥିଲା। ଅନୁରୂପ ଭାବରେ ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡିର ଭୋଟ ହାର ବିଧାନସଭା ନିର୍ବାଚନଠାରୁ ଅଧିକ ୬% ଅର୍ଥାତ୍ ୫୧% ଅତିକ୍ରମ କରିଥିଲା। ବିଜେଡ଼ି ୯୦% ପୌରାଞ୍ଚଳରେ ସଂଖ୍ୟା ଗରିଷ୍ଠତା ହାସଲ କରିବା ସହ ୩୦ଟି ଜିଲ୍ଲାରେ ପରିଷଦ ଗଠନ କରିଥିଲା। ଏପରିକି ଅନେକ ଜିଲ୍ଲାରେ ବିରୋଧୀଦଳଗୁଡ଼ିକ ସତ୍ତା ହରାଇଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ନିଜର ଗ୍ରହଣୀୟତା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଦୃଷ୍ଟିରୁ ବିଜେପିର ଦାବିକୁ ବିଜେଡି କେତେ ପରିମାଣରେ ଗ୍ରହଣ କରିବ ତାହା ଏଯାଏ ସଂଶୟ ମଧ୍ୟରେ ରହିଛି ।

କେବଳ ସେତିକି ନୁହେଁ; ଆସନ ନା ଆସନ ସଂଖ୍ୟାକୁ ନେଇ ଉଭୟ ଦଳ ମଧ୍ୟରେ ଭାଗବଣ୍ଟା ହେବ ତାହା ମଧ୍ୟ ଏଯାଏ ଚୂଡ଼ାନ୍ତ ହୋଇନାହିଁ । ବିଜେଡି ଦଖଲରେ ଥିବା କିଛି ବିଧାନସଭା ଆସନ ପ୍ରତି ବିଜେପି ଆଗ୍ରହ ପ୍ରକାଶ କରିଥିବା ଚର୍ଚ୍ଚା ହେଉଛି । ମାତ୍ର ବିଜେପିର ଏହି ଆଗ୍ରହ ବା ଦାବିର ଯୌକ୍ତିକତା କେତେ ତାହା ମଧ୍ୟ ଅସ୍ପଷ୍ଟ । ବିଜେଡିର ବିଧାୟକ ଥିବା ବିଧାନସଭା କ୍ଷେତ୍ର ବ୍ୟତୀତ ଗତ ନିର୍ବାଚନରେ ବିଜେଡି ସ୍ୱଳ୍ପ ବ୍ୟବଧାନରେ ପରାଜିତ ହୋଇଥିବା ଆସନରେ ଦଳ ଗତ ୫ ବର୍ଷ ମଧ୍ୟରେ ନିଜ ସଙ୍ଗଠନକୁ ସୁଦୃଢ଼ କରିବାକୁ ସକ୍ଷମ ହୋଇଛି। ଅନ୍ୟପକ୍ଷରେ ଗତ ପଞ୍ଚାୟତ ଓ ପୌର ନିର୍ବାଚନ ଫଳାଫଳ ଅନୁସାରେ ନିଜ ବିଧାୟକ ଥିବା ଅଞ୍ଚଳରେ ବି ବିଜେପି ନୈରାଶ୍ୟଜନକ ପ୍ରଦର୍ଶନ କରିଛି । ତେଣୁ କେଉଁ ଦଳ କେତେ ନିର୍ଦ୍ଦିଷ୍ଟ ଆସନ ହାତରେ ରଖିବେ ଓ କେତେ ଆସନ ବୁଝାମଣା ପାଇଁ ଛାଡ଼ିବେ ତାହା ଏଯାଏ ଚୂଡ଼ାନ୍ତ ହୋଇ ପାରି ନ ଥିବା କୁହାଯାଉଛି। ତେବେ ଏ କଥା ସ୍ପଷ୍ଟ ଯେ ରାଜ୍ୟରେ ବିଧାନସଭା ପ୍ରାର୍ଥିତ୍ୱ ସଂଖ୍ୟା ବିଜେପି କେନ୍ଦ୍ରୀୟ ନେତୃତ୍ୱଙ୍କ ପ୍ରାଥମିକତା ନୁହେଁ; ଦଳ ଅଧିକ ଲୋକସଭା ଆସନରେ ପ୍ରାର୍ଥୀ ଦେବାକୁ ଆଗ୍ରହ ପ୍ରକାଶ କରିଛି । ଅନ୍ୟପକ୍ଷରେ ରାଜ୍ୟର ସ୍ୱାର୍ଥକୁ ସର୍ବଦା ପ୍ରାଥମିକତା ଦେଉଥିବା ଏକ ଆଞ୍ଚଳିକ ରାଜନୈତିକ ଦଳ ଓ ନିଜର ସୁଦୃଢ଼ ସ୍ଥିତି ଦୃଷ୍ଟିରୁ ଅଧିକ ବିଧାନସଭା ଆସନ ବିଜେପିକୁ ଦେବା ନିମନ୍ତେ ବିଜେଡି ରାଜି ନୁହେଁ । ଏହା ହିଁ ସୃଷ୍ଟି କରିଛି ସସ୍‌ପେନ୍ସ ।

ଦିଲ୍ଲୀରେ ବିଜେପିର ଶୀର୍ଷ ନେତୃତ୍ୱ ଓ ରାଜ୍ୟର ନେତାଙ୍କ ମଧ୍ୟରେ ଏ ନେଇ ଘନଘନ ବୈଠକ ଚାଲିଛି। ଗୁରୁବାର ଦଳର ଓଡ଼ିଶା ପ୍ରଭାରୀ, ବିଜେପିର ଜାତୀୟ ଅଧ୍ୟକ୍ଷ ଓ ଗୃହମନ୍ତ୍ରୀ ଅମିତ୍ ଶାହା ରାଜ୍ୟ ବିଜେପି ନେତାଙ୍କର ୩ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଛି । ଅନ୍ୟପକ୍ଷରେ ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୀର୍ଷ ବୈଠକ ପରେ ଆଜି ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବରେ ଦୁଇ ପ୍ରମୁଖ ନେତା ଏ ସଂକ୍ରାନ୍ତ ଆଲୋଚନା ନିମନ୍ତେ ଦିଲ୍ଲୀ ଗସ୍ତ କରିଛନ୍ତି । ଅତି ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ପରିସ୍ଥିତି ହୁଏତ ଆସନ୍ତା ୨୪ ଘଣ୍ଟାରୁ ୪୮ ଘଣ୍ଟା ମଧ୍ୟରେ ଦୂର ହୋଇଯାଇ ପାରେ ।

### ଦିଲ୍ଲୀ ନ ଛାଡ଼ିବାକୁ...

ନେବ ବୋଲି ସ୍ପଷ୍ଟ କରିସାରିଛି। ଅତଏବ ବିଜେପି ଆଗକୁ କେଉଁ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି।

ଅପରପକ୍ଷରେ ଯଦି ମେଣ୍ଟ ହୁଏ, ତାହେଲେ ବିଗତ ସାଧାରଣ, ପୌର ଏବଂ ପଞ୍ଚାୟତ ନିର୍ବାଚନରେ ଆଖିଦୃଶିଆ ସଫଳତା ଏବଂ ଦଳର ବିଶାଳ କ୍ୟାଡରକୁ ପାଥେୟ କରି ବିଜେଡି ନିହାତି ସମ୍ମାନଜନକ ଆସନ ଦାବି କରିବ। ଏଥିପାଇଁ ବିଜେଡି ପକ୍ଷରୁ ବୁଧବାର ମାରାଥନ୍ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଦିଲ୍ଲୀରେ ମଧ୍ୟ ବିଜେପିର ଶୀର୍ଷ ନେତାଏ ଏନେଇ ମାନସମନ୍ଥନ କରିଛନ୍ତି। ଏହି ଦୃଷ୍ଟିରୁ ଆଗାମୀ ୨-୩ ଦିନ ରାଜ୍ୟ ରାଜନୀତି ପାଇଁ ବେଶ୍ ଗୁରୁତ୍ୱ ବହନ କରୁଥିବା ରାଜନୈତିକ ତଥ୍ୟାଭିଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

**AFFIDAVIT**

By virtue of an affidavit sworn before the notary public, Bhubaneswar, Odisha I Krushna Chandra Behera Resident of At/Po/PS - Nihal Prasad, Dist.: Dhenkanal, Odisha -759016, Have changed my name Krishna Chandra Behera to Krushna Chandra Behera For all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**

By virtue of an affidavit sworn before the Executive Magistrate, Panposh, Rourkela on dtd. 01.03.2024, I, Firender Badaik, S/o. Ganesh Chick, residing at Qrs. No. D/75, Sector-14, Rourkela-9, P.S.-Sector-15, Dist.-Sundergarh, Odisha, have changed my minor daughter's name from Lakshi Chick to Lakshi Badaik. Henceforth, she shall be known, called and identified as **Lakshi Badaik** for all purposes.
FIRENDER BADAIK

**AFFIDAVIT**

By virtue of an affidavit sworn before the Executive Magistrate, Panposh, Rourkela on dtd. 01.03.2024, I, Sunita Badaik, W/o. Firender Badaik, residing at Qrs. No. D/75, Sector-14, Rourkela-9. P.S.-Sector-15, Dist.-Sundergarh, Odisha, have changed my name from Sunita Hira to Sunita Badaik. Henceforth, I shall be known, called and identified as Sunita Badaik for all purposes.
SUNITA BADAIK

**AFFIDAVIT**

By virtue of an affidavit sworn before the Executive Magistrate, Panposh, Rourkela on dtd. 01.03.2024, 1, Firender Badaik, S/o. Ganesh Chick, residing at Qrs. No. D/75, Sector-14, Rourkela-9, P.S.-Sector-15, minors Dist.-Sundergarh, Odisha, have changed my minor son's name from Ronit Chick to Ronit Badaik. Henceforth, he shall be known, called and identified as **Ronit Badaik** for all purposes.
FIRENDER BADAIK

**AFFIDAVIT**

I Neelam Agrwal, D/o-Late Narad Mal Agrawal, Resident At - HIG - 4/4, BDA Colony, Po/Ps-Chandrasekharpur, Bhubaneswar, Dist-Khurdha, PIN-751016, Odisha, declare by this affidavit No. 68AA933502 on dated 06.03.2024 that now onwards I shall be known as **NILAM AGRAWAL** for all future purposes.

**AFFIDAVIT**

I, Smruti Ranjita Mohanty, W/o-Ranjit Kumar Das resident of Nakhaurapatna, Po-Gopinathpur, Ps-Dhauli, pin-751002, Dist-Khordha, Odisha declare by this affidavit No.145, dated-07/05/2024 that now onwards I shall be known as **SMRUTI RANJITA DAS** for all future purposes.

**AFFIDAVIT**

By virtue of an affidavit No 1520 dated 04.03.2024 sworn before the Notary Public, Angul, Odisha I Susanta Kumar Nanda S/o Sarata Kumar Nanda, Resident of At-Rajkishorepada, PO/PS/Dist-Angul, Odisha-759122, have changed my Daughter's name from Divyanshi Nanda to **Dibyanshi Nanda** for all future purposes.

I Mr. Baja Khatua, declare that I have lost the Original Sale Deed No. 5990, dated 20/10/1984 of landed property of Mouza-Khandabandha, Tahasil-Gandia, Thana-Nihalprasad, District-Dhenkanal, bearing Khata No. 951/116, Plot No. 2569/5142, Kisam-Gharabari, A.0.040 Decimal on Dated: 13.01.2024, at about 8.30 PM, somewhere at Gandia locality which I am unable to trace out. Ujjivan Small Finance Bank is going to mortgage the said property as per the banks process. If anyone is having any claim/objection over the aforesaid property, may please contact Mr. Pravakar Pattanayak, Mobile No. 7077704590 # 9778070590 or in this address- A/L.93, Bhimalangi, Patra Tax Consultant Lane, Near Bhimeswar Temple, Old Town, Bhubaneswar, Dist-Khurda, Odisha, Pin-751002 within 15 days of this publication.

**AFFIDAVIT**

I, Parthsarathi Das, S/o- Durga Pada Das, resident of Tata Housing Ariana, Flat No.1206, Tower-12, Kalinga Vihar, Ps-Khandagiri, Bhubaneswar, Pin-751019, Odisha declared by this affidavit No.5472, dated- 06.03.2024, that now onwards I shall be known as **Partha Sarathi Das** for all future purposes.

**AFFIDAVIT**

I, Mohammed Yousuf, S/o- Abdul Rahim, resident of At- Mangal Bazar Road, Po/Ps/Dist-Jharsuguda, Pin-768201, Odisha declare by this affidavit No.21, dated-22/02/2024, that now onwards I shall be known as **MOHAMMAD YOUSUF** for all future purposes.

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank Together for the better

ମଣ୍ଡଳ କାର୍ଯ୍ୟାଳୟ : ଶିବ ଆର୍କେଡ, ୨ୟ ମହଲା, ଟାଟା ବେଞ୍ଚ ସ୍କୋୟାର, ବ୍ରହ୍ମପୁର, ପିନ୍-୭୬୦୦୦୫, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଇମେଲ୍: cobhmgad@pnb.co.in

**ଅଫିସ୍ ନିମନ୍ତେ ଗୃହ ଆବଶ୍ୟକ**

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର ନିମ୍ନଲିଖିତ ସ୍ଥାନରେ ନୂତନ ଶାଖାଗୁଡିକ ନିମନ୍ତେ ବ୍ୟବସାୟିକ ଗୃହ ଆବଶ୍ୟକ ହେତୁ ୨ଟି ବିଡ୍ ବ୍ୟବସ୍ଥା ମାଧ୍ୟମରେ ଦରଖାସ୍ତମାନ ଆହ୍ୱାନ କରାଯାଉଛି। ତଳ ମହଲା ଗୃହ ପସନ୍ଦଯୋଗ୍ୟ।

| ସ୍ଥାନ | ଜିଲ୍ଲା | ଆପାତତଃ କ୍ଷେତ୍ର (ବର୍ଗଫୁଟ) |
|---|---|---|
| ବୁରା | ଗଞ୍ଜାମ | ୧୧୦୦ ବର୍ଗଫୁଟ |
| ପଦ୍ମାବତୀ | ନୟାଗଡ | ୧୧୦୦ ବର୍ଗଫୁଟ |

ଦ୍ରଷ୍ଟବ୍ୟ: ଫାଇନାନ୍‌ସିଆଲ ବିଡ୍ ଏବଂ ଟେକ୍ନିକାଲ୍ ବିଡ୍ ପୃଥକ ମୁଦ ଲଫାପା ମାଧ୍ୟମରେ ପଠାଇବା ଆବଶ୍ୟକ। ଲଫାପା ଉପରେ "ଶାଖା କାର୍ଯ୍ୟାଳୟ: ବୁରା, ଜିଲ୍ଲା: ଗଞ୍ଜାମ କିମ୍ବା ଶାଖା କାର୍ଯ୍ୟାଳୟ: ପଦ୍ମାବତୀ, ଜିଲ୍ଲା: ନୟାଗଡ ନିମନ୍ତେ ଫାଇନାନ୍‌ସିଆଲ୍ ବିଡ୍ / ଟେକ୍ନିକାଲ ବିଡ୍" ଉଲ୍ଲେଖ ରହିବା ଆବଶ୍ୟକ। ଦରଖାସ୍ତ ଫର୍ମ ଆମର କାର୍ଯ୍ୟାଳୟ ୱେବ୍‌ସାଇଟ୍ "www.pnbindia.in" (Tender/Empanelment)ରୁ ଡାଉନଲୋଡ୍ କରିପାରିବେ କିମ୍ବା ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁରରୁ ସଂଗ୍ରହ କରିପାରିବେ ଏବଂ ସମସ୍ତ ଦିଗରୁ ସମ୍ପୂର୍ଣ୍ଣଭାବେ ପୂରଣ ହୋଇଥିବା ଦରଖାସ୍ତ ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁରରେ ତା.୨୧.୦୩.୨୦୨୪ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ।
ମୁଖ୍ୟ ପ୍ରବନ୍ଧକ

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Ref.No. RSP/MKTG./EOI/HOT STRIP MILL_HSM -1/23-24/ Dated: 28/02/2024

**Invitation of "Expression of Interest" (EOI) for Selling of Hot Strip Mill of HSM-1 as a single production unit, which is under operational & producing mode at SAIL – RSP, ROURKELA except New Dividing Line (NDL).**

SAIL, Rourkela Steel Plant invites EOI from the interested parties for Selling of Hot Strip Mill of HSM-1 as a single production unit, which is under operational & producing mode at SAIL – RSP, ROURKELA except New Dividing Line (NDL) on "As is where is & No complaint basis".

The EOIs should reach us by 20/03/2024. For further details and the EOI format, the interested parties may please visit SAIL website www.sailtenders.co.in.

GM, I/c. (MARKETING)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

C-3255

Phone No. : (0663)-2412135
Fax No. : (0663) 2412335
Email ID : eephdsbp@gmail.com

GOVERNMENT OF ODISHA
OFFICE OF THE SUPERINTENDIG ENGINEER, P.H. DIVISION, SAMBALPUR.

NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SEPHSBP-14/2023-24 Dt. 04.03.2024

| | | |
|---|---|---|
| 01. | Name of the Work | 1 no Work. |
| 02. | Type of Bid | Two Bid System |
| 03. | Estimated Cost | Rs. 449.64 lakhs |
| 04. | Class of Contractor | Manufacturer |
| 05. | Period of Completion | 60 (Sixty) days. |
| 06. | Date & Time of availability of bid document in the portal | From 11.00 AM of dt. 11.03.2024 to 5.00 PM of 27.03.2024 |
| 07. | Last date / time of receipt of bids in the portal | 5.00 PM of 27.03.2024 |
| 08. | Date & Time of opening of tender | At 11.30 AM of 28.03.2024 |
| 09. | Name and Address of the Officer Inviting Bid | Executive Engineer, P.H. Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768 001. |

Further details can be seen from the web site http://tenders.ori.nic.in or www.tendersorissa.gov.in

Additional Chief Engineer
P.H. Division, Sambalpur

OIPR-13026/11/0023/2324

O-2795
e-mail : eerw_sunabeda@yahoo.co.in

GOVERNMENT OF ODISHA
OFFICE OF THE SUPERINTEDNING ENGINEER
RURAL WORKS DIVISION, SUNABEDA
e-Procurement Notice for Road & Building works
Identification No Online Tender /19/RWD-SBD/2023-24

Letter No. 1402 — Date 05.03.2024

| | | |
|---|---|---|
| 01. | Name of the work | :: Road & Building work Lamtaput & Pottangi block |
| 02. | Total Number of works | :: 2 no work |
| 03. | Estimated cost | :: 34.00 to 41.00 lakhs |
| 04. | Class of Contractor | :: "B" & "C" Class |
| 05. | Period of Completion | :: 15 days to 06 months |
| 06. | Other Details | |

| Procurement Officer | Bid Identification No. | Availability of tender online for bidding From | To |
|---|---|---|---|
| Superintending Engineer, R.W. Division, Sunabeda | Online Tender/19/ RWD-SBD /2023-24 | 07.03.2024 at 11.00 a.m | 13.03.2024 upto 17.00 p.m |

Further details can be seen from the website www.tendersorissa.gov.in

Executive Engineer,
Rural Works Division: Sunabeda

OIPR-25059/11/0004/2324

**OFFICE OF THE NOTIFIED AREA COUNCIL G.UDAYAGIRI**

No. 672 — Date 06.03.2024

"e" Tender Notice
BID Identification No. GUDGR-NAC-10/2023-24

Bid Documents consisting of work, Estimated Cost of Tender Paper, EMD, time of completion, Class of Contractors and set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | |
|---|---|---|
| 1. | Name of the works | As per DTCN |
| 2. | No. of works | 1 No |
| 3. | Estimated Cost | Rs. 67.44 Lakh |
| 4. | Period of Completion | 4 Month |
| 5. | Date & time of availability of bid documents in the portal | Dt.07.03.2024 at 09.00 a.m. to Dt.16.03.2024 upto 5.00 p.m. |
| 6. | Last date & time for submitting online Bid | Dt.16.03.2024 upto 5.00 p.m. |
| 7. | Bids shall be opened on | Dt.18.03.2024 at 10.00 a.m. |
| 8. | Bidd shall be evaluated on | Dt.18.03.2024 at 04.00 p.m. |
| 9. | Name and address of the officer inviting Bid | Executive Officer, NAC. G.Udayagiri. |

Further details can be seen from the procurement portal i.e. www.tendersodisha.gov.in

Executive Officer
N.A.C. G.Udayagiri

OIPR-13066/11/0024/2324 C-3237

B-1895

GOVERNMENT OF ODISHA
E-procurement notice
OFFICE OF THE SUPERINTENDING ENGINEER: SONEPUR (R&B) DIVISION, SONEPUR
E-mail – eepwdsnpr@gmail.com Phone -06654-221081
BID IDENTIFICATION No. SE/R&B/SNPR/33/2023-24
No. 1151 / Dt. 02.03.2024

1. The **Superintending Engineer, Sonepur (R&B) Division, Sonepur** on behalf of Governor of Odisha, invites **Percentage Rate** bids in **Single and Double cover system** in **Online Mode** for Building works detailed in the **DTCN** from the eligible Class of Contractors.
2. No. of work : **05 (Five)**
3. Tender Cost : **Rs.10,000/- for Serial No.1 & 2**
   : **Rs.6,000/- for Serial No.3 to 5**
4. Class of Contractor : **"B" Class Contractor for Serial No.1 & 2**
   : **"D" & "C" Class Contractor for Serial No.3 to 5**
5. Date and time Available in Web site & receipt of Bids: **From 10.00 A.M. of 11.03.2024 to 5.00 P.M. of 27.03.2024**
6. Date of Opening of Tender: **28.03.2024 at 11.00 A.M.**
7. The Bidders have to participate in Online bidding only further details can be seen from the Web Site.
8. Any Corrigendum / Addendum will be displayed in the website **www.tendersodisha.gov.in** only.

Additional Chief Engineer
Sonepur (R&B) Division, Sonepur

OIPR-34081/11/0023/2324

O-2756
e-mail – serwsbd2003@yahoo.com

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

No. 1365 — 1st corrigendum — Dt. 06.03.2024

In continuation to this office Bid Identification No- CCERWCSBD Online-65/2023-24 invited vide this office Notice No. 1028 Dtd. 19.02.2024, partial modification of TCN has been made as follows:-

| Sl No | Item | Time Schedule as per original TCN | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 23.02.2024 at 11.00 AM to 14.03.2024 up to 5.00 Pm | Extended upto 5.00 PM of 21.03.2024 |
| 2 | Date and Time of seeking tender clarification if any | 13.03.2024 up to 2.00 PM | 20.03.2024 up to 2.00 PM |
| 3 | Date & Time of opening of tender (Technical Bid) | 15.03.2024 at 11.00 AM | 22.03.2024 at 11.00 AM |
| 4 | The scan copy of the EMD shall be uploaded & EMD in original should reach the office of the Chief Construction Engineer, Rural Works Circle, Sunabeda & Superintending Engineer of the concerned Division on date not later than three working days after the opening of technical Bid | 19.03.2024 up to 5.00 PM | 30.03.2024 up to 5.00 PM |
| 5 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Chief engineer,
Rural Works Circle, Sunabeda

OIPR-25182/11/0072/2324

A-1675

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
BARIPADA IRRIGATION CIRCLE
AT/PO:- TAKATPUR, BARIPADA, DIST:-MAYURBHANJ
Mail Id. sebicbpd@gmail.com
Government of Odisha "e" Procurement Notice
Bid Identification No. 19/23-24 of ACE/BIC

| | | |
|---|---|---|
| 1 | Name of work | Bank protection work on Right bank of Mohanty Nalha near village Kostha under Suliapada Block. |
| 2 | Estimated Cost | Rs.2,51,42,225.00 |
| 3 | Bid Security/ E.M.D. | Rs.2,51,423.00 |
| 4 | Period of Completion | 09 (Nine) Calendar Months |
| 5 | Class of Contractor | "A" & "B" Class |
| 6 | Date & Time of availability of bid document in the portal | 13.03.2024 at 10.00 AM |
| 7 | Last date/time for receipt of bid in the portal | 28.03.2024 up to 5.00 PM |
| 8 | Date of opening of bid | 30.03.2024 at 11.00 A.M. |
| 9 | Name & Address of the O.I. T | Additional Chief Engineer, Baripada Irrigation Circle, AT/PO- Takatpur, Baripada, Dist.- Mayurbhanj |

Further details can be seen from the e-Procurement Portal "https://tendersodisha.gov.in".

Additional Chief Engineer,
Baripada Irrigation Circle, Baripada.

OIPR-32162/11/0016/2324

A-1683
Phone No.(06856)-222081(Off.)
E-mail: - eemirgd@ymail.com

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA
e-PROCUREMENT NOTICE
BID IDENTIFICATION NO. ONLINE – 15 /MID RGD/2023-24
Lt. No. 1203 / MIDRGD/Date 07.03.2024

The Superintending Engineer, M.I. Division, Rayagada on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1. | Name of work | : | Construction of Distribution System of Nerediguda MIP in Kolnara Block of Rayagada District under District Mineral Foundation Scheme (DMF) 2023-24. |
| 2. | Total No. of works | : | 01 (One) No. Only |
| 3. | Estimated cost | : | Approximately Rs. 14.18Lakhs |
| 4 | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date and time of availability of Bid | : | From 10:00 AM on 13.03.2024 and upto 5:30 PM on 20.03.2024 Document in portal |
| 7. | Last date / time for receipt of Bid | : | upto 5:30 PM on 20.03.2024 Document in portal |
| 8. | Date / Time of opening of Technical Bid | : | From 11:00 AM on 21.03.2024 At O/o SE, M.I. Division, Rayagada on Online |
| 09. | Name and Address of Officer inviting the Bid. | : | Superintending Engineer, M.I. Division, Rayagada |
| 10. | Mode of Payment of Bid cost and Bid security. | : | Online |

Superintending Engineer
M.I. Division, Rayagada

OIPR-32056/11/0017/2324

# ଗଜପତି ଜିଲ୍ଲା

## ମୋହନା ବ୍ଲକର
### ବିସ୍ତୃତ ମାର୍ଗ ବିବରଣୀ

ଜିଲ୍ଲା ସଂଯୋଗ — ମୋହନା ⇄ ଗଜପତି

ଜିଲ୍ଲା ସଂଯୋଗ — ଗଜପତି ⇄ ମୋହନା

ବ୍ଲକ୍ ସଂଯୋଗ — ରାଇପଙ୍କ ⇄ ମୋହନା

ବ୍ଲକ୍ ସଂଯୋଗ — ମୋହନା ⇄ ରାଇପଙ୍କ

ବ୍ଲକ୍ ସଂଯୋଗ — କେଶରିଗୁଡ଼ା ⇄ ମୋହନା

ବ୍ଲକ୍ ସଂଯୋଗ — ମୋହନା ⇄ କେଶରିଗୁଡ଼ା

ବ୍ଲକ୍ ସଂଯୋଗ — କେଦାଗୁଡ଼ା ⇄ ମୋହନା

ବ୍ଲକ୍ ସଂଯୋଗ — ମୋହନା ⇄ କେଦାଗୁଡ଼ା

ବ୍ଲକ୍ ସଂଯୋଗ — ମୋହନା ⇄ ଲୁବା

ବ୍ଲକ୍ ସଂଯୋଗ — ମୋହନା ⇄ ଗରଡ଼ମା

ବ୍ଲକ୍ ସଂଯୋଗ — ଗରଡ଼ମା ⇄ ମୋହନା

ବ୍ଲକ୍ ସଂଯୋଗ — ଲୁବା ⇄ ମୋହନା

## କାଶିନଗର ବ୍ଲକର
### ବିସ୍ତୃତ ମାର୍ଗ ବିବରଣୀ

ବ୍ଲକ୍ ସଂଯୋଗ — ରୁଟ୍ କୋଡ୍: ଜିଯେ ୦୧୪ । ନନ୍-ଏସି — କାଶିନଗର ⇄ କାଶିନଗର

ଜିଲ୍ଲା ସଂଯୋଗ — କାଶିନଗର ⇄ ଗଜପତି

ଜିଲ୍ଲା ସଂଯୋଗ — ଗଜପତି ⇄ କାଶିନଗର

ବ୍ଲକ୍ ସଂଯୋଗ — ରୁଟ୍ କୋଡ୍: ଜିଯେ ୦୧୬ । ନନ୍-ଏସି — କାଶିନଗର ⇄ ପାରଟଡ଼ା

ବ୍ଲକ୍ ସଂଯୋଗ — ପାରଟଡ଼ା ⇄ କାଶିନଗର

ବ୍ଲକ୍ ସଂଯୋଗ — କାଶିନଗର ⇄ ଆଇଡ଼ା

ବ୍ଲକ୍ ସଂଯୋଗ — ଆଇଡ଼ା ⇄ କାଶିନଗର

## ରା. ଉଦୟଗିରି ବ୍ଲକର
### ବିସ୍ତୃତ ମାର୍ଗ ବିବରଣୀ

ବ୍ଲକ୍ ସଂଯୋଗ — ରା. ଉଦୟଗିରି ⇄ ପ୍ରଣାପାଣି

ବ୍ଲକ୍ ସଂଯୋଗ — ପ୍ରଣାପାଣି ⇄ ରା. ଉଦୟଗିରି

ଜିଲ୍ଲା ସଂଯୋଗ — ରା. ଉଦୟଗିରି ⇄ ଗଜପତି

ଜିଲ୍ଲା ସଂଯୋଗ — ଗଜପତି ⇄ ରା. ଉଦୟଗିରି

ବ୍ଲକ୍ ସଂଯୋଗ — ରା. ଉଦୟଗିରି ⇄ ବନ୍ତରିଗୁଡ଼ା

ବ୍ଲକ୍ ସଂଯୋଗ — ବନ୍ତରିଗୁଡ଼ା ⇄ ରା. ଉଦୟଗିରି

ବ୍ଲକ୍ ସଂଯୋଗ — ରା. ଉଦୟଗିରି ⇄ ମଙ୍ଗରାଜପୁର

ବ୍ଲକ୍ ସଂଯୋଗ — ମଙ୍ଗରାଜପୁର ⇄ ରା. ଉଦୟଗିରି

ବ୍ଲକ୍ ସଂଯୋଗ — ରା. ଉଦୟଗିରି ⇄ ଟାବରଗୁଡ଼ା

ବ୍ଲକ୍ ସଂଯୋଗ — ଟାବରଗୁଡ଼ା ⇄ ରା. ଉଦୟଗିରି

## ରାୟଗଡ଼ ବ୍ଲକର
### ବିସ୍ତୃତ ମାର୍ଗ ବିବରଣୀ

ବ୍ଲକ୍ ସଂଯୋଗ — ରାୟଗଡ଼ ⇄ ରାୟଗଡ଼

ବ୍ଲକ୍ ସଂଯୋଗ — ରାୟଗଡ଼ ⇄ ଗଙ୍ଗାବାଡ଼

ବ୍ଲକ୍ ସଂଯୋଗ — ଗଙ୍ଗାବାଡ଼ ⇄ ରାୟଗଡ଼

ଜିଲ୍ଲା ସଂଯୋଗ — ରାୟଗଡ଼ ⇄ ଗଜପତି

ଜିଲ୍ଲା ସଂଯୋଗ — ଗଜପତି ⇄ ରାୟଗଡ଼

ବ୍ଲକ୍ ସଂଯୋଗ — ରାୟଗଡ଼ ⇄ ପୁତାର

ବ୍ଲକ୍ ସଂଯୋଗ — ପୁତାର ⇄ ରାୟଗଡ଼

ବ୍ଲକ୍ ସଂଯୋଗ — ରାୟଗଡ଼ ⇄ ଲୋବା

ବ୍ଲକ୍ ସଂଯୋଗ — ଲୋବା ⇄ ରାୟଗଡ଼

ବ୍ଲକ୍ ସଂଯୋଗ — ରାୟଗଡ଼ ⇄ ଏଙ୍ଗାରସିଙ୍ଗି

ବ୍ଲକ୍ ସଂଯୋଗ — ଏଙ୍ଗାରସିଙ୍ଗି ⇄ ରାୟଗଡ଼

### ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ସହ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

# କନିଷ୍ଠ ଯନ୍ତ୍ରୀଙ୍କୁ ନିସ୍ତୁକ ମାଡ଼; ଥାନା ଘେରାଉ




ପାଲଲହଡ଼ା,୭ ।୩(ସମିସ) :ବକେୟା ବିଦ୍ୟୁତ୍ ବିଲ ଆଦାୟକୁ ନେଇ ପାଲଲହଡ଼ା ଉପଖଣ୍ଡରେ ଦେଖାଦେଇଛି ତୁମୁଳ କାଣ୍ଡ। ବକେୟା ବିଦ୍ୟୁତ୍ ଦେୟ ନ ମିଳିବାରୁ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ। ମାତ୍ର ଉପଭୋକ୍ତା ଜଣକ ଘରେ ନ ଥିବା ବେଳେ ବିଦ୍ୟୁତ୍ ଦେୟ ଆଦାୟ ନାଁରେ ତାଙ୍କ ପତ୍ନୀଙ୍କୁ ଅସଦାଚରଣ କରି ଯୁବକଙ୍କଠାରୁ ମାଡ଼ଖାଇବା ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଟାଟା ପାୱାର କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ଦାଶ ଥାନାରେ କରିଥିବା ଅଭିଯୋଗ ଅନୁସାରେ ପାଲଲହଡ଼ା ବଜାର ସାହି ବାସିନ୍ଦା ପ୍ରେମାଶିଷ ସାହୁଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାରୁ ପ୍ରେମାଶିଷ ମତେ ମୋର କାର୍ଯ୍ୟାଳୟରୁ ପିଟି ପିଟି ରାସ୍ତାକୁ ଆଣି ସର୍ବସାଧାରଣଙ୍କ ସାମନାରେ ମାଡ଼ମାରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସେହିପରି ଦୀପ୍ତି ପ୍ରକାଶଙ୍କ ପାଣି ଫ୍ୟାକ୍ଟ୍ରିରୁ ବିଦ୍ୟୁତ ପାଉଣା ବକେୟା ଥିବାରୁ ସଂଯୋଗ ବିଚ୍ଛିନ୍ନ କରିବାରୁ ମତେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଦର୍ଶାଇ ଏତଲା ଦେଇଥିଲେ। ସେହିପରି ପ୍ରେମାଶିଷଙ୍କ ପତ୍ନୀ ହୀରାମଣି ସାହୁ କନିଷ୍ଠ ଯନ୍ତ୍ରୀ ମୋ ଘରକୁ ଆସି ମତେ ଅସଦାଚରଣ କରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମୋ ସ୍ୱାମୀଙ୍କୁ ମାଡ଼ମାରିବା ସହିତ ୨୦ ଗ୍ରାମ ସୁନା ଚେନ୍ କୁ ଛିଡ଼ାଇ ନେଇଥିବା ଅଭିଯୋଗ କରିଛନ୍ତି।

ଘଟଣା ଅନୁଯାୟୀ ମଙ୍ଗଳବାର ପ୍ରାୟ ସାଢେ ଏଗାରଟା ବେଳେ ପାଲଲହଡ଼ା ବଜାର ସାହି ବାସିନ୍ଦା ପ୍ରେମାଶିଷ ସାହୁଙ୍କ ବିଦ୍ୟୁତ ବିଭାଗର ଲକ୍ଷାଧିକ ଟଙ୍କା ବକେୟା ଦେୟ ଥିବାରୁ ଟାଟା ପାୱାରର କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ଦାଶ ନିଜ ସହକର୍ମୀଙ୍କ ସହିତ ପାଉଣା ଆଦାୟ ପାଇଁ ତାଙ୍କ ଘରକୁ ଯାଇଥିଲେ। ପାଉଣା ନ ପାଇବାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିଲେ । ସେହିପରି ଅନ୍ୟଜଣେ ବ୍ୟବସାୟୀ ଉଦିତନଗର ଠାରେ ଥିବା ଦୀପ୍ତି ପ୍ରକାଶ ଉଦାବଳଙ୍କ ପାଣି ଫ୍ୟାକ୍ଟ୍ରିର ପଚାଶ ହଜାରରୁ ଊର୍ଦ୍ଧ୍ୱ ବକେୟା ଯୋଗୁଁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିଲେ। ମାତ୍ର ଘରକୁ ଫେରିବା ପରେ ପ୍ରେମାଶିଷଙ୍କ ସ୍ତ୍ରୀ କନିଷ୍ଠ ଯନ୍ତ୍ରୀ ଘରକୁ ଆସି ଟଙ୍କା ମାଗିଲେ ଏବଂ ମୋ ପାଖରେ ନାହିଁ କହିବାରୁ ମତେ ଅସଦାଚରଣ କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କଲେ ବୋଲି ନିଜ ସ୍ୱାମୀଙ୍କୁ ଅଭିଯୋଗ କରିଥିଲେ। ପ୍ରେମାଶିଷ କନିଷ୍ଠ ଯନ୍ତ୍ରୀଙ୍କୁ ଖୋଜି ଅପରାହ୍ଣରେ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ପାଇ ଘଟଣା ସମ୍ପର୍କରେ ପଚାରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହ ମାରପିଟ ମଧ୍ୟ ଘଟିଥିଲା। ଘଟଣାସ୍ଥଳରେ ପାଣି ଫ୍ୟାକ୍ଟ୍ରି ମାଲିକ ଦୀପ୍ତି ପ୍ରକାଶ ମଧ୍ୟ ଉପସ୍ଥିତ ରହି କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼ ମାରିଥିବା ଜଣାପଡିଛି। ତେବେ ଘଟଣାକୁ ଦୁଇଦିନ ବିତିଯାଇଥିଲେ ମଧ୍ୟ ପୁଲିସ ହାତବାନ୍ଧି ବସିଥିବା ଅଭିଯୋଗ କରି ପାଲଲହଡ଼ା ଉପଖଣ୍ଡର ବିଦ୍ୟୁତ କର୍ମଚାରୀମାନେ ହୋହାଲ୍ଲା କରି ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରି ଥାନା ଘେରାଉ କରିଥିବା ବେଳେ ପ୍ରେମାଶିଷ ଓ ଦୀପ୍ତିଙ୍କ ସପକ୍ଷରେ ମଧ୍ୟ ସାଧାରଣ ଜନତା ଥାନାକୁ ଆସି କନିଷ୍ଠ ଯନ୍ତ୍ରୀ ଅସଦାଚରଣ କରିଥିବା ଏବଂ ତାଙ୍କ ନାଁରେ ମଧ୍ୟ ଅଭିଯୋଗ ଥିବାରୁ ତାଙ୍କୁ ମଧ୍ୟ ଗିରଫ କରିବାକୁ ଦାବି କରିଥିଲେ। ପୁଲିସ ଘଟଣାର ତଦନ୍ତ ଜାରି ରହିଥିବା କହିଛି।

# ଦୁର୍ଘଟଣାରେ ଦୁଇଭାଇ ମୃତ

ଛେଣ୍ଡିପଦା, ୭ ।୩(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଦେଇ ଯାଇଥିବା ଅନୁଗୋଳ ସମ୍ବଲପୁର ୫୫ନଂ ଜାତୀୟ ରାଜପଥରେ ଟ୍ରକ୍ ପଛରେ ମୋଟର ସାଇକଲ ବାଡ଼େଇ ହୋଇ ଘଟଣାସ୍ଥଳରେ ୨ଜଣ ମୋଟର ସାଇକଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ଜରପଡ଼ା ଥାନା ତୁକୁଡ଼ା ମାହାର ସାହିର ସଞ୍ଜୟ ମାହାର ଓ ତାଙ୍କ ସାନଭାଇ ସରୋଜ ମାହାର ରାତି ୧୧ଟା ବେଳେ ଜରପଡ଼ାରେ ଥିବା ଏଟିଏମରୁ ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ଅନୁଗୋଳ- ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଜରପଡ଼ା କଲେଜ ନିକଟରେ ଓଡି ୩୫ଇ ୦୦୫୬ ଟ୍ରକ୍ ପଛରେ ବାଡେଇ ହୋଇଯାଇଥିଲେ। ଫଳରେ ସଞ୍ଜୟ ଓ ସରୋଜ ଦୁଇ ଭାଇଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ଜରପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଥାନାକୁ ଆଣିବା ସହିତ ଶବକୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପୁଲିସ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଜରପଡ଼ା ଥାନା କେସ ନଂ ୭୦/୨୪ରେ ଏକ ମାମଲା ରୁଜୁ ହେବା ସହିତ ଘଟଣାର ତଦନ୍ତ ଜାରି ରଖିଛି।

# ବିଦ୍ୟାଳୟସ୍ତରୀୟ ମୋ ସ୍କୁଲ ଉତ୍ସବ

**ତାଳଚେର, ୭ ।୩(ସମିସ):** ସାଉଥ ବଲଣ୍ଡା ନୀଳକଣ୍ଠେଶ୍ୱର ବିଦ୍ୟାପୀଠରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଦ୍ୟାଳୟରେ ନୂତନଭାବେ କାର୍ଯ୍ୟ କରୁଥିବା 'ମୋ ସ୍କୁଲ'ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ପୂର୍ବଛାତ୍ର ତଥା 'ମୋ ସ୍କୁଲ' ଅଭିଯାନର ବିଦ୍ୟାଳୟ ଆଲମିନ୍ ସଭାପତି ରାଜେଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏହାସହ ଅମ୍ବରନାଥ ମହାନ୍ତି, ବିଦ୍ୟାଳୟ ପରିଚାଳକ କମିଟି ତର୍ଟିଲ ଧର, ଏସଏଚଜି ଗ୍ରୁପର ସଦସ୍ୟା ମାମିନା ସାମଲ, ସ୍ମରଣିକା ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବେବିନାରାଣୀ ନାୟକଙ୍କ ପେରଣାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହ ମଞ୍ଚ ପରିଚାଳନା ଦାୟୀତ୍ୱରେ ସହକାରୀ ଶିକ୍ଷକ ସନ୍ତୋଷ ସେନାପତି ଥିବା ବେଳେ ବରିଷ୍ଠ ଶିକ୍ଷୟତ୍ରୀ ସିଲାରାଣୀ ପ୍ରଧାନ, ଅନସୂୟା ସାହୁ, ବରିଷ୍ଠ ଶିକ୍ଷକ ଅଜୟ ଦାଶ, ବିଭୂତି ବେହେରା, ସ୍ନିଗ୍ଧାମୟୀ ରାଉତ, କୁନମୁନ୍ ସ୍ୱାଇଁ, ଶିକ୍ଷକ ମହେନ୍ଦ୍ର ପ୍ରଧାନ, ବିଷ୍ଣୁପ୍ରସାଦ ପଣ୍ଡା, ସନ୍ତୋଷ ପ୍ରଧାନ, ନିମାଇଁ ଚରଣ ଦାସ, ରାଜେଶ ରୋଶନ ସାହୁ, ନକୁଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ତାଳଚେର ମହାବିଦ୍ୟାଳୟରେ ଇଗ୍ନୋର ପରୀକ୍ଷା କେନ୍ଦ୍ର

**ତାଳଚେର,୭ ।୩(ସମିସ):** ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ପରୀକ୍ଷା କେନ୍ଦ୍ର ହେବା ପାଇଁ ଆଞ୍ଚଳିକ ନିର୍ଦ୍ଦେଶକ ଅନୁମତି ପ୍ରଦାନ କରିଛନ୍ତି। ଜୁନ୍ ୨୦୨୪ରେ ଏହି ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବେ। ଏହି ପରୀକ୍ଷା କେନ୍ଦ୍ର ହେବାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ପ୍ରଧାନଙ୍କ ଉଦ୍ୟମ ପ୍ରଶଂସନୀୟ। ମହାବିଦ୍ୟାଳୟରେ ପୁନଃ ଷ୍ଟଡି ସେଣ୍ଟର ହେବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ଏହି ଷ୍ଟଡି ସେଣ୍ଟର ହେଲେ ବହୁ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଗ୍ରହଣ କରିବାର ସୁଯୋଗ ଲାଭ କରିବେ। ସଂଯୋଜକ ପ୍ରାଧ୍ୟାପକ ହିମାଂଶୁ ଶେଖର ଖଡ଼ିରତ୍ନ ଓ ଗ୍ରନ୍ଥାଗାରିକ ସଂଜୟ କୁମାର ଧଳ ଏଥିପାଇଁ କାର୍ଯ୍ୟ କରୁଛନ୍ତି।

# ବିଏସ୍‌କେୱାଇ କାର୍ଡ ବଣ୍ଟନ



**ଆଠମଲ୍ଲିକ, ୭ ।୩(ସମିସ):** ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ବିଏସକେୱାଇ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଅତିଥି ଭାବେ ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ଚବିଶ ଗୋଟି ଗ୍ରାମପଞ୍ଚାୟତର ୩୭୬ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିଇଓ, ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ଥିଲେ।

# ପୂର୍ବତନ ବ୍ୟାଙ୍କ କର୍ମଚାରୀଙ୍କ ଦେହାନ୍ତ



**ବଅଁରପାଳ, ୭ ।୩(ସମିସ):** ବଅଁରପାଳ ସନ୍ତ୍ରୀ ଛକ ନିକଟରେ ରହୁଥିବା ପୂର୍ବତନ ବ୍ୟାଙ୍କ କର୍ମଚାରୀ ଯୁଗଳ କିଶୋର ସାହୁ(୮୮) ଙ୍କ ଦେହାନ୍ତ ହୋଇଛି। ସ୍ୱର୍ଗତ ସାହୁଙ୍କ ପୈତୃକ ଗ୍ରାମ ଢେଙ୍କାନାଳ ଜିଲ୍ଲା ଖଡ଼ଗପ୍ରସାଦ ଗ୍ରାମରେ ସେ ଦୀର୍ଘ ଦିନ ହେବ ବଅଁରପାଳ ବାସ ଭବନଠାରେ ରହୁଥିଲେ। କଲେଜ ଶିକ୍ଷା ସାରିବା ପରେ ପ୍ରଥମେ ଖଡ଼ଗପ୍ରସାଦ ହାଇ ସ୍କୁଲ ଶିକ୍ଷକତା କରୁଥିଲେ। କିଛିବର୍ଷ ଶିକ୍ଷକତା କରିବା ପରେ ୟୁକୋ ବ୍ୟାଙ୍କ ଅଧିକାରୀ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଅବସର ପରେ କିଛିଦିନ ରହିବା ପରେ ତାଙ୍କର ଏକମାତ୍ର ପୁତ୍ର ନରେନ୍ଦ୍ର କୁମାର ସାହୁଙ୍କ ବଅଁରପାଳ ବାସଭବନରେ ରହୁଥିଲେ। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ଗୁରୁବାର ଭୋର ୫ ଟା ବେଳେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର, ପୁତ୍ର ବଧୂ ଆଦି କୁଟୁମ୍ବ ଉପସ୍ଥିତ ଥିଲେ। ତାଙ୍କ ମରଶରୀରି ନିଜ ଗ୍ରାମ ଖଡ଼ଗପ୍ରସାଦ ନିଆଯାଇ ପୁଅ ମୁଖାଗ୍ନି ଦେଇଥିଲେ।

# ଦୁଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଛେଣ୍ଡିପଦା, ୭ ।୩(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ଗ୍ରାମରେ ୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦଘାଟନ ହୋଇଯାଇଛି। ପାତ୍ରପଡ଼ା ଗ୍ରାମ ସଭାପତି ଚକ୍ରଧର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ଏକ ଦୋଳ ମଣ୍ଡପର ଶୁଭ ଉଦଘାଟନ କରିବା ସହିତ ଏକ କୋଠ ଘର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଲୋକନାଥ ସାହୁ, ବାସୁଦେବ ସାହୁ, ଶରତ ପ୍ରଧାନ, ଲବଣୀ ସାହୁ, ପ୍ରଦୀପ ସାହୁ, ବାନାମ୍ବର ସାହୁ, ଯଶୋବନ୍ତ ସାହୁ, ପରଫୁଲ ସାହୁ, ସୁବାଷ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ସରପଞ୍ଚଙ୍କ ପ୍ରତିନିଧି ହିମାଂଶୁ ସ୍ୱାଇଁଙ୍କ ସମେତ ସମସ୍ତେ ଗ୍ରାମର ବହୁ ପୁରୁଷ ମହିଳା ଯୋଗ ଦେଇଥିଲେ।

# ଭୁବନ ବ୍ଲକରେ ନବୀନ କାର୍ଡର ଶୁଭାରମ୍ଭ



**ମାର୍ଥାପୁର, ୭ ।୩ (ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ କାର୍ଯ୍ୟାଳୟରେ ନବୀନ କାର୍ଡ ବଣ୍ଟନର ଶୁଭାରମ୍ଭ କରାଯାଇଛି। ଭୁବନ ବ୍ଲକ କାର୍ଯ୍ୟାଳୟ ପରିସରରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ନବୀନ କାର୍ଡ ଯୋଜନାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି କାର୍ଡ ଦ୍ୱାରା ମହିଳାମାନଙ୍କର ୧୦ ଲକ୍ଷ ଟଙ୍କା ଓ ପୁରୁଷମାନଙ୍କ ପାଇଁ ୫ ଲକ୍ଷ ଟଙ୍କାରେ ମାଗଣା ଚିକିତ୍ସା ହୋଇପାରିବେ। ଭୁବନ ବ୍ଲକର ୧୮ ଟି ପଞ୍ଚାୟତର ୧୩୦୦ ନବୀନ କାର୍ଡ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଘଇଉ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବିଡିଓ କଲ୍ୟାଣ ସୌରଭ ଦାଶ ଯୋଗଦେଇଥିବା ବେଳେ ଭୁବନ ବ୍ଲକର ସମସ୍ତ ପଞ୍ଚାୟତରୁ ହିତାଧିକାରୀ ସେମାନଙ୍କ ନବୀନ କାର୍ଡକୁ ଗ୍ରହଣ କରିଥିଲେ।

# ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ପ୍ରଦାନ

**କଣିହାଁ, ୭ ।୩(ସମିସ):** ଏକ ସ୍ୱତନ୍ତ୍ର ସିଏସ୍ଆର ପଦକ୍ଷେପ ଅନୁଯାୟୀ ଏନଟିପିସି କଣିହାଁ ପକ୍ଷରୁ ଆଜି କଣିହାଁ ବ୍ଲକରେ ରହୁଥିବା ସମାଜର ଅବହେଳିତଙ୍କ ପାଖରେ ପହଞ୍ଚିବା ସହ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ଟ୍ରାଇ ସାଇକଲ୍, ହ୍ୱିଲ୍ ଚେୟାର, କ୍ରେଚ୍, ହ୍ୟାଣ୍ଡ ଚାଳିତ ଟ୍ରାଇ ସାଇକଲ୍, ବ୍ୟାଟେରିଚାଳିତ ଟ୍ରାଇ ସାଇକଲ୍, ଦୃଷ୍ଟିହୀନଙ୍କ ପାଇଁ ବାଡ଼ି, ଶ୍ରବଣ ଉପକରଣ ଇତ୍ୟାଦି ପ୍ରଦାନ କରାଯାଇଥିଲା। କଣିହାଁ ପ୍ରକଳ୍ପ ମୁଖ୍ୟ ଏ.କେ. ସେହଗଲଙ୍କ ଦ୍ୱାରା ହ୍ୱିଲ ଚେୟାର ଏବଂ ଅନ୍ୟାନ୍ୟ ସହାୟକ ଉପକରଣଗୁଡ଼ିକ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଜିଏମ୍ (ଓଆଣ୍ଡଏମ୍) ସତ୍ୟରାମ କ୍ରିଷ୍ଣା, ଜିଏମ୍ (ମେଣ୍ଟେନାନ୍ସ) ଏ.ଜେ ରାଜକୁମାର, ଜିଏମ୍ (ଏଡିଏମ୍) ଏସ୍ ଏସ୍ ରାଓ, ହେଡ ଅଫ୍ ଏଚ୍ଆର ବ୍ରିଜକିଶୋର ପାଣ୍ଡେ, ସିଏମଓ ଜି.ମହାକୁଲ, ୟୁନିଅନ୍, ଆସୋସିଏସନର ପ୍ରତିନିଧିଗଣ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷଜ୍ଞଙ୍କ ସହାୟତାରେ ପୂର୍ବରୁ କରାଯାଇଥିବା ଚାରୋଟି ଭିନ୍ନ ଭିନ୍ନ ଭିନ୍ନକ୍ଷମ ମୂଲ୍ୟାଙ୍କନ ଶିବିରରେ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯାଇଥିଲା। ସମସ୍ତ ୧୧୩ ଜଣ ବ୍ୟକ୍ତି ସେମାନଙ୍କର ଅକ୍ଷମତା ମୂଲ୍ୟାଙ୍କନ ଏବଂ ଆବଶ୍ୟକତା ଉପରେ ଆଧାର କରି ଏହି ସହାୟକ ସହାୟତା ଗ୍ରହଣ କରିଥିଲେ। ଏହି ସହାୟକ ଉପକରଣଗୁଡ଼ିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଜୀବନକୁ ଉନ୍ନତ ତଥା ଆରାମଦାୟକ କରିବ ବୋଲି ଏହି ଅବସରରେ ଶ୍ରୀ ସେହଗଲ ଆଶା ପ୍ରକଟ କରିଥିଲେ। ଭବିଷ୍ୟତରେ ଗ୍ରାମସମୂହଗୁଡ଼ିକ ପାଇଁ ଏନ୍.ଟି.ପି.ସି ପ୍ରକଳ୍ପ ଜରିଆରେ ଏଭଳି ସିଏସ୍ଆର ଜନିତ ସହାୟତା ଜାରି ରଖିବ ବୋଲି ସେ କହିଥିଲେ।

# ୧୦ରେ କସ୍ତୁରୀବାହାଲ ଗ୍ରାମରେ ନାମଯଜ୍ଞ

**କିଶୋରନଗର ୭ ।୩(ସମିସ):** କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତର କସ୍ତୁରୀବାହାଲ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଆସନ୍ତା ୧୦ ତାରିଖ ଦିନ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ବୈଠକ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଅବସରରେ ଆସନ୍ତା ଶନିବାର ଅପରାହ୍ନରେ କଳସ ଯାତ୍ରା ଅନୁଷ୍ଠିତ ହେବ। ଏହି ନାମଯଜ୍ଞରେ ସମସ୍ତ ଶ୍ରଦ୍ଧାଳୁ, ଭକ୍ତ ଯୋଗଦେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

### ■ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ପ୍ରସ୍ତୁତି ବୈଠକ

# ରାଜ୍ୟ ବାହାରୁ ୩୦ରୁ ଊର୍ଦ୍ଧ୍ୱ ନିଯୁକ୍ତିଦାତା ଯୋଗଦେବେ

ଭୁବନ, ୭।୩ (ସମିସ) : ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରସ୍ଥିତ ସାରଙ୍ଗଧର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ପରାମର୍ଶକ୍ରମେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ରବିବାର ଦିନ ସାରଙ୍ଗଧର ଷ୍ଟାଡିୟମରେ ହେବାକୁ ଥିବା ନିଯୁକ୍ତି ମେଳାର ସୂଚନା ଦେଇଛନ୍ତି। ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ନିଯୁକ୍ତି ଆଶାୟୀ ଯୁବକ ଓ ଯୁବତୀମାନେ ଅଂଶଗ୍ରହଣ କରିପାରିବେ।ଏହି ମେଳାରେ ୫ମ ଶ୍ରେଣୀ ପାସ୍ ଠାରୁ ୧୦ମ, +୨, +୩, ଆଇ.ଟି.ଆଇ, ଡିପ୍ଲୋମା ପାସ ସହିତ ୧୫ବର୍ଷ ରୁ ୩୫ ବର୍ଷ ବୟସର ଯୁବକ ଯୁବତୀ ମାନେ ଯୋଗଦେଇପାରିବେ। ଇଚ୍ଛୁକ ଯୁବକ ଓ ଯୁବତୀମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାର କାର୍ଡ ସହିତ ସକାଳ ୧୦ ଘଟିକାରୁ ଅପରାହ୍ନ ୩ ଘଟିକା ମଧ୍ୟରେ ଯୋଗଦେଇ ବେସରକାରୀ ସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେବାପାଇଁ ସୂଚନା ଦିଆଯାଇଛି। ଉକ୍ତ ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ନିଯୁକ୍ତି ଦାତା, ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଡିଓଙ୍କ ମାଧ୍ୟମରେ, ବିଭିନ୍ନ ଅଫିସ ନୋଟିସ ବୋର୍ଡ଼ ମାନଙ୍କରେ, ଲିଫଲେଟ ମାଧ୍ୟମରେ ସୂଚନା ପ୍ରଦାନ କରାଯିବ। ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଆଇନଶୃଙ୍ଖଳା ରକ୍ଷା, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦିର ବ୍ୟବସ୍ଥା ପାଇଁ ସମ୍ପୃକ୍ତ ବିଭାଗକୁ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଳ୍ପୋଦ୍ୟୋଗୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ସରକାରୀ ବାଳିକା ବିଦ୍ୟାଳୟରେ ମୋ ସ୍କୁଲ ଉତ୍ସବ

**କାମାକ୍ଷାନଗର, ୭ ।୩ (ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ମୋ ସ୍କୁଲ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟର ଆଲମୁନି ମାନେ ଦେଇଥିବା ଅର୍ଥ, ସେବା ଓ ଶ୍ରମ ବିଷୟରେ ଆଲୋଚନା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଦିଆଯାଇଥିବା ଧନ୍ୟବାଦ ଚିଠି ମୁଖ୍ୟ ଅତିଥିଙ୍କ ଦ୍ୱାରା ଆଲମୁନି ମାନଙ୍କୁ ପ୍ରଦାନ କରାଯାଇଥିଲା। ଏଥି ସହିତ ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ଆଲମୁନି ମାନେ ବୁଲି ଦେଖିଥିଲେ ଓ ଆଗକୁ ଆହୁରି କିପରି ଉର୍ନ୍ନତି ହେବ ସେ ବିଷୟରେ ସୁଚିନ୍ତିତ ମତାମତ ଦେଇଥିଲେ।ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦୁର୍ଗା ପ୍ରସାଦ ତ୍ରିପାଠୀ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ପରିଡ଼ା, ଅଶେଷ କୁମାର ମାର୍ଥା, ଶିକ୍ଷୟିତ୍ରୀ ଭାରତୀ ପରିଡ଼ା, ବିଷୟାବତୀ ମହାନ୍ତି, ଅମିତା ଘଡେଇ, ସ୍ମିତାଞ୍ଜଳି ସାମଲ, କୈକେୟୀ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ସରକାରୀ ବାଳିକା ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ

ଗଁଦିଆ, ୭ ।୩ (ସମିସ) : ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ କପିଳାସ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ ବୈଠକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିଶାମଣି ଦେଇଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୋ ସ୍କୁଲ ଅଭିଯାନର ସଭାପତି ଯୁଗଳ କିଶୋର ମିଶ୍ର, ପରିଚାଳନା ପରିଷଦ ସଭାପତି ବିପିନି ବିହାରୀ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମନୋସିନି ସାହୁ ଆୟ ବ୍ୟୟର ବିବରଣୀ ଉପସ୍ଥାପନା କରିଥିଲେ ଓ ସନ୍ତୋଷିନୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ବଗିଚା ଓ ୫-ଟି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ରୀ ମାନେ ଦେଖି ଖୁସି ଅନୁଭବ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

# ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ପାଇଁ ସଚେତନତା ରଥ ପରିକ୍ରମା

ମାର୍ଥାପୁର, ୭ ।୩ (ସମିସ) : ଢେଙ୍କାନାଳ ଜିଲ୍ଲାର ଭୁବନ ବନବିଭାଗ ତରଫରୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତା ରଥ ବିଭିନ୍ନ ଗ୍ରାମ ପରିକ୍ରମା କରିଥିବାର ଜଣାପଡ଼ିଛି। ଦୁର୍ବୃର୍ତ୍ତଙ୍କ କବଳରୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଓ ଲୋକମାନଙ୍କୁ ସଚେତନ କରିବା ପାଇଁ ଭୁବନ ବନବିଭାଗ ତରଫରୁ ସଚେତନତା ରଥ ବୁଲିବା ଆରମ୍ଭ ହୋଇଛି। ଭୁବନ ବନଖଣ୍ଡ ଅଧୀନରେ ସଂରକ୍ଷିତ ଜଙ୍ଗଲକୁ ପତ୍ରଝଡ଼ା ସମୟରେ ଦୁର୍ବୃର୍ତ୍ତମାନେ ନିଆଁ ଲଗାଇ ଦେଇଥାଆନ୍ତି। ଯାହା ଫଳରେ ନିରିହ ପଶୁପକ୍ଷୀ ଜଳିପୋଡ଼ି ମରିଯିବା ସହିତ ମୂଲ୍ୟବାନ ଗଛପତ୍ର ଜଳି ପାଉଁଶ ହୋଇଯାଇଥାଏ। ଏହାକୁ ରୋକିବା ପାଇଁ ବନବିଭାଗ ବିଭିନ୍ନ ପଦକ୍ଷେପ ନେଇଛି। ଯଦି କେହି ଦୁର୍ବୃତ୍ତ ଧରାପଡ଼ିଲା ତେବେ ସେହି ବ୍ୟକ୍ତିକୁ ଜଙ୍ଗଲ ଆଇନ ଅନୁସାରେ ୭ ବର୍ଷ କାରାଦଣ୍ଡ ସହିତ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମନାର ବ୍ୟବସ୍ଥା ରହିଛି।

# ବିଦ୍ୟୁତ୍ ବିଲ୍ ଦେଇ ନଥିବାରୁ ବ୍ଲକ୍ ଡାଇମଣ୍ଡରେ ବିଦ୍ୟୁତ୍ ସଂଯୋଗ

### ବିଚ୍ଛିନ୍ନ କଲା ଟିପିସିଓଡିଏଲ୍

ଅନୁଗୋଳ ୭ ।୩(ସମିସ ): ଅନୁଗୋଳ ଜିଲ୍ଲାସ୍ଥିତ ବ୍ଲାକ୍ ଡାଇମଣ୍ଡରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କଲା ଟିପିସିଓଡିଏଲ୍। ଜିଲ୍ଲା ପ୍ରଶାସନ ବିଲ ପୈଠ କରି ନ ଥିବାରୁ ଟିପିସିଓଡିଏଲ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାଯାଇଛି। ସୂଚନା ମୁତାବକ, ବ୍ଲାକ ଡାଇମଣ୍ଡର ଫାଟକ ବନ୍ଦ ଥିବାରୁ ବିଜୁଳି ବିଭାଗ କର୍ମଚାରୀ ପାଚେରି ଡେଇଁ ବିଜୁଳି ବିଚ୍ଛିନ୍ନ କରିଥିଲେ। ବିଜୁଳି ବିଭାଗ ସହ ଯୋଗାଯୋଗ କରିବାରୁ କହିଥିଲେ କି, ବ୍ଲାକ୍ ଡାଇମଣ୍ଡରେ ପ୍ରାୟ ୧୮ ଲକ୍ଷ ଟଙ୍କା ବାକି ରହିଥିଲା। କିନ୍ତୁ ପୈଠ କରି ନଥିଲେ । ମାର୍ଚ୍ଚ ମାସ ଥିବାରୁ ବିଜୁଳି ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ସାତଦିନ ମଧ୍ୟରେ ଟଙ୍କା ପୈଠ କରିବାର ପ୍ରତିଶ୍ରୁତି ଦେବାରୁ ଆଉଥରେ ବିଜୁଳି ସଂଯୋଗ କରାଯାଇଛି।

### ୫୫ନଂ. ଜାତୀୟ ରାଜପଥ କାର୍ଯ୍ୟ ମନ୍ଥର

# ଅସରାଏ ବର୍ଷାରେ ରାସ୍ତା ବେହାଲ

ଢେଙ୍କାନାଳ, ୭ ।୩ (ସମିସ)



କଟକ-ସମ୍ବଲପୁର ୫୫ ନଂ ଜାତୀୟ ରାଜପଥ କାର୍ଯ୍ୟ ଚାଲିଛି। ବର୍ଷେ ନୁହଁ, ଏମିତି ଦୀର୍ଘ ୫ବର୍ଷ ଧରି କାର୍ଯ୍ୟ ଚାଲିଛି। ଗୁରୁବାର ଦିନ ଅସରାଏ ବର୍ଷାରେ କୋରିଆଁ ଏଫସିଆଇ ଗୋଦାମ ସମ୍ମୁଖରେ ଥିବା ରାସ୍ତାରେ କୃତ୍ରିମ ହ୍ରଦ ସୃଷ୍ଟି ହେବା ସହିତ ଯାତାୟାତରେ ଘୋର ବ୍ୟାହତ ସୃଷ୍ଟି ହୋଇଥିଲା।

କଟକ-ଅନୁଗୋଳ ୫୫ ନଂ ଜାତୀୟ ରାଜପଥକୁ ୪ ଲେନ ବିଶିଷ୍ଟ ରାସ୍ତାରେ ପରିଣତ କରିବା ପାଇଁ ଗତ ୨୦୧୮ ମସିହା ଡିସେମ୍ବର ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନଲାଇନ ମାଧ୍ୟରେ ରାସ୍ତା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଜାତୀୟ ରାଜପଥ ପ୍ରାଧିକରଣ ମନ୍ତ୍ରଣାଳୟ ବା ଏନଏଚଏଆଇ ତରଫରୁ ଟେଣ୍ଡର କରାଯିବା ପରେ କଟକ ଜିଲ୍ଲା ମଙ୍ଗୁଳିଠାରୁ ଅନୁଗୋଳ ପର୍ଯ୍ୟନ୍ତ ୧୧୨ କିମି ରାସ୍ତାର ସମ୍ପ୍ରସାରଣ ନିମନ୍ତେ ଗାୟତୀ ଠିକା ସଂସ୍ଥାକୁ ଏହି ଟେଣ୍ଡର ମିଳିଥିଲା। କିନ୍ତୁ ବାଦ ବିବାଦ ମଧ୍ୟରେ ଠିକାଦାର ବଦଳୁଥିଲେ ମଧ୍ୟ ରାସ୍ତାର ମରାମତି ହେଉନାହିଁ କିମ୍ବା ରାସ୍ତା ନିର୍ମାଣରେ କୌଣସି ସୁଧାର ଆସୁନାହିଁ। ଢେଙ୍କାନାଳ ସହରକୁ ପ୍ରବେଶ ଦ୍ୱାର କୋରିଆଁ ଛକ ଏବଂ କାମାକ୍ଷାନଗର ଯିବାକୁ ଥିବା କାମାକ୍ଷା ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା କହିଲେ ନସରେ। ଗୁରୁବାର ଦିନ ଅସରାଏ ବର୍ଷା ହୋଇ କିଛି ସମୟ ମଧ୍ୟରେ ଛାଡି ଯାଇଥିଲା। କିନ୍ତୁ ଏହି ସମୟରେ ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲରେ ପାଣି ଜମିବା ସହିତ କେଉଁଟା ଖାଲ ଖମା ତାହା ପ୍ରତୀୟମାନ ହେଉନଥିଲା। ଫଳରେ ଗାଡ଼ିରେ ଯାତାୟାତ କରିବା ସହଜ ହୋଇ ନଥିଲା। କାମାକ୍ଷାନଗର ପାର୍ଶ୍ୱରୁ ଢେଙ୍କାନାଳ, ଅନୁଗୁଳ ପାର୍ଶ୍ୱରୁ ଢେଙ୍କାନାଳ ରାସ୍ତାରେ ଉତ୍କଳ ଆଜବେଷ୍ଟସ ସମ୍ମୁଖରେ ଦିର୍ଘଦିନ ଧରି ବଡ ବଡ ଖାଲ ସୃଷ୍ଟି ହୋଇରହିଛି। ସେଠାରେ ଓଭରବ୍ରିଜ ନିର୍ମାଣ ନାମରେ ରାସ୍ତାରେ ପିଚୁ ଗଣ୍ଡାଏ ମଧ୍ୟ ପଡୁନାହିଁ। ସେହିପରି ଅନୁଗୋଳ ପାର୍ଶ୍ୱରୁ ମହାଲକ୍ଷ୍ମୀ ସିନେମା ସମ୍ମୁଖ ଦେଇ କଟକ ଯାଇଥିବା ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିଲେ ମଧ୍ୟ ସେଥିପ୍ରତି ଠିକାଦାର ଦୃଷ୍ଟିଦେଉନାହାନ୍ତି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ତୁରନ୍ତ ଏ ଦିଗରେ ପଦକ୍ଷେପନେବାକୁ ଦାବି ହୋଇଛି।

# ବିଏସ୍‌କେୱାଇ କାର୍ଡ ଚୟନରେ ହେରଫେର ଅଭିଯୋଗ



**ଢେଙ୍କାନାଳ, ୭ ।୩ (ସମିସ) :** ସଦର ବ୍ଲକ ଅନ୍ତର୍ଗତ ତରଭା ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଚୟନରେ ହେରଫେର ହୋଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଗ୍ରାମର ପ୍ରସନ୍ନ ମଲ୍ଲିକ, ଶ୍ରୀନିବାସ ବିଶ୍ୱାଳ, ଅଭୟ କୁମାର ସ୍ୱାଇଁ, ଅନ୍ତର୍ଯ୍ୟାମୀ ସେନାପତିଙ୍କ ଅଭିଯୋଗ ଅନୁସାରେ ତାଙ୍କ ପୁଅମାନେ ସରକାରୀ ଚାକିରି କରିଥିବାରୁ ସେମାନେ ରାସନ କାର୍ଡରୁ ବଞ୍ଚିତ ହୋଇଛନ୍ତି । ପୁଅମାନେ ବିବାହ କରି ନିଜ ପରିବାର ସହିତ ପୃଥକ ଭାବରେ ବାହାରେ ରହୁଥିବା ବେଳେ ବାପାମାଆ ଯେତେ ଅସୁବିଧାରେ ରହିଲେ ମଧ୍ୟ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ରାସନ କାର୍ଡକୁ ନେଇ ବିଏସକେୱାଇ କାର୍ଡ ପ୍ରଦାନ କରାଯାଉଥିବା ବେଳେ ଅଭିଯୋଗକାରୀମାନ ଏଭଳି ପ୍ରାୟ ୮୦ରୁ ଅଧିକ ସରକାରଙ୍କ ନିୟମ ଅନୁସାରେ ଆବେଦନ କରିଥିଲେ ମଧ୍ୟ ତାହାକୁ କାଟି ଦିଆଯାଇଛି ।

ପିଇଓ ଦେବରାଜ ମଲ୍ଲିକ ତଦାରଖ କରିବା ସହିତ ଅଭିଯୋଗକାରୀଙ୍କ ନାମ କାଟି ଦିଆଯାଇଛି । କିନ୍ତୁ ଅନେକ ସରକାରୀ ଚାକିରି କରିଥିବା ପୁଅ ଝିଅଙ୍କ ପରିବାର ଏହି ସ୍ୱାସ୍ଥ୍ୟକାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଭଳି କ୍ଷେତ୍ରରେ ଏହାର ତଦନ୍ତ ସହିତ ସମସ୍ତଙ୍କୁ କାର୍ଡ ଯୋଗାଇଦେବାକୁ ଦାବି ହୋଇଛି ।

## ପ୍ରସିଦ୍ଧ ଶୈବପୀଠ କପିଳାସରେ ମହାଶିବରାତ୍ରି

# ଲାଗିଲାଣି ଭକ୍ତଙ୍କ ଭିଡ଼; ୧୦ ପ୍ଲାଟୁନ ଫୋର୍ସ ମୁତୟନ



**ଢେଙ୍କାନାଳ, ୭ ।୩ (ସମିସ)**

ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଶୁକ୍ରବାର ଅନୁଷ୍ଠିତ ହେବ ଜାଗର ଯାତ୍ରା । ମହାଶିବରାତ୍ରି ପାଇଁ ଗୁରୁବାରଠାରୁ ଭକ୍ତମାନଙ୍କ ଗହଳ ଚହଳ ଲାଗିରହିଛି । ରୀତି ନୀତି ଅନୁସାରେ ରାତି ୩ଟା ୫୫ମିନଟରେ ମହାଦୀପ ଉଠିବାର କାର୍ଯ୍ୟକ୍ରମ ରହିଥିବା ବେଳେ ହଜାର ହଜାର ଭକ୍ତଙ୍କ ସୁଅ କପିଳାସ ପୀଠକୁ ଛୁଟିବାରେ ଲାଗିଛି । ଦେବ ଦେବମହାଦେବଙ୍କ ମହାଶିବରାତ୍ରି ଓ ଜାଗର ଯାତ୍ରା ପ୍ରସିଦ୍ଧ କପିଳାସ ପୀଠରେ ମହାପ୍ରଭୁ ଶ୍ରୀ ଶ୍ରୀ ବାବା ଚନ୍ଦ୍ରଶେଖରଙ୍କ ନିକଟରେ ଅନୁଷ୍ଠିତ ହେବ । ମେଳା ପାଇଁ କପିଳାସ ପୀଠରେ ପ୍ରଶାସନ, ଦେବୋତ୍ତର ବିଭାଗ ତରଫରୁ ସମସ୍ତ ପ୍ରକାରର

### ରାତି ୩ଟା ୫୫ରେ ଉଠିବ ମହାଦୀପ

ବ୍ୟବସ୍ଥା କରାଯାଇଛି । ରାସ୍ତାରେ ପର୍ଯ୍ୟାପ୍ତ ଆଲୋକବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା କରାଯାଇଛି । ଗୁରୁବାର ଠାରୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି । ଏହି ମେଳାରେ ୩ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ମେଳାକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ଦୁଇଜଣ ଅତିରିକ୍ତ ଏସପିଙ୍କ ସହିତ ୫ ଜଣ ଡିଏସପି, ୧୩ଜଣ ଇନ୍ସପେକ୍ଟର, ଏଏସଆଇ ଏବଂ ଏଏସଆଇଙ୍କୁ ନିୟୋଜିତ କରାଯାଇଛି । ମହାଶିବରାତ୍ରିକୁ ଆଖିଆଗରେ ରଖି ଦେବୋତ୍ତର ବିଭାଗ ପକ୍ଷରୁ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଶେଷ ହୋଇଛି । ଏହା ସହିତ ଦୋକାନ ବଜାର ଗଢି ଉଠିଥିବା ବେଳେ ଅସ୍ଥାୟୀଭାବରେ ଧୂପ, ଦୀପ ଦୋକାନମାନ ଗଢ଼ିଉଠିଛି । ଭକ୍ତମାନେ କିପରି ଶାନ୍ତିଶୃଙ୍ଖଳାର ସହିତ ପୀଠକୁ ଆସି ପୁଣି ଫେରିବେ, ତା ଉପରେ ନଜର ରଖାଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ୨୭ ତମ ସାରା ରାତ୍ରି କପିଳାସ ଭଜନ ସମାରୋହ ଅନୁଷ୍ଠିତ ହେବ । ଏହି ଭଜନ କାର୍ଯ୍ୟକ୍ରମରେ ଓଡ଼ିଶାର ଖ୍ୟାତନାମା କଳାକାରମାନେ ଯୋଗଦେଇବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ଉଦଘାଟନ କରିବାର ଯୋଜନା ରହିଛି ।

# ୨୭୦ ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ଛାତ୍ରବୃତ୍ତି ପ୍ରଦାନ

**କାମାକ୍ଷାନଗର, ୭ ।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଯୁକ୍ତ ୩ ଡିଗ୍ରୀ ମହିଳା ମହାବିଦ୍ୟାଳୟ ରେ ୨୭୦ ଜଣ ଛାତ୍ରୀଙ୍କୁ 'ନୂଆ –ଓ' ଛାତ୍ର ବୃତ୍ତି ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟର ଅଧ୍ୟକ୍ଷା ବନ୍ଦିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୭୦ ଜଣ ଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରିଥିଲେ । ଅନ୍ୟ ଅତିଥିଭାବେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ଯୋଗଦେଇ ଛାତ୍ର, ଛାତ୍ରୀମାନଙ୍କ ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଏହି ନୂଆ -ଓ ବୃତ୍ତି ଯୋଜନା ଉପରେ ପିଲାମାନଙ୍କୁ ଅବଗତ କରାଇଥିଲେ । ଏହି ଉପଲକ୍ଷେ ନୂଆ -ଓ ବୃତ୍ତି ପାଇଥିବା ଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ ।

# ୧୭୬ଜଣଙ୍କୁ ଭିନ୍ନକ୍ଷମ ଉପକରଣ ବଣ୍ଟନ



**ଭୁବନ, ୭ ।୩ (ସମିସ) :** ଭୁବନ ପଞ୍ଚାୟତ ନିର୍ବାଚନ ଆନୁକୂଲ୍ୟରେ ୧୭୬ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଛି । ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଇସ୍ପାତ ଖଣି ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଟ୍ରାଇ ସାଇକଲ, ହୁଇଲ ଚେୟାର ସହିତ ଶ୍ରବଣ ଯନ୍ତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଡିଓ କଲ୍ୟାଣ ସୌରଭ ଦାସ, ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ବିଜନ କୁମାର ମିଶ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ ।

## ଟାଟା ଷ୍ଟିଲ୍ ମେରାମଣ୍ଡଳୀର ସହଯୋଗ

# ଗ୍ରାମୀଣ ମହିଳା ତପସ୍ୱିନୀ ହୋଇପାରିଛନ୍ତି ଆତ୍ମନିର୍ଭରଶୀଳ

**ମେରାମଣ୍ଡଳୀ, ୭ ।୩ (ସମିସ) :** ଟାଟା ଷ୍ଟିଲ୍ ମେରାମଣ୍ଡଳୀ କାରଖାନାର ଆଖପାଖ ଗ୍ରାମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ସାମାଜିକ ଉତ୍ତରଦାୟିତ୍ୱ ବୋଧ ଅନ୍ତର୍ଗତ ମହିଳା ସଶକ୍ତୀକରଣ ଏବଂ ଉଦ୍ୟୋଗ ପ୍ରକଳ୍ପ ଆରମ୍ଭ ହେବା ପରେ ତପସ୍ୱିନୀ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ ଦେବା ଏବଂ ଗ୍ରାମୀଣ ମହିଳାଙ୍କ ଉନ୍ନତି ପାଇଁ ଟିଏସଏଫ୍ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଟିଏସଏଫ୍ ସହାୟତାରେ ତପସ୍ୱିନୀ ୨୦୧୯ରେ ଡବ୍ଲୁଇଇ ପ୍ରକଳ୍ପ ଜରିଆରେ ଏକ ଗ୍ରୋସରୀ ଦୋକାନ ଆରମ୍ଭ କରିଥିଲେ । କୋଭିଡ୍-୧୯ ମହାମାରୀ ଯୋଗୁଁ ଆସିଥିବା ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ତାଙ୍କ ପରିବାର ପାଇଁ ଏକମାତ୍ର ରୋଜଗାରକ୍ଷମ ଭାବରେ ଉଭା ହୋଇଥିଲେ । ବର୍ତ୍ତମାନ ତାଙ୍କ ବ୍ୟବସାୟରେ ଉନ୍ନତି ଘଟିଛି ଏବଂ ସେ ମାସିକ ୧୨, ୦୦୦ ଟଙ୍କାରୁ ୧୫, ୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ କରିପାରୁଛନ୍ତି । ଏହା ଦ୍ୱାରା ସେ ପରିବାର ଏବଂ ସମାଜରେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ଡବ୍ଲୁଇଇ ପ୍ରୟାସର ଢାଞ୍ଚାରେ ଓଡ଼ିଶା ସମବାୟ ସମିତି ଆଇନ




୧୯୬୨ ଅଧୀନରେ 'ଗୃହଲକ୍ଷ୍ମୀ ବହୁମୁଖୀ ମହିଳା ଉତ୍ପାଦକ ସମିତି ଲିମିଟେଡ୍' ପ୍ରତିଷ୍ଠା କରାଯାଇଥିଲା । ଏହି ସମବାୟ ସଂସ୍ଥା ତପସ୍ୱିନୀଙ୍କ ସମେତ ୨, ୦୦୦ରୁ ଅଧିକ ମହିଳାଙ୍କ ପାଇଁ କ୍ଷୁଦ୍ର ଉଦ୍ୟୋଗରେ ପ୍ରବେଶ କରିବା ଏବଂ ସେମାନଙ୍କର ସାମାଜିକ-ଅର୍ଥନୈତିକ ସ୍ଥିତିକୁ ଉନ୍ନତକରିବା ପାଇଁ ଏକ ମାଧ୍ୟମ ଭାବରେ କାର୍ଯ୍ୟ କରୁଛି । ଏହା ଦ୍ୱାରା ତପସ୍ୱିନୀଙ୍କ ଉଦ୍ୟୋଗୀ ଦକ୍ଷତା ସମୃଦ୍ଧ ହୋଇଥିବା ବେଳେ ତାଙ୍କୁ ବୋର୍ଡ ନିର୍ଦ୍ଦେଶକ ଭାବରେ ଗୃହଲକ୍ଷ୍ମୀ ସମବାୟରେ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ମଧ୍ୟ ପ୍ରେରଣା ଦେଇଥିଲା । ବ୍ୟବସାୟ ବ୍ୟତୀତ ସେ ଗୋଷ୍ଠୀ ବିକାଶ ପଦକ୍ଷେପକୁ ଚଳାଇବା ପାଇଁ ସରକାରୀ ଏବଂ ବେସରକାରୀ ସଂସ୍ଥା ସହିତ ସକ୍ରିୟ ଭାବରେ ସହଯୋଗ ପ୍ରଦାନ କରୁଛନ୍ତି । ତପସ୍ୱିନୀ ସ୍ଥାନୀୟ ମହିଳାଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇ କହିଛନ୍ତି ଯେ, ମହିଳାମାନେ ଆତ୍ମବିଶ୍ୱାସୀ ହେବା ଉଚିତ । କାରଣ ଆତ୍ମବିଶ୍ୱାସ ହେଉଛି ଏପରି ଏକ ଜିନିଷ ଯାହା ଚମତ୍କାର ପାଇଁ ଦ୍ୱାର ଖୋଲିପାରେ । ଟିଏସଏଫର ଗୃହଲକ୍ଷ୍ମୀ ପ୍ରକଳ୍ପ ସହିତ ତାଙ୍କର ପରିବର୍ତ୍ତନଶୀଳ ଯାତ୍ରା ମାଧ୍ୟମରେ ସଶକ୍ତୀକରଣର ବାର୍ତ୍ତାକୁ ପ୍ରତିଫଳିତ କରିଛନ୍ତି ଏବଂ ମହିଳାମାନଙ୍କୁ ଉଦ୍ୟୋଗର ଅନୁସନ୍ଧାନ କରିବାକୁ ଏବଂ ଆତ୍ମନିର୍ଭରଶୀଳ ହୋଇ ଅନ୍ୟର ଉଦାହରଣ ପାଲଟିଛନ୍ତି ।

# ସୋସିଆଲ ଇମୋସନାଲ ଲର୍ଣ୍ଣିଂ ଦିବସ



**ଢେଙ୍କାନାଳ, ୭ ।୩ (ସମିସ) :** ସ୍ଥାନୀୟ ଜର୍ଜ ପ୍ରାଥମିକ ବିଦ୍ୟାଳୟର ପ୍ରୟୋଗଶାଳାରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ପିରାମଲ ଫାଉଣ୍ଡେସନର ଉଦ୍ୟମରେ ସୋସିଆଲ ଇମୋସନାଲ ଲର୍ଣ୍ଣିଂ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା ।

ଏହି କର୍ମଶାଳାରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସସ୍ମିତା ସାହୁ, ସମ୍ମାନିତ ଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ ରାଉତ, ସ୍ନେହଲତା ରାଜ ଏବଂ ପୁଲିସ୍ ଲାଇନ୍ ସିଆରସିସିର ଜସକେତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସସ୍ମିତା ସାହୁ ଏକ ଗଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ନିଜ ନିଜ ଭାବନା ସହିତ ଅନ୍ୟମାନଙ୍କ ଭାବନାକୁ କିପରି ସମ୍ମାନ ଜଣାଇବେ ତାହା ଉପରେ ଆଲୋକପାତ କରିଥିଲେ । ବ୍ରହ୍ମାନନ୍ଦ ରାଉତ ଛାତ୍ରଛାତ୍ରୀମାନଙ୍କୁ ପରସ୍ପରର କିଛି ଭଲଗୁଣକୁ ଶିଖି କାର୍ଯ୍ୟକାରୀ କରିବାକୁ ପ୍ରେରିତ କରିଥିଲେ ।

ସ୍ନେହଲତା ରାଜ ପ୍ରିପେସର ହ୍ୟାଣ୍ଡେଲିଙ୍ଗ ସେଲଫ୍ ଆୱାରନେସ୍ ଭଳି କେତେକ ମହତପୂର୍ଣ୍ଣ ବିଷୟରେ ସମ୍ୟକ ଜ୍ଞାନ ପ୍ରଦାନ କରିଥିଲେ । ପିରାମଲ ଫାଉଣ୍ଡେସନର ସ୍ନିଗ୍ଧାରାଣୀ ମହାନ୍ତି ଏବଂ ଅମନ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଧ୍ୟାନ ଭାବନାର ବୃକ୍ଷ ଏବଂ ଧନ୍ୟବାଦ ପତ୍ର ଭଳି କ୍ରିୟାକଳାପ କରାଇଥିଲେ । ଯେଉଁଥିରେ ଅତିଥିମଧ୍ୟ ଅଂଶଗ୍ରହଣ କରିଥିଲେ । ଏହି କର୍ମଶାଳାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନୀ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ଭାବନା ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିବାକୁ ଆଶ୍ୱାସନା ଦେଇଥିଲେ ।

# ସମାଜସେବୀଙ୍କ ପରଲୋକ

**ଢେଙ୍କାନାଳ, ୭ ।୩ (ସମିସ):** ଢେଙ୍କାନାଳ ଜିଲ୍ଲାର ବରିଷ୍ଠ ସମାଜସେବୀ ଜୟକୃଷ୍ଣ ବେହେରାଙ୍କ ପରଲୋକ ଘଟିଛି । ଓଡ଼ିଶା ସୂଚନା ଅଧିକାର ଅଭିଯାନ ଢେଙ୍କାନାଳର ଉପଦେଷ୍ଟା, ପୂର୍ବତନ ସାମ୍ବାଦିକ, ସମିତି ସଭ୍ୟ, କଂଗ୍ରେସ ଜିଲ୍ଲା ପରିଷଦ ସଭ୍ୟ, କାମାକ୍ଷାନଗର ମେଡିକାଲକୁ ଦୈନିକ



ଆସୁଥିବା ରୋଗୀମାନଙ୍କ ପାଇଁ ଦାନ୍ତକାଠି, ଗରମ ପାଣି, ବିସ୍କୁଟ ମାଗଣାରେ ଦେଇଥାନ୍ତି । ସେ ଜୀବନରେ ଦୁଃଖି ଗରିବ ଲୋକଙ୍କୁ ସାହାଯ୍ୟ ସହ ୮୦ ରୁ ଉର୍ଦ୍ଧ୍ୱ ଶବ ସତ୍କାର କରିଛନ୍ତି । ଢେଙ୍କାନାଳରେ ଅନେକ ଦୁର୍ନୀତି ସରକାରଙ୍କ ଦୃଷ୍ଟିକୁ ଆଣି ବେଶ୍ ପରିଚିତ ଥିଲେ ।

# ନୂତନ ହାଟ ଓ କୃଷକ ବିଶ୍ରାମଗୃହର ଶିଳାନ୍ୟାସ



**କାମାକ୍ଷାନଗର, ୭ ।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଜିରିଡାଡ଼ାମାଳି ବସଷ୍ଟାଣ୍ଡ ପଡ଼ିଆରେ ନୂତନ ହାଟ ଓ କୃଷକ ବିଶ୍ରାମ ଗୃହର ଶିଳାନ୍ୟାସ କରାଯାଇଛି । କାମାକ୍ଷାନଗର ନିୟନ୍ତ୍ରିତ ବଜାର କମିଟି ତରଫରୁ ସ୍ଥାନୀୟ ଜିରିଡ଼ାମାଳି ବସଷ୍ଟାଣ୍ଡ ପଡ଼ିଆରେ ନୂତନ ହାଟ ଓ କୃଷକ ମାନଙ୍କ ନିମନ୍ତେ ବିଶ୍ରାମ ଗୃହ ନିର୍ମାଣ କରାଯିବ । କାମାକ୍ଷାନଗର ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ସଭାପତି ନାରାୟଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା ଯୋଗ ଦେଇଥିଲେ । ଏହି ନୂତନ ହାଟ ଓ ବିଶ୍ରାମ ଗୃହ ନିର୍ମାଣ ହେବା ଫଳରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ତଥା ଆଖପାଖର ଲକ୍ଷାଧିକ କୃଷକ ସୁବିଧାରେ ନିଜର ସାମଗ୍ରୀ ବିକ୍ରି କରିପାରିବେ । ଯାହାଫଳରେ କୃଷକ ମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ ବୋଲି ମନ୍ତ୍ରୀ ନିଜ ଅଭିଭାଷଣରେ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନିୟନ୍ତ୍ରିତ ବଜାର କମିଟି କାମାକ୍ଷାନଗରର ସମ୍ପାଦକଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ ।

# ବନ୍ଦ କୋଠରିରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**କାମାକ୍ଷାନଗର, ୭ ।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଥାନା ଅଞ୍ଚଳରେ ଜନୈକା ଯୁବତୀଙ୍କ ମୃତଦେହ ଏକ ବନ୍ଦ କୋଠରୀ ମଧ୍ୟରୁ ଉଦ୍ଧାର କରାଯାଇଛି । ଏହି ଯୁବତୀଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରିଥିବା ଚର୍ଚ୍ଚା ହେଉଛି ।



କାମାକ୍ଷାନଗର ଥାନା ଅନ୍ତର୍ଗତ ଲୋକନାଥପୁର ଗ୍ରାମର ସ୍ୱର୍ଗତ ଶିବ ଖୁଣ୍ଟିଆଙ୍କ ପତ୍ନୀ ମଞ୍ଜୁଲତା ଖୁଣ୍ଟିଆ ବୁଧବାର ପୂର୍ବାହ୍ନରେ ତାଙ୍କର ସମ୍ପର୍କୀୟ ଘରକୁ ଯାଇଥିଲେ । ଝିଅ ଲକ୍ଷ୍ମୀ ଖୁଣ୍ଟିଆ (୨୦) ନିଜ ଘରେ ରହିଥିବା ବେଳେ ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି । ବାସଘର ସିଡ଼ି ଘରର କବାଟ ଖୋଲା ଥିବାରୁ ତାକୁ କେହି ହତ୍ୟା କରାଯାଇଥିବାର ଜଣାପଡ଼ିଛି ।

ସୂଚନା ଅନୁସାରେ ଲକ୍ଷ୍ମୀଙ୍କ ମାଆ ମଞ୍ଜୁଲତା ବୁଧବାର ଠାରୁ ତାଙ୍କର ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । ତେବେ ଗରୁବାର ସକାଳୁ ବଡ଼ ଭଉଣୀ ମାନସିକ ବିକୃତା ନମିତା ଲକ୍ଷ୍ମୀଙ୍କୁ ଉଠାଇବାକୁ ଯିବା ବେଳେ ସେ ଆଉ ଉଠି ନଥିଲେ । ପରେ ପଡୋଶୀ ଘରର ଲୋକମାନେ ଆସି ଦେଖିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା । ଲକ୍ଷ୍ମୀର ଆଖି, ନାକ ଓ କାନରୁ ରକ୍ତ ବାହାରୁଥିବା ଦେଖିବାକୁ ମଳିଥିଲା । ମାଆ ଘରେ ପହଞ୍ଚିବା ପରେ ଝିଅକୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଇଛି । ଏ ସମ୍ପର୍କରେ ମୃତ ଲକ୍ଷ୍ମୀଙ୍କ ମାଆ ମଞ୍ଜୁଲତାଙ୍କ ଅଭିଯୋଗ କ୍ରମେ କାମାକ୍ଷାନଗର ଥାନାରେ ୧୧/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚାଲିଛି । ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ପ୍ରତାପ କୁମାର ସାହୁ କୁହନ୍ତି ତଦନ୍ତ ଜାରିରହିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ।

## ● ଚତୁର୍ଥୀ ରାତିରେ ବର ମଦ୍ୟପାନ କରିବା ମହଙ୍ଗା ପଡ଼ିଲା

# ବାପଘରକୁ ଫେରିଗଲା ଝିଅ

**କାମାକ୍ଷାନଗର, ୭ ।୩ (ସମିସ)**

ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଥାନା ଅର୍ନ୍ତଗତ କନ୍ଦରସିଂହା ଗ୍ରାମରେ ଚତୁର୍ଥୀ ରାତିରେ କନ୍ୟା ନିଜ ବାପ ଘରକୁ ଚାଲିଯିବା ଘଟଣାକୁ ନେଇ ବେଶ ଚର୍ଚ୍ଚା ଚାଲିଛି । କନ୍ୟାଘର ସଦସ୍ୟ ବର ମଦ୍ୟପାନ କରୁଥିବା ଅଭିଯୋଗ କରିଥିବା ବେଳେ ବରଘର ଲୋକ କନ୍ୟାର ଅନ୍ୟ ସହିତ ସମ୍ପର୍କ ରହିଥିବା ଦୋଷାରୋପ

### କନ୍ୟାଘରକୁ ଫେରିଗଲା ବିଭାଘର ସାମଗ୍ରୀ

କରିବା ପରେ ପାଟିତୁଣ୍ଡ ବଢ଼ି ଥାନାରେ ମାମଲା ହୋଇଥିବା ଜଣାପଡ଼ିଛି ।

ପରଜଙ୍ଗ ଥାନା ଅନ୍ତର୍ଗତ କନ୍ଦରସିଂହା ଗାଁରେ ଚତୁର୍ଥୀ ରାତିରେ ନବବିବାହିତା ଝିଅ ବାପ ଘରକୁ ଚାଲିଯିବାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ସାତ ଜନମ ପାଇଁ



ଅଗ୍ନିକୁ ସାକ୍ଷୀ ରଖି ପବିତ୍ର ବନ୍ଧନରେ ଆବଦ୍ଧ ହୋଇଥିଲେ ନବଦମ୍ପତି । ଅନୁଗୋଳ କୁମଣ୍ଡ ଅଞ୍ଚଳର ଜଣେ ଝିଅକୁ ବିବାହ କରିଥିଲେ ପରଜଙ୍ଗ କନ୍ଦରସିଂହା ଅଞ୍ଚଳର ଯୁବକ । ହେଲେ ପବିତ୍ର ଚତୁର୍ଥୀରେ ଝିଅ ପରିବାର ଲୋକଙ୍କ ସହ ବାପଘରକୁ ଚାଲି ଯାଇଥିଲେ । କନ୍ୟା ଘରର ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୁଅ ମଦ୍ୟପାନ କରି ଝିଅକୁ ମାଡ଼ ମାରିଥିଲା । ଯାହାକୁ ନେଇ ସେ ତାଙ୍କ ଝିଅକୁ ଘରକୁ ଫେରାଇ ନେଇଛନ୍ତି । ତେବେ ଏ କଥାକୁ ଖଣ୍ଡନ କରିଛନ୍ତି ବରଘର ଲୋକେ । ତାଙ୍କ କହିବା ଅନୁଯାୟୀ ଝିଅର ଅନ୍ୟତ୍ର ସମ୍ପର୍କ ରହିଛି, ଝିଅ ନାଟକ କରି ଏପରି କରିଛି । ପୂର୍ବରୁ ମଧ୍ୟ ଝିଅ ପୁଅକୁ ବିବାହ କରିବାକୁ ମନା କରିଥିଲା ବୋଲି ସେମାନେ କହିଛନ୍ତି । ତେବେ କଥାକୁ ସେତେବେଳେ ସେତେ ଗୁରୁତର ଭାବେ ସେମାନେ ନେଇ ନ ଥିଲେ । ଏବେ କନ୍ୟା ଫେରାର ହେବା ସେମାନଙ୍କୁ ଶକ୍ତ ଝଟକା ଦେଇଛି । ବର ଚତୁର୍ଥୀ ରାତିରେ ମଦ୍ୟପାନ କରି ଟଳମଳ ହେଉଥିବା ଅଭିଯୋଗକୁ ମଧ୍ୟ ସେମାନେ ଅସ୍ୱୀକାର କରିଛନ୍ତି । ତେବେ କିଏ କହୁଛି ଠିକ୍ ? ଆଉ କିଏ କହୁଛି ଭୁଲ୍ ? ଏହାକୁ ନେଇ ମାମଲା ପରଜଙ୍ଗ ଥାନାକୁ ଯାଇଥିଲା । ସେଠାରେ ଉଭୟ ପକ୍ଷଙ୍କ ଉପସ୍ଥିତି ସହିତ ସ୍ଥାନୀୟ ସରପଞ୍ଚ ଏବଂ ବୁଦ୍ଧିଜୀବୀଙ୍କ ହସ୍ତକ୍ଷେପ ପରେ ଘଟଣାଟିର ସମାଧାନ ହୋଇଥିଲା । କନ୍ୟା ଘରର ଲୋକମାନେ ଝିଅକୁ ଫେରାଇ ନେବା ସହିତ ବିବାହ ବେଳେ ଝିଅକୁ ଦେଇଥିବା ସମସ୍ତ ଘରକରଣା ସାମଗ୍ରୀ ମଧ୍ୟ ଫେରାଇ ନେଇଥିଲେ । ହେଲେ ଆଜି ବି ବାଉଁଶର ସେହି ଟେଣ୍ଟ ବନ୍ଧା ହୋଇ ରହିଛି, ବିବାହ ବେଦିରେ ଝୁଲୁଛି ବିବାହର ପବିତ୍ର କଳସ । କାନ୍ଥରେ ସଜ୍ଜିତ ହୋଇ ରହିଛି ଦୁଇ ବରକନ୍ୟାଙ୍କ ନାମ । ମାତ୍ର କ୍ଷଣକରେ ସବୁକିଛି ଓଲଟ ପାଲଟ ହୋଇଯାଇଛି ।

# ଗେଙ୍ଗୁଟିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସଫଳତା



**ଢେଙ୍କାନାଳ, ୭ ।୩ (ସମିସ) :** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ବସୁଲେଇ ସ୍ଥିତ ଗେଙ୍ଗୁଟିଆ ଉଚ୍ଚ ବିଦ୍ୟାଳୟକୁ ଶ୍ରେଷ୍ଠ ମାଧ୍ୟମିକ ପ୍ରଧାନ ଶିକ୍ଷକ ଭାବରେ ପୀତାମ୍ବର ଦାଶ ଏବଂ ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା କମିଟି ଭାବରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହା ସହିତ ପରଜଙ୍ଗ ବ୍ଲକର ୧୦୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮ ଜଣ ଏକାଡେମି ଆୱାର୍ଡ ଏବଂ ୨ଜଣ ଲିଡରସିପ ଆୱାର୍ଡ ଲାଭ କରିଥିଲେ । ଏହାକୁ ନେଇ ବିଦ୍ୟାଳୟର ଅଭିଭାବକ, ଗ୍ରାମବାସୀ, ଶିକ୍ଷକ ଏବଂ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଡିଇଓ, ବିଇଓ ହରିହର ଦେହୁରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ବିରେନ୍ଦ୍ର ଜେନା, ପ୍ରଧାନଶିକ୍ଷକ ପୀତାମ୍ବର ଦାଶ, ଛାତ୍ର ଛାତ୍ରୀଙ୍କ ମଧ୍ୟରେ ନନ୍ଦନ କୁମାର ସାହୁ, ପାଏଲ ନାଏକ, ଆଶ୍ରୀଲ ପରିଡ଼ା, ଜିତେନ୍ଦ୍ର ସାହୁ, ଅତନୁ ସବ୍ୟସାଚୀ ସାହୁ, ଶୁଭମ ରାଉତ, ସତ୍ୟମ ସାମଲ, ରାହୁଲ କୁମାର ସାହୁ, ଶ୍ୱେତାଲିନା ପାତ୍ର ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ ।

## ଆନ୍ତର୍ଜାତିକ ମହିଳା ଦିବସ

# 'ଆର୍ଥିକ ସ୍ୱାବଲମ୍ବନ ହିଁ ଜୀବନରେ ଆଣିପାରିବ ବ୍ୟାପକ ରୂପାନ୍ତର'





କେନ୍ଦ୍ରାପଡ଼ା, ୭।୩(ସମିସ)

ନାରୀ ଚେତନାର ଅସରନ୍ତି ଶକ୍ତି। ପ୍ରେରଣାର ସୀମାହୀନ ସ୍ରୋତ। ସେମାନଙ୍କ ଆର୍ଥିକ ସଶକ୍ତିକରଣ ଉପରେ ନିର୍ଭର କରୁଛି ରୂପାନ୍ତର ସମାଜର ଚିତ୍ର। ଛତାସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଗ୍ରାମୀଣ ଆ।ନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ସମାରୋହରେ ଯୋଗ ଦେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହା କହିଛନ୍ତି। ଏହି ଅବସରରେ ଏହି ଅନୁଷ୍ଠାନରୁ ତାଲିମପ୍ରାପ୍ତ ଜିଲ୍ଲାର ୩୦ଜଣ ମା' ଭଉଣୀମାନଙ୍କୁ ସେ ସିଲାଇ ମେସିନ ଓ ଛତା ବର୍ଣ୍ଟନ କରିଥିଲେ। ସେ କହିଥିଲେ ଆର୍ଥିକ ସ୍ୱାବଲମ୍ବନ ହିଁ ଆପଣମାନଙ୍କ ଜୀବନରେ ଆଣିପାରିବ ବ୍ୟାପକ ରୂପାନ୍ତର। ଏଇ ରୂପାନ୍ତର ଶେଷରେ ସୁସ୍ଥ ସମାଜର ଚିତ୍ରକୁ ପ୍ରତିଫଳିତ କରିବ।ଏହି ଦିବସକୁ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉଦ୍‌ଘାଟନ କରିଥିଲେ। ପରେପରେ 'ଇତ୍‌ନୀ ଶକ୍ତି ହମେ ଦେନା ଦାତା' ପ୍ରାର୍ଥନା ସମଗ୍ର ପରିବେଶକୁ ଭାବମୟ କରିଦେଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ଆଞ୍ଚଳିକ ପ୍ରବନ୍ଧକ ଦେବାଶୀଷ ରଥ, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ୍ ମୁଖ୍ୟ ପ୍ରବନ୍ଧକ ମନୋଜ କୁମାର ପ୍ରଧାନୀ, କେନ୍ଦ୍ରାପଡ଼ା ଏସ୍‌ବିଆଇ ମେନ୍ ବ୍ରାଞ୍ଚର ମୁଖ୍ୟ ପ୍ରବନ୍ଧକ ରମାକାନ୍ତ ବେହେରା, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।ପ୍ରଭାତ ମହାନ୍ତି ଅତିଥି ପରିଚୟ ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷର କ୍ୟାମ୍ପେନ୍ ଥିମ୍ 'ଇନ୍‌ସ୍ପାୟାର୍ ଇନ୍‌କ୍ଲୁଜନ' ରହିଥିବା ବେଳେ ଥିମ୍ ରହିଛି 'ଇନ୍‌ଭେଷ୍ଟ୍ ଇନ୍ ଓମେନ୍: ଆକ୍ସିଲରେଟ୍ ପ୍ରୋଗ୍ରେସ୍'।

## ତେରାଗାଁ ସ୍କୁଲରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ ଉତ୍ସବ

ମହାକାଳପଡ଼ା, ୭।୩(ସମିସ): ମହାକାଳପଡ଼ା ବ୍ଲକ ତେରଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟର ଆଲୁମିନି ବେଷ୍ଟ ବ୍ଲକ ଆଲୁମିନି ଆୱାର୍ଡ ପାଇଥିବାରୁ ଆଲୁମିନି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ତଥା ଏବିଇଓ ମନୋରଞ୍ଜନ ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତେରଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ମୋ ସ୍କୁଲ୍ ଅଭିଯାନର ସଭାପତି ଇଂ ସତ୍ୟବାଦୀ ପରିଡ଼ା, ଅଧ୍ୟାପକ ଇନ୍ଦ୍ରମଣି ନାୟକ ମୁଖ୍ୟବକ୍ତା, କୈଳାସ ପରିଡ଼ା, ସମ୍ମାନିତ ଅତିଥି, ନିଗମ କ୍ଲଷ୍ଟର୍ ସିଆର୍‌ସିସି ପ୍ରଦୀପ ରାଉତ, ତେରଗାଁ କ୍ଲଷ୍ଟର୍ ସିଆର୍‌ସିସି ଶୁଭକାନ୍ତ ମହାପାତ୍ର, ଓସ୍ତର ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ଦାଶ, ଘୋଡାବନ୍ଧ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସୂତାର, ତେରଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମରନାଥ ସେଠୀ, ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ମହାପାତ୍ର, ଶରତ ବାରିକ, ଭଗବାନ ବେହେରା, ସୁଜାତା ଧଳ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରକାଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଉକ୍ତ ବିଦ୍ୟାଳୟକୁ ସବୁ କ୍ଷେତ୍ରରେ ଆଗୁଆ କରିବା ନିମନ୍ତେ ପିତାମାତା, ଅଭିଭାବକ, ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। କ୍ରୀଡା ଓ ଅନ୍ୟାନ୍ୟ ପ୍ରତଭା ଅନ୍ୱେଷଣମୂଳକ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।ଏହି ବିଦ୍ୟାଳୟ ବ୍ଲକରେ ବେଷ୍ଟ ସ୍କୁଲ୍ ଆୱାର୍ଡ଼ ପାଇଥିବାରୁ ସମସ୍ତେ ଆତ୍ମସନ୍ତୋଷ ପ୍ରକାଶ କରିଥିଲେ। ଇଣ୍ଟରନେଟ ନେସ୍ନାଲ୍ କଲଚରାଲ୍ ଟ୍ରୁପ୍ ର ଦେବସ୍ମିତା ଦାସଙ୍କ ସମେତ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## 'ନୂଆ-ଓ' ଛାତ୍ରବୃତ୍ତି ପ୍ରମାଣପତ୍ର ବର୍ଣ୍ଟନ



ତିର୍ତ୍ତୋଲ, ୭।୩(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୂଳସ୍ଥ ବାୟା ଅବଧୂତ ଡିଗ୍ରୀ ମହାବିଦ୍ୟାଳୟରେ 'ନୂଆ-ଓ' ଯୋଜନା ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରମାଣ ପତ୍ର ବର୍ଣ୍ଟନ କରାଯାଇଛି। ଏ ଉପଲକ୍ଷେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜେନା ଅଧ୍ୟକ୍ଷତା କରି ସରକାରଙ୍କ 'ନୂଆ-ଓ' ଛାତ୍ରବୃତ୍ତିକୁ ପ୍ରଂଶସା କରି ଏହା ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ଆଗେଇ ନେବାକୁ ବଳିଷ୍ଠ ପଦକ୍ଷେପ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

## 'ମୋ ସ୍କୁଲ ଅଭିଯାନ' ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର

ତିର୍ତ୍ତୋଲ, ୭।୩(ସମିସ): ଆଜି ସାରା ଓଡ଼ିଶାରେ ବିଭିନ୍ନ ବିଦ୍ୟାଳୟର 'ମୋ ସ୍କୁଲ ଅଭିଯାନ' କମିଟିକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର ପ୍ରଦାନ ପରିପ୍ରେକ୍ଷୀରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦାସ୍ଥ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଶିକ୍ଷୟିତ୍ରୀ ନମିତା ମହାରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇ ବିକଶିତ ବିଦ୍ୟାଳୟର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ ସବିତା ନାୟକ, ବିଜୟଲକ୍ଷ୍ମୀ ପଣ୍ଡା, ମୋ ସ୍କୁଲ ଅଭିଯାନ କମିଟି ସଭାପତି ଶରତ ପରିଜା, ତିଳକ ପରିଜା, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ମହାନ୍ତି, ଶିକ୍ଷାବିତ କମଳାକାନ୍ତ ପରିଜା, ଚିତ୍ତରଞ୍ଜନ ପରିଜା, ଶ୍ରଦ୍ଧାଞ୍ଜଳି ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପବିତ୍ର ଦାଶଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରେରିତ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

## କେନ୍ଦ୍ରାପଡ଼ା ଅର୍ବାନ୍ ବ୍ୟାଙ୍କର ବାର୍ଷିକ ଉତ୍ସବ

ଆଳି, ୭।୩(ସମିସ): କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ଆଳିଶାଖାର ୨୫ତମ ଜନ୍ମ ଉତ୍ସବ ଆଜି ପାଳନ କରାଯାଇଛି। ଶାଖା ପରିଚାଳକ ସଞ୍ଜୟ କୁମାର ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତି ଓ ଆଳି ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀମତୀ ମୀନତି ଜଗଦେବ ମୁଖ୍ୟ ଅତିଥି ତଥା ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରିଣୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ବ୍ୟାଙ୍କର ସଭ୍ୟ, ଗ୍ରାହକ ଓ ଜନସାଧାରଣ ବ୍ୟାଙ୍କର ବିଭିନ୍ନ ସମସ୍ୟା ଉପରେ ବ୍ୟାଙ୍କର ସଭାପତି ଶ୍ରୀ ମହାନ୍ତିଙ୍କର ଦୃଷ୍ଟିଆକର୍ଷଣ କରି ସମାଧାନ କିପରି ହୋଇପାରିବ ସେ ସମ୍ପର୍କରେ ମୂଲ୍ୟବାନ ମତାମତ ଦେଇଥିଲେ।ଆଳି ଶାଖା ଅର୍ବାନ ବ୍ୟାଙ୍କର ସହାୟକ ପରିଚାଳକ ବିଶ୍ୱରଞ୍ଜନ ଲେଙ୍କା ତଥା ବରିଷ୍ଠ କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ପଣ୍ଡା ଶିବିର ପରିଚାଳନା କରିବା ସହିତ ଏହି କାର୍ଯ୍ୟକ୍ରମଟିକୁ ସଫଳ କରିବାରେ ସହାୟତା କରିଥିଲେ। ସମନ୍ୱୟ ଅଧିକାରୀ ଶ୍ରୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଲକ୍ଷ୍ମୀ ସଂସ୍କୃତ କଲେଜରେ 'ନୂଆ-ଓ' ଛାତ୍ରବୃତ୍ତି ବିତରଣ

ଡେରାବିଶ, ୭।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଜାଗୁଳାଇପଡ଼ାରେ ଥିବା ଶ୍ରୀଲକ୍ଷ୍ମୀ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ 'ନୂଆ-ଓ' ଛାତ୍ର ବୃତ୍ତି ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡେରାବିଶ ଅଞ୍ଚଳର ଜଣାଶୁଣା ଶିକ୍ଷାବିତ ତଥା ଅବସରପ୍ରାପ୍ତ ଶିକ୍ଷକ ଚୈତନ୍ୟ ପ୍ରସାଦ ପରିଡ଼ା, ମୁଖ୍ୟବକ୍ତାଭାବେ ସମାଜସେବୀ ଶ୍ରୀମନ୍ତ ରାଉତରାୟ, ସମ୍ମାନିତ ଅତିଥିଭାବେ ୧୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଶ୍ରୀ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।ଅଧ୍ୟାପକ ଜଗବନ୍ଧୁ ପ୍ରଧାନ, ଗୁଣନିଧି ମହାରଣା, ପ୍ରଶାନ୍ତ କୁମାର ଦାସ, 'ନୂଆ-ଓ'ସ୍କଲାରସିପ ନୋଡାଲ ଅଧିକାରିଣୀ ଅଧ୍ୟାପିକା ମମତା ସାମଲ, ଅଧ୍ୟାପିକା ଅନିତା ନାୟକ ଓ ଅଣଶିକ୍ଷକ କର୍ମଚାରୀ ବାଙ୍କବିହାରୀ ସାହୁ, ଅମୂଲ୍ୟ ପ୍ରସାଦ ସିଂହ, ଦାମୋଦର ଜେନା




ଏବଂ ମହାବିଦ୍ୟାଳୟ ର ଅବସରପ୍ରାପ୍ତ କର୍ମଚାରୀ ବିପନ ବିହାରୀ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ରଶ୍ମିରଞ୍ଜନ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୯୦ ଜଣ ସ୍ନାତକ ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ମାନପତ୍ର ବର୍ଣ୍ଟନ କରାଯାଇଥିଲା।ସ୍ନାତକ ପଢୁଥିବା ଛାତ୍ରଙ୍କୁ ୯ ହଜାର ଓ ଛାତ୍ରୀଙ୍କୁ ୧୦ ହଜାର ଏବଂ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଙ୍କୁ ୧୧ ହଜାର ଓ ଛାତ୍ରଙ୍କୁ ୧୦ ହଜାର ସିଧା ସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଦିଆଯାଇଛି।ଏହି ବୃତ୍ତି ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସମସ୍ୟା ସମାଧାନ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

## କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ, ୭।୩(ସମିସ):ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମ ପଞ୍ଚାୟତ ଓ ଅଲେଖପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଆନୁକୂଲ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା-୨୦୨୪ରେ କୃତକାର୍ଯ୍ୟ ହୋଇଥିବା ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ୫ ଜଣ କୃତି ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବଳଭଦ୍ରପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରିୟବ୍ରତ ଓଝା ମୁଖ୍ୟଅତିଥି ଓ ଲକ୍ଷ୍ମୀ ସୁବଳ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାପୀଠ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଆଶିଷ କୁମାର ମହାପାତ୍ର ମୁଖ୍ୟ ବକ୍ତା ଓ ବଳଭଦ୍ରପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ସ୍ୱାଇଁ, ବାଲିପାଟଣା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବେହେରା, ବଡ଼ପାଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନିଶିକାନ୍ତ ମାଝୀ ପ୍ରଭୃତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ଖର୍ଦ୍ଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ କୁମାର ଜେନା ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟନ୍ତ କୁମାର ନାୟକ, ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଚରଣ କର, ନିରୋଦ କୁମାର ଦାସ, ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ପୁଷ୍ପଲତା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅଲେଖପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର କୃତି ବିଦ୍ୟାର୍ଥୀ ପ୍ରତୀକ ନାୟକ, ଲକ୍ଷ୍ମୀପ୍ରିୟା ଓଝା ଓ ପ୍ରଣବ ବେହେରା, ଖର୍ଦ୍ଦା ପ୍ରାଥମିକ ବିଦ୍ୟାଳୟର ନେହା ପ୍ରିୟଦର୍ଶିନୀ ବେହେରା, ବଳଭଦ୍ରପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲଗ୍ନଜିତ ବିଶ୍ୱାଳଙ୍କୁ ସରପଞ୍ଚ ଶ୍ରୀ ଓଝା ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ଛାତ୍ରଛାତ୍ରୀଙ୍କ ଏହି ସଫଳତା ଆମ ଅଞ୍ଚଳରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି ବୋଲି ପ୍ରକାଶ କରିଥିଲେ। ଶେଷରେ ବିଦ୍ୟାଳୟର ପୁରାତନ ଛାତ୍ର ବିଶ୍ୱାମିତ୍ର କର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଶୋକ କୁମାର ସ୍ୱାଇଁ, ରୁପାଲୀ ରାଉଳ, ଜଗନ୍ନାଥ ଧଳ, ଗୁରୁଚରଣ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ୯ ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

କେନ୍ଦ୍ରାପଡ଼ା, ୭।୩(ସମିସ): ଦରିଦ୍ର ଜନସାଧାରଣଙ୍କୁ ବିନା ମୂଲ୍ୟରେ ଆଇନସେବା ଯୋଗାଇଦେବା ଲକ୍ଷ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି ଏ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ। ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବଙ୍କ ତତ୍ତ୍ୱାବଧାନରେ ଚଳିତ ମାର୍ଚ୍ଚ ୯ ତାରିଖ ଶନିବାର ଦିନ ଏହି ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ କେନ୍ଦ୍ରାପଡ଼ା ସିଭିଲ କୋର୍ଟ ସମେତ ଆଳି, ରାଜନଗର, ପଟ୍ଟାମୁଣ୍ଡାଇ କୋର୍ଟରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ତଥା ଦେୱାନୀ, ଫୌଜଦାରୀ, ପାରିବାରିକ, ମୋଟରଯାନ ଦୁର୍ଘଟଣା, ବ୍ୟାଙ୍କ୍‌ଋଣଜନିତ ମୋକଦ୍ଦମା ଆଦିର ତ୍ୱରିତ ଫଇସଲା ଶୁଣାଇବେ ଉପସ୍ଥିତ ବିଚାରପତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋକଦ୍ଦମା ଏବଂ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼ିବନାହିଁ। ଫଳରେ ଦରିଦ୍ର, ନିଷ୍ପେସିତ, ଅବହେଳିତ ତଥା ଗ୍ରାମାଞ୍ଚଳରେ ଥିବା ଅଶିକ୍ଷିତ ଜନସାଧାରଣ ଏହି ଲୋକ ଅଦାଲତରୁ ବିନା ମୂଲ୍ୟରେ ନ୍ୟାୟ ପାଇପାରିବେ। ଅଧିକରୁ ଅଧିକ ଲୋକ ସେମାନଙ୍କର ମୋକଦ୍ଦମାକୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପଞ୍ଜୀକରଣ କରାଇ ଏହାର ସୁବିଧା ନେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ସୂଚନା ପ୍ରଦାନ କରିଛନ୍ତି।

## 'ନୂଆ-ଓ' ଛାତ୍ରବୃତ୍ତି ବର୍ଣ୍ଟନ



ଡେରାବିଶ, ୭।୩(ସମିସ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ବଳଦେବଜୀଉ ସଂସ୍କୃତ ମହାବିଦ୍ୟାଳୟର ସଭାକକ୍ଷରେ ସରକାରଙ୍କ 'ନୂଆ-ଓ' ଛାତ୍ର ବୃତ୍ତି ଅନୁଦାନ ପତ୍ର ବର୍ଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କର ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ବିଷ୍ଣୁ ପ୍ରସାଦ ମହାନ୍ତି ସଭା ସଂଯୋଜନା କରିଥିଲେ। ଅତିଥିଭାବରେ ଅଧ୍ୟାପକ ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଅଧ୍ୟାପିକା ଅନୁପମା ଦାସ, ହରିଣ୍ୟମୟୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକରଞ୍ଜନ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ନୂଆ-ଓ ଛାତ୍ରବୃତ୍ତି ପ୍ରଣୟନରେ ସରକାରଙ୍କ ଅଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମସ୍ତ ଛାତ୍ରମାନଙ୍କୁ ବାର୍ଷିକ ୯ ହଜାର ଓ ଛାତ୍ରୀଙ୍କୁ ୧୦ ହାଜର ଟଙ୍କା ବୃତ୍ତି ପ୍ରଦାନ କରାଯାଉଛି ବୋଲି ଅତିଥି ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ୧୦୩ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅନୁଦାନ ପତ୍ର ବର୍ଣ୍ଟନ କରାଯାଇଥିଲା। ଅଧ୍ୟାପକ ଚନ୍ଦ୍ରକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଜୟନ୍ତ ବଳ, ନିରଞ୍ଜନ ଦଣ୍ଡପାଟ ଓ ଶରତ ଚନ୍ଦ୍ର ସିଂ ପରିଚାଳନା କରିଥିଲେ।

## ସ୍କୁଲରୁ ଚୋରି ଘଟଣାରେ ୨ ଗିରଫ

ରାଜନଗର, ୭।୩(ସମିସ): ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ ଅନ୍ତର୍ଗତ ଗୁଲୁଦିଆ ଚଣ୍ଡିଆପଲ୍ଲୀ ୟୁଜିୟୁପି ବିଦ୍ୟାଳୟରେ ଚୋରି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ମାସ ୨୭ ତାରିଖ ରାତିରେ ବିଦ୍ୟାଳୟର ରୋଷେଇ ଘର କବାଟ ତାଡ଼ି ଦୁଇଟି ଇଣ୍ଡେନ ଗ୍ୟାସ ଟାଙ୍କି, ଗୋଟିଏ ଗ୍ୟାସ ଚୁଲ୍ଲା ଓ ଗୋଟିଏ ପାଣି ମୋଟର ଚୋରି ହୋଇଥିଲା। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଆଶା ମଞ୍ଜରୀ ନାୟକ ରାଜନଗର ଥାନାରେ ୨୮ ତାରିଖ ଦିନ ଅଭିଯୋଗ କରିଥିଲେ। ପୁଲିସ ଏହି ଘଟଣାରେ ଗୁଲୁଦିଆ ଗାଁର ସୂର୍ଯ୍ୟକାନ୍ତ ସାହୁଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ସେ ଚୋରି କରିଥିବା ସ୍ୱୀକାର କରିଥିଲା। ତା'ଘରୁ ପାଣି ମୋଟର ଜବତ



ହୋଇଥିବାବେଳେ ସେ ଦୁଇଟି ଗ୍ୟାସ ଟାଙ୍କି ଓ ଚୁଲାକୁ ମହିଁଷାସୁର ଛକରେ ଚାଟ ଦୋକାନ କରିଥିବା ସଂଗ୍ରାମ ବଳଙ୍କୁ ୩ ହଜାର ଟଙ୍କାରେ ବିକିଥିବା କହିଥିଲା। ପୁଲିସ ସଂଗ୍ରାମ ବଳଙ୍କ ଦୋକାନରେ ଚଢ଼ଉ କରି ତାଙ୍କୁ ଧରିବା ସହ କିଣିଥିବା ଚୋରି ସାମଗ୍ରୀ ଦୁଇଟି ଗ୍ୟାସ ଟାଙ୍କି ଓ ଗୋଟିଏ ଚୁଲା ଜବତ କରିଥିଲା। ଆଜି ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

## ଚୋରା କାରବାରରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କ ଦାଦାଗିରି ଅଭିଯୋଗ

ପାରାଦୀପ, ୭।୩ (ସମିସ): ପାରାଦୀପ ଜଟାଧାରୀ ମୁହାଣ ମେରାଇନ ଥାନା ଅଧୀନ ଷଣ୍ଢକୁଦ ଅଞ୍ଚଳରେ ଚୋରା କାରବାର ସ୍ଥାନୀୟ ଲୋକଙ୍କୁ ଦିନକୁ ଦିନ ଅତିଷ୍ଠ କରୁଛି। ଏ ସମ୍ପର୍କରେ ମୁହଁ ଖୋଲିଲେ ସଂଶ୍ଳିଷ୍ଟ ବ୍ୟକ୍ତି ଜୀବନରେ ମାରି ଦେବାକୁ ଧମକ ଦେଉଥିବା ଅଭିଯୋଗ ହେଉଛି। ଏଭଳି ଏକ ଚୋରା ଗ୍ୟାଙ୍ଗକୁ ପ୍ରଶ୍ନ କରିବାରୁ ସଂଶ୍ଳିଷ୍ଟ ବ୍ୟକ୍ତିମାନେ କାମ୍ବଲା ସୁବାରାଓଙ୍କୁ ଆକ୍ରମଣ କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ବସ୍ତିର କିଛି ଅସାମାଜିକ ଲୋକ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟରେ ଲିପ୍ତ ରହିବା ସହିତ ଚୋରା ଡିଜେଲ, ବ୍ରାଉନସୁଗର, ଗଞ୍ଜେଇ ଓ ଗୋ ମାଂସ ବାହାରକୁ ଚାଲାଣ କରିବା ଜାଣିବା ପରେ ଉକ୍ତ କାର୍ଯ୍ୟକୁ ସୁବାରାଓ ବିରୋଧ କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ କଟୁରିରେ ଆକ୍ରମଣ କରୁବା ପାଇଁ ଆସୁଥିବାବେଳେ ପରିବାର ଲୋକେ ଅଟକାଇ ଥିଲେ। ଏ ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏହି ଚୋରା କାରବାର ବନ୍ଦ କରିବାକୁ ସ୍ଥାନୀୟ ଜନସାଧାରଣ ଥାନା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଘଟଣାର ତଦନ୍ତ କରାଯିବ, ଏଥିରେ ଯେଉଁ ଅସାମାଜିକ ଯୁବକଙ୍କ ହାତ ରହିଛି ତାକୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ବିପ୍ଳବୀ ଆନନ୍ଦଚନ୍ଦ୍ର ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କେନ୍ଦ୍ରାପଡ଼ା, ୭।୩(ସମିସ)

କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଆନନ୍ଦମାର୍ଗରେ ବିପ୍ଳବୀ କବି ଆନନ୍ଦଚନ୍ଦ୍ର ଜେନାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଆଜି ଉନ୍ମୋଚିତ ହୋଇଯାଇଛି। ବିପ୍ଳବୀ ଆନନ୍ଦଚନ୍ଦ୍ର ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ସଭାପତି କରୁଣାକର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାଜଜ ବିଶ୍ୱଜିତ ମହାନ୍ତି, ଜିଲ୍ଲାପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଫାଷ୍ଟଟ୍ରାକ ଆଡହକ କୋର୍ଟର ଅତିରିକ୍ତ ଜିଲ୍ଲାଜଜ ତ୍ରିବିକ୍ରମ କେଶରୀ ଚିନ୍ନାରା, ଅତିରିକ୍ତ ଜିଲ୍ଲାଜଜ ଅଜୟ କୁମାର ପ୍ରଧାନ, ରେଜିଷ୍ଟ୍ରାର ସିଭିଲକୋର୍ଟ ରମାଦେବୀ ସୋରେନ, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ପୌରାଧ୍ୟକ୍ଷା ସରିତା ସାହୁ, ପ୍ରଫେସର ନନ୍ଦକିଶୋର ପରିଡ଼ା, ପ୍ରାକ୍ତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ରୋଷ୍ଟା ସାହୁ, ପୌରନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, କାଉନସିଲର ସେକ ଅସଲମ, କବି ଶୁଭାଂଶୁ ଦାସ ପ୍ରମୁଖ ଯୋଗଦେଇ ବିପ୍ଳବୀ ସ୍ୱର୍ଗତ ଜେନାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଦୁଖିନୀ



କନିକା ପୁସ୍ତକକୁ ଇଂରେଜ ସରକାର ବାଜ୍ୟାପ୍ତି କରିବା ପରେ ମହାତ୍ମାଗାନ୍ଧୀଙ୍କ ଇଂରାଜୀ ପତ୍ରିକା ୟଙ୍ଗଇଣ୍ଡିଆ ପତ୍ରିକାରେ ଏହା ପ୍ରକାଶ ପାଇଥିଲା ବୋଲି ଜିଲ୍ଲାପାଳ କହିଥିଲେ। ଯାହାକି ସାରା ଭାରତବର୍ଷରେ ଚହଳ ସୃଷ୍ଟି କରିଥିଲା। ଜାତୀୟସ୍ତରର ନେତା ଲାଲା ଲାଜପତ ରାୟ, ମଦନମୋହନ ମାଲବ୍ୟ, ଭି.ଭି. ଗିରି, ଚିତ୍ତରଞ୍ଜନ ଦାସ ପ୍ରମୁଖ ଏହା ପଢ଼ି ହତବାକ ହୋଇଥିଲେ। ପରେ ଆନନ୍ଦ ଚନ୍ଦ୍ର ଜେନାଙ୍କ ସହ ପରିଚିତ ହୋଇଥିଲା। ଏହିପରି ସ୍ୱର୍ଗତ ଜେନା ୭ଟି ପୁସ୍ତକ ଲେଖିଥିଲେ। ବନ୍ଦୀରେ ଥାଇ ଗୋପବନ୍ଧୁ ଦାସ ସ୍ୱର୍ଗତ ଜେନାଙ୍କୁ ଦୁଖିନୀ କନିକା ବୋଲି ସମ୍ବୋଧନ କରିଥିଲେ। ବିପ୍ଳବୀ ଜେନାଙ୍କ ୪୨ଏକର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଲାମ କରାଯାଇଥିଲା। ଆନନ୍ଦ ଚନ୍ଦ୍ରଙ୍କ ପ୍ରଦର୍ଶିତ ତ୍ୟାଗ, ନିଷ୍ଠା, ସମାଜସେବା ଇତ୍ୟାଦି ଅନୁସରଣ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ସ୍ମୃତି କମିଟି ସଂଯୋଜକ ସଞ୍ଜୟ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ରମଣୀରଞ୍ଜନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଓକିଲ ସଙ୍ଘ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ, ନିରଞ୍ଜନ ମେକାପ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ଧିରେନ୍ଦ୍ର ଦାସ, ଅକ୍ଷୟପ୍ରିୟ ଦାସ, ସତ୍ୟବ୍ରତ ସିଂହ, ମନୋଜ କୁମାର ସାହୁ, ସମାଜସେବୀ ରଞ୍ଜିତ ସାହୁ, ନିରଞ୍ଜନ ବଳ, କଲିମ ଖାଁ, ଶେଷଦେବ ପ୍ରସାଦ ଦାସ, ଅକ୍ଷୟ ନାଥ, ଗୋପାଳ ମହାପାତ୍ର, ସେକ ଚନ୍ଦନ, ସୁବାଷ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସରକାରଙ୍କ ଦ୍ୱାରା ସ୍ୱର୍ଗତ ଜେନାଙ୍କ ଜୟନ୍ତୀ ପାଳନ କରାଯିବାକୁ ଦାବି କରିଥିଲେ।

■ ଏର୍‌ପିସିଏଲ୍ ଟର୍ମିନାଲରେ ବେନାମୀ ଚାନ୍ଦା ଆଦାୟ

## ଏସ୍‌ପିଙ୍କୁ ଭେଟି ଚାଳକ ଦେଲେ ଦାବିପତ୍ର



**ପାରାଦୀପ, ୭।୩ (ସମିସ):** ପାରାଦୀପର ତିନି ତୈଳ ଟର୍ମିନାଲ ନିକଟରେ ବେନାମୀ ଚାନ୍ଦା ଆଦାୟ ହେବା ଘଟଣା ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଆଜି ଏର୍‌ପିସିଏଲର ଚାଳକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଏହି ଚାନ୍ଦା ଆଦାୟ ନେଇ ଅଭିଯୋଗ କରିଛନ୍ତି। ଟର୍ମିନାଲ ସମ୍ମୁଖରେ ବାଲିଝରାର ୮ରୁ ୧୦ ଜଣ ଯୁବକ ନିର୍ଦ୍ଦିଷ୍ଟ ୟୁନିଅନର ରସିଦ ବହି ନେଇ ଦୈନିକ ଚାଳକଙ୍କଠାରୁ ଜବରଦସ୍ତ ୩୦ ଟଙ୍କା ଆଦାୟ କରୁଛନ୍ତି। ନ ଦେଲେ ନିଆଁ ଲଗାଇ ଗାଡ଼ି ଜାଳିଦେବା, ଜୀବନରୁ ମାରିଦେବା ଓ ଏର୍‌ପସିଏଲର ଗାଡ଼ି ଚଳାଇ ନ ଦେବା ପାଇଁ ଧମକ ଦେଉଛନ୍ତି। ତେଣୁ ଏହି ଟର୍ମିନାଲରେ ଗାଡ଼ି ଚଳାଇବା ସୁରକ୍ଷିତ ନୁହେଁ, ସେମାନଙ୍କ ଜୀବନ ପ୍ରତି ବିପଦ ଅଛି ବୋଲି ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ପୂର୍ବରୁ ସେମାନେ ସ୍ଥାନୀୟ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଘଟଣାସ୍ଥଳକୁ ଯାଇ ତାଙ୍କ ଉପରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। କେବଳ ପଚରାଉଚରା କରି ଛାଡ଼ି ଦେଇଥିଲେ। ଏବେ କିନ୍ତୁ ସେମାନେ ଶହ ଶହ ଚାଳକଙ୍କଠାରୁ ଏଭଳି ବେଆଇନ ଚାନ୍ଦା ଆଦାୟ କରୁଥିବା ଜଣାପଡ଼ିଛି। ଏହି ସ୍ଥାନରେ ଏଭଳି ବେନାମୀ ଚାନ୍ଦା ଆଦାୟ ନ କରିବା ପାଇଁ ସେମାନେ ଆରକ୍ଷୀ ଅଧୀକ୍ଷକଙ୍କୁ ନିବେଦନ କରିଥିବା ଜଣାପଡ଼ିଛି। ଆଦାୟ କରୁଥିବା ଅସାମାଜିକ ଗୁଣ୍ଡା ଶ୍ରେଣୀୟ ଯୁବକ କାହା ଇଙ୍ଗିତରେ ଚାନ୍ଦା ଆଦାୟ କରୁଛନ୍ତି ଓ କେଉଁ ସଂଗଠନର ରସିଦ ବହି ଧରି ଟଙ୍କା ଆଦାୟ କରୁଛନ୍ତି, ତାହାକୁ ଲୋକଲୋଚନକୁ ଆଣି ଦଣ୍ଡିତ କରିବାକୁ ସେମାନେ ଆରକ୍ଷୀ ଅଧୀକ୍ଷକଙ୍କୁ ନିବେଦନ କରିଛନ୍ତି।

ନାବାଳିକା ଦୁଷ୍କର୍ମ ମାମଲା

## ଆସାମୀକୁ ୨୦ ବର୍ଷ ଜେଲ ଦଣ୍ଡ

**ଜଗତସିଂହପୁର, ୭।୩(ସମିସ)**

ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅଞ୍ଚଳରେ ଗତ ୪ ବର୍ଷର୍ ତଳେ ଘଟିଥିବା ନାବାଳିକା ଦୁଷ୍କର୍ମ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଅଭିଯୁକ୍ତ ଆଲିକଣ୍ଠାର ସାଗର ମଲ୍ଲିକ(୨୭) କୁ ପୋକ୍ସୋ ଫାଷ୍ଟ ଟ୍ରାକ କୋର୍ଟର ବିଚାରପତି ଅଜୟ କୁମାର ମହାନ୍ତି ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ତାକୁ ୩୫ହଜାର ଟଙ୍କା ଜରିମାନା କରାଯାଇଥିବା ବେଳେ ଜରିମାନା ଅନାଦେୟ ଅଧିକ ୭ମାସ କାରାଦଣ୍ଡ ଭୋଗିବାକୁ ଆଦେଶରେ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁସାରେ, ୨୦୨୦ ମସିହା ଅକ୍ଟୋବର ୨୪ତାରିଖ ରାତିରେ ପୀଡିତା ତାଙ୍କ ନିଜ ଘରେ ମା' ପାଖରେ ଶୋଇଥିଲେ। ତେବେ ରାତି ଅଧରେ ମା' ର ନିଦ ଭାଙ୍ଗିବା ବେଳକୁ ପୀଡିତା ତାଙ୍କ ବିଛଣାରେ ନଥିଲେ। ରାତିରେ ଘରେ ଓ ବାରିରେ ଖୋଜିଲେ ମଧ ପୀଡିତା ମିଳିନଥିଲେ। ସକାଳେ ପୀଡିତାଙ୍କ ପରିବାର ବହୁ ଖୋଜା ଖୋଜି କରିବାରୁ ଜାଣିବାକୁ ପାଇଲେ ଯେ, ଆଲିକଣ୍ଠାର ସାଗର ମଲ୍ଲିକ ତାଙ୍କର ୧୪ ବର୍ଷୀୟା ନାବାଳିକା ଝିଅକୁ ଅପହରଣ କରିନେଇଛି। ଏହାର ପରଦିନ ଅର୍ଥାତ ଅକ୍ଟୋବର ୨୫ ତାରିଖରେ ପୀଡିତାଙ୍କ ବାପା ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ସାଗର ନାବାଳିକାଙ୍କୁ ଅପହରଣ କରିବାପରେ ବାଲିକୁଦାରୁ ପ୍ରଥମେ ପାରାଦୀପରେ ନେଇ ରଖିଥିଲା। ସେଠାରୁ ନାୟାଗଡ଼କୁ ନେଇ ସେଠାରେ କିଛିଦିନ ରଖିବା ପରେ ପୁଣି ନୟାଗଡ଼ରୁ ଛତିଶଗଡ଼ ନେଇଯାଇଥିଲା। ଭିଲାଇଠାରେ ନାବଳିକାକୁ ଏକ ଭଡାଘରେ ରଖିବା ସହିତ ସେଠାରେ ତାର ଇଛା ବିରୋଧରେ ବାରମ୍ବାର ଦୁଷ୍କର୍ମ କରିଥିଲା। ତେବେ ଅଭିଯୁକ୍ତ ଓ ପୀଡିତା ରହୁଥିବା ଘରର ଠିକଣା ପାଇବାପରେ ବାଲିକୁଦା ପୁଲିସଟିମ୍ ଚଢାଉକରି ପିଡିତାକୁ ଭିଲାଇରୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ସାଗରକୁ ଗିରଫ କରିଥିଲା। କୋର୍ଟରେ ଗିରଫ ସାଗରର ଜାମିନ ନାମଞ୍ଜୁର ହେବାରୁ ସେହିଦିନ ଠାରୁ ସେ ଆଜି ପର୍ଯ୍ୟନ୍ତ ଜେଲରେ ରହିଆସୁଛି।

ଆଜି ଏହି ଘଟଣାରେ ପୋକ୍ସୋ ଫାଷ୍ଟ ଟ୍ରାକ କୋର୍ଟର ବିଚାରପତି ଅଜୟ କୁମାର ମହାନ୍ତି ୧୨ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ବିଚାରକୁ ନେଇ ମୁଦାଲା ସାଗରକୁ ୩୬୬ ଦଫାରେ ୫ବର୍ଷ, ୩୬୩ ଦଫାରେ ୪ ବର୍ଷ ଓ ୩୭୬(୩) ଦଫାରେ ୨୦ ବର୍ଷ ଜେଲଦଣ୍ଡ ଆଦେଶ ଦେଇଥିଲେ। ତେବେ ସମସ୍ତ ଦଫା ମଧ୍ୟରେ ସର୍ବାଧିକ ଜେଲଦଣ୍ଡ ୨୦ବର୍ଷ ରହିଥିବାରୁ ମୁଦାଲା ସର୍ବମୋଟ ୨୦ ବର୍ଷ ଜେଲ ଭୋଗିବ ବୋଲି ସୂଚନା ମିଳିଛି। ଏଥି ସହିତ ଆସାମୀକୁ ୩୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ସାତମାସ ଜେଲ ଭୋଗିବ ବୋଲି ବିଚାରପତି ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ ପୀଡିତାକୁ ୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପାଇଁ ଆଇନସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଦୋଳଗୋବିନ୍ଦ ଦାଶ ମାମଲା ପରିଚାଳନା କରୁଥିଲେ।

## ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ



**ରଘୁନାଥପୁର, ୭।୩(ସମିସ):** ରଘୁନାଥପୁର ବ୍ଲକରେ ଆଜି ୬୫୩ଟି ବିଏସକେୱାଇ ନବୀନ କାର୍ଡ ବଣ୍ଟନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡଃ ରାଜଶ୍ରୀ ମଲ୍ଲିକ ଯୋଗଦେଇ ବିଜେଡି ସରକାରର ଜନ କଲ୍ୟାଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବିଡିଓ ନମିତା ବାରିକ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ଉପାଧକ୍ଷ ଦେବାଶୀଷ ତ୍ରିପାଠୀ, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସିଡିପିଓ ତୃପ୍ତିଲତା ମହାନ୍ତି, ବିପିସି ସ୍ନେହପ୍ରିୟା ସ୍ୱାଇଁ, ବିପଏମ ଲିପିକା ଷଢଙ୍ଗୀ, ବିଏଲସି ବିଶ୍ୱଜିତା ଦାଶ ପ୍ରମୁଖ ଯୋଗଦେଇ ବିଏସକେୱାଇ ନବୀନ କାର୍ଡର ଉପକାରିତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏଥିରେ ବିଏଲସି ମୀନାରାଣୀ ଦାସ ସଭା ସଞ୍ଚାଳନ କରିଥିଲେ। ଶେଷରେ ମୁଖ୍ୟ ଅତିଥି ସାଂସଦ ଡଃ ମଲ୍ଲିକ ୬୫୩ଜଣ ହିତାଧୀକାରିଙ୍କୁ ବିଏସକେୱାଇ ନବିନ କାର୍ଡ ବଣ୍ଟନ କରିଥିଲେ।

## କର୍ମବୀର ଗୌରୀଶଙ୍କର ରାୟଙ୍କ ଶ୍ରାଦ୍ଧୋତ୍ସବ



**ତିର୍ତ୍ତୋଲ, ୭।୩(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୂଳିସିଂହସ୍ଥ ସେଣ୍ଟ୍ ଜାଭିୟର୍ସ ପବ୍ଲିକ୍ ସ୍କୁଲରେ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ କର୍ମବୀର ଗୌରୀଶଙ୍କର ରାୟଙ୍କ ୧୦୭ତମ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିକ୍ରମ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷା ଆନ୍ଦୋଳନ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଯେଉଁମାନେ ଅଗ୍ରଣୀ ଭୂମିକା ନେଇଥିଲେ, ସେମାନଙ୍କ ମଧ୍ୟରୁ କର୍ମବୀର ଗୌରୀଶଙ୍କର ରାୟ ଥିଲେ ଅନ୍ୟତମ। ଅନ୍ୟତମ ଆଲୋଚକ ଭାବେ ଶିକ୍ଷକ ପ୍ରଭାତ କୁମାର ଗୁଇଁ ତାଙ୍କ ବକ୍ତବ୍ୟରେ ପ୍ରଥମ ଓଡ଼ିଆ ଖବରକାଗଜ ଭାବେ ଉତ୍କଳ ଦୀପିକା ସ୍ଥାନ ସ୍ୱତନ୍ତ୍ର ବୋଲି ମତ ରଖିଥିଲେ। ଯାହାକି ପରବର୍ତ୍ତୀ କାଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ, ସୁଦେଷ୍ଣା ଦାସ, ମୋନାଲିସା ଭଞ୍ଜ, ପ୍ରିୟଙ୍କା ମଣ୍ଡଳ, ବିନତୀ ସାହୁ ଓ ଶିକ୍ଷକ ଅଶୋକ କୁମାର ବେହେରା ପ୍ରମୁଖ ଅଂଶଗ୍ରହଣ କରି ସ୍ୱର୍ଗତ ଗୌରୀଶଙ୍କର ରାୟଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ସାହିସ୍ତା ପରବିନ ଧନ୍ୟବାଦ ଦେଇଥିଲେ।

## ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ



**ପାରାଦୀପ, ୭।୩ (ସମିସ):** ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ସ୍ଥାନୀୟ ମଧୁବନସ୍ଥ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତିକ ମହିଳା ଦିବସ ୧୯୦୯ରୁ ପାଳିତ ହୋଇ ଆସୁଥିବାବେଳେ ମହିଳାମାନେ କେବଳ ପରିବାର ମଧ୍ୟରେ ସୀମିତ ନ ରହି ରାଜ୍ୟ, ଦେଶ ଓ ବିଶ୍ୱ ସ୍ତରରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମହିଳାଙ୍କ ପାଖରେ ସବୁ କ୍ଷେତ୍ରରେ କାର୍ଯ୍ୟ କରିବାର ଦକ୍ଷତା, ଅଭିଜ୍ଞତା ସହିତ ସକରାତ୍ମକ ମନୋଭାବ ରହିଛି। କାର୍ଯ୍ୟାଳୟ ହେଉ କି ପରିବାର ମହିଳା ଓ ପୁରୁଷଙ୍କ ମଧ୍ୟରେ କୌଣସି ଲିଙ୍ଗଗତ ପାର୍ଥକ୍ୟ ରହିବା ଉଚିତ୍ ନୁହେଁ। କେବଳ ଆଜିର ଦିନରେ ଉତ୍ସବ ପାଳନ କରିବା ସମ୍ମାନ ଦେବା ଉଚିତ୍ ନୁହେଁ, ବରଂ ସବୁ ସମୟରେ ମହିଳାଙ୍କୁ ଉଚିତ୍ ସମ୍ମାନ ଓ ଅଧିକାର ମିଳିବା ଉଚିତ୍ ବୋଲି ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ର ବରିଷ୍ଠ ଅଧିକାରୀ ମତ ଦେଇଥିଲେ।

ଏ ଅବସରରେ କାର୍ଯ୍ୟାଳୟର ସମସ୍ତ ମହିଳାଙ୍କୁ ନେଇ ରାମ୍ପ ସୋ, ମ୍ୟୁଜିକ ବଲ୍, ବେଲୁନ ଡ୍ୟାନ୍ସ, ହିଡେନ ଟ୍ୟାଲେଣ୍ଟ ଓ ନୃତ୍ୟ ଗୀତ ପ୍ରତିଯୋଗିତା କରାଯାଇଥିଲା। କୃତିତ୍ୱ ଲାଭ କରିଥିବା ମହିଳାମାନଙ୍କୁ ଅଧିକାରୀ ପୁରସ୍କୃତ କରିଥିଲେ। ରାମ୍ପ୍ ଶୋ'ରେ ସସ୍ମିତା ମୁଦୁଲି ପ୍ରଥମ, ବିଜୟଲକ୍ଷ୍ମୀ ମହାପାତ୍ର ଦ୍ୱିତୀୟ ଓ ଝାନ୍‌ସୀ ମଲ୍ଲ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମ୍ୟୁଜିକ୍ ବଲ ପ୍ରତିଯୋଗିତାରେ ମିତାଲୀ ଦାସ ଓ ଝରଣା ଦାସ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବେଲୁନ ଡ୍ୟାନ୍ସରେ ସ୍ୱୟଂପ୍ରଜ୍ଞା ମହାନ୍ତି ଓ ସସ୍ମିତା ଦାସଙ୍କ ଯୋଡି ପ୍ରଥମ ହୋଇଥିଲେ। ଏଥିସହିତ ହିଡେନ ଟ୍ୟାଲେଣ୍ଟ ବିଭାଗରେ ବିଜୟଲକ୍ଷ୍ମୀ ମହାପାତ୍ର ପ୍ରଥମ, ସସ୍ମିତା ମୁଦୁଲି ଦ୍ୱିତୀୟ ଓ ସସ୍ମିତା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିସହିତ ସମସ୍ତ ପ୍ରତିଯୋଗିତାରେ ଭାଗ ନେଇଥିବା ସୁଲୋଚନା ଜେନା, ମୋନାଲିସା ଦାସ, ଶ୍ରାବଣୀ ପ୍ରଧାନ, ପୂଜାରାଣୀ ସାହୁ, ପିଆଲୀ ପ୍ରିୟମ୍ବଦା ଜେନା, ମିତାଲୀ ଦଳାଇ, ମିନତୀ ପାତ୍ର, ହୀରା ମହାପାତ୍ର ପ୍ରମୁଖ ମହିଳା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସମସ୍ତ ମହିଳା କେକ୍ କାଟି ପରସ୍ପରକୁ କେକ ଖୁଆଇ ମହିଳା ଦିବସର ଶୁଭେଚ୍ଛା ଜଣାଇଥିଲେ। ଏହି ଉତ୍ସବରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲର ବରିଷ୍ଠ ଅଧିକାରୀ ନିର୍ମଳେନ୍ଦୁ ପୁରୋହିତ ଓ ଧନଞ୍ଜୟ କୁମାର ସିହ୍ନାଙ୍କ ସହିତ ସମସ୍ତ ବିଭାଗର ମୁଖ୍ୟ ଓ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

## ୩୦ ତାରିଖରେ ଓକିଲ ସଂଘ ନିର୍ବାଚନ

**ଜଗତସିଂହପୁର, ୭।୩ (ସମିସ) :** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ଦ୍ଦେଶନାମା ଅନୁସାରେ ସାରା ରାଜ୍ୟର ସମସ୍ତ ଓକିଲ ସଂଘର ନିର୍ବାଚନ ଚଳିତ ମାସ ୩୦ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବା ଏହି ପରିପ୍ରେକ୍ଷୀରେ ଜିଲ୍ଲା ଓକିଲ ସଂଘ, ଜଗତସିଂହପୁରର ବାର୍ଷିକ ସାଧାରଣ ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନିର୍ବାଚନ ପାଇଁ ଆସନ୍ତା ମାର୍ଚ୍ଚ ୧୧ ଓ ୧୨ ତାରିଖରେ ନାମାଙ୍କନ ଦାଖଲ ହେବାକୁ ଥିବାବେଳେ ୧୩ ତାରିଖରେ ପଦବୀ ଅନୁସାରେ ପ୍ରାର୍ଥୀମାନଙ୍କର ତାଲିକା ପ୍ରକାଶ ପାଇବ। ୧୪ ତାରିଖରେ ନାମାଙ୍କନ ଯାଞ୍ଚ କରାଯିବ। ଯାଞ୍ଚ ପରେ ୧୫ ତାରିଖରେ ଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୬ ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହାର ପରେ ୧୮ ତାରିଖରେ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଆସନ୍ତା ୩୦ ତାରିଖରେ ଭୋଟ ଗ୍ରହଣ କରାଯିବ। ଏହି ନିର୍ବାଚନରେ ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ଓ ଗୋଟିଏ ମହିଳା ପରିଚାଳନା କମିଟି ପଦବୀ ସହିତ ୭ଟି ପରିଚାଳନା କମିଟି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଜିଲ୍ଲା ଓକିଲ ସଂଘର ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନନ୍ଦ ଏହି ନିର୍ବାଚନକୁ ପରିଚାଳନା କରୁଛନ୍ତି।

## କିଡ୍‌ଜୀ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ




**ପାରାଦୀପ, ୭।୩(ସମିସ):** ପାରାଦୀପ କିଡଜୀ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି। ମଧୁବନସ୍ଥିତ ସ୍କୁଲ ପରିସରରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି ଏନ ସୋନ୍ଧି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ପଙ୍କଜ ଭରସନେ ଉପସ୍ଥିତ ଥିଲେ। ସ୍କୁଲ ର ଅଧ୍ୟକ୍ଷା ସୁଦେଷ୍ଣାଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର ସୁବୁଦ୍ଧି, ଉପାଧ୍ୟକ୍ଷା ସାଗରିକା ସାହୁ, ଶିକ୍ଷୟତ୍ରୀ ପଲ୍ଲବୀ ପରିମିତା, ସଙ୍ଗୀତା ପାହାଡ଼ସିଂ ଓ ଛାତ୍ରଛାତ୍ରୀ ଅଭିଭାବକମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲର ଉନ୍ନତି ପାଇଁ ଯାହା ଆବଶ୍ୟକ ସମସ୍ତେ ସହଯୋଗ କରୁବା ନେଇ ଅତିଥିମାନେ ପ୍ରତିଶୃତି ଦେଇଥିଲେ। ଶେଷରେ ସ୍କୁଲ ର ଛୋଟ ଛୋଟ ପିଲାମାନଙ୍କୁ ନେଇ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗୁଆଳିପୁରରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ରଘୁନାଥପୁର, ୭।୩(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ପଞ୍ଚାୟତର ପାଟେଣୀ ଗାଁସ୍ଥିତ ଶାଳମୁଖୀ ମନ୍ଦିର ନିକଟରୁ ଆଜି ବରିଷ୍ଠ ବିଜେଡି ନେତା ଯୁଧିଷ୍ଠିର ସେଠୀଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦଳୀୟ ପର୍ଯ୍ୟବେକ୍ଷକ ସୁରେନ୍ଦ୍ର ନାଥ ରାଉତ, ସହ ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ, ସରପଞ୍ଚ ମନୋଜିନୀ ସାହୁ, ସମିତି ସଭ୍ୟ କମଳାକାନ୍ତ ପରିଡ଼ା, ବିଜେଡି ନେତା ନିହାର ରଞ୍ଜନ ସାହୁ, ବିଜେଡି ନେତା ଅଭିମନ୍ୟୁ ସାହୁ ଓ ଶତାଧିକ ମହିଳାକର୍ମୀ, ବିଜେଡି କର୍ମୀମାନେ ଯୋଗଦେଇ ଘର ଘର ବୁଲି ଲୋକମାନଙ୍କୁ ବିଜେଡି ସରକାରଙ୍କ ଜନହିତକର ଯୋଜନା ଗୁଡିକ ସମ୍ପର୍କରେ ବିଝାଇବା ସହ ଶଙ୍ଖ ଚିହ୍ନରେ ଭୋଟଦେବାକୁ ନିବେଦନ କରିଥିଲେ। ଏହି ଅବସରରେ ବିଜେଡି ନେତା ଶ୍ରୀ ସେଠୀ କହିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଚଳିତ ବିଏସକେୱାଇ ନବୀନ କାର୍ଡ ଯୋଜନାରେ ଆଜି ଲକ୍ଷ ଲକ୍ଷ ଗରିବ ଅସହାୟ ଲୋକ ଅତ୍ୟାଧୁନିକ ଉନ୍ନତ ମାନର ଚିକିତ୍ସା ପାଇପାରୁଛନ୍ତି। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

ସ୍କୁଟିକୁ ଧକ୍କା ଦେଲା ବେଆଇନ ବାଲି ବୋଝେଇ ହାଇୱା

## ରାସ୍ତାରେ ବାଲି ଢାଳି ଗାଡ଼ି ନେଇ ଚାଳକ ଛୁ'

**ଜଗତସିଂହପୁର, ୭।୩ (ସମିସ)**



ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ ଏରେଡା ଗଳଧାରୀ ଚୋରା ବାଲିଘାଟରୁ ବେଆଇନ ବାଲିନେଇ ଆସୁଥିବା ଏକ ଟ୍ରକ ସ୍କୁଟିରେ ଯାଉଥିବା ଅଜା ଓ ନାତୁଣୀକୁ ଧକାଦେବା ପରେ ରାସ୍ତାରେ ବାଲିଢାଳି ଘଟଣା ସ୍ଥଳରୁ ଛୁ ମାରିଛି। ଏହି ବେଆଇନ ବାଲି ଚାଲାଣ ବିରୋଧରେ ଉତ୍ତ୍ୟକ୍ତ ଲୋକମାନେ ରାସ୍ତା ରୋକ କରିଥିଲେ। ପରେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା

● ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ରାସ୍ତାରୋକ

ପରେ ରାସ୍ତାରେ ଚଳାଚଳ ସ୍ୱାଭାବିକ ହୋଇଛି। ସୂଚନା ଅନୁସାରେ ଉକ୍ତ ବେଆଇନ ବାଲିଘାଟରୁ ମାଫିଆମାନେ ଦିନ ଦ୍ୱିପ୍ରହରରେ ଗାଁ ମଝିରେ ହାଇୱା ଦ୍ୱାରା ବାଲି ପରିବହନ କରୁଛନ୍ତି। ଗାଁ ମଧ୍ୟରେ ଭାରୀଯାନ ଚଳାଚଳ ଦ୍ୱାରା ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କୁ ଧମକାଇ ମାଫିଆମାନେ ଏହି ଲଘୁ ଖଣିଜ ଦ୍ରବ୍ୟ ଲୁଟ କରୁଛନ୍ତି। ଗାଁ ମଧ୍ୟରେ ହାଇୱା ଚାଲିବା ଦ୍ୱାରା ସ୍କୁଲ ପିଲାମାନେ ସ୍କୁଲ ଯିବାରେ ସମସ୍ୟାରେ ପଡୁଛନ୍ତି। ଗୁରୁବାର ପୂର୍ବାହ୍ନରେ ଜନୈକ ଅଜା ତାଙ୍କ ନାତୁଣୀକୁ ସ୍କୁଲକୁ ସ୍କୁଟିରେ ଛାଡିବାକୁ ଯାଉଥିଲେ। ଏହି ସମୟରେ ଏକ ହାଇୱା ଏରେଡା ଘାଟରୁ ବାଲି ଆଣି ଆସୁଥିଲା। ଗଜରାଜପୂର ଗ୍ରାମର ମଝିରେ ହାଇୱା ସ୍କୁଟି ଗାଡିକୁ ପିଟିବା ଫଳରେ ଅଜା ନାତୁଣୀ ତଳେପଡ଼ି ଆହତ ହୋଇଥିଲେ। ତେବେ ଦୁର୍ଘଟଣା ଘଟଇଥିବା ହାଇୱା ଚାଳକ ବାଲିକୁ ରୋଡ଼ ମଝିରେ ଢାଳି ଚମ୍ପଟ ମାରିଥିଲା। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଗ୍ରାମବାସୀମାନେ ଉତ୍ୟକ୍ତ ହୋଇ ରାସ୍ତାକୁ ଅବରୋଧ କରିବା ସହିତ କୌଣସି ଗାଡିକୁ ଛାଡି ନଥିଲେ। ଘଟଣା ସ୍ଥଳରେ ନାଉଗାଁ ଆଇଆଇସି ପହଞ୍ଚି ଲୋକଙ୍କୁ ବୁଝା ସୁଝା କରିଥିଲେ। ପ୍ରଶାସନ ଜାଣତରେ ମାଫିଆମାନେ ବାଲି ଉତ୍ତୋଳନ କରୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

■ ଜଗନ୍ନାଥ ଟ୍ରକ୍ ମାଲିକ ସଂଘ

## ଶପଥ ନେଲେ ନବନିର୍ବାଚିତ କର୍ମକର୍ତ୍ତା



**ପାରାଦ୍ୱୀପ, ୭।୩ (ସମିସ):** ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ଶପଥ ଗ୍ରହଣ ଉତ୍ସବ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନବନିର୍ବାଚିତ କର୍ମକର୍ତ୍ତା ଉତ୍କଣ୍ଠାର ସହିତ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପେଟ୍ରୋଲିୟମ ଡିଲର୍ସ ଆସୋସିଏସନର ରାଜ୍ୟ ସଭାପତି ଶଶାଙ୍କ ଶେଖର ସାହୁ ଯୋଗଦେଇ ସଂଘର ସଦସ୍ୟଙ୍କୁ ଟ୍ରକ୍ ବ୍ୟବସାୟରେ ଆବଶ୍ୟକ ସହଯୋଗ ଯୋଗାଇ ଦେବା ସହ ସଂଘକୁ ପୂର୍ଣ୍ଣମାତ୍ରାରେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂଘ ନିର୍ବାଚନ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ମହେଶ୍ୱର ନାୟକ, ଅଶୋକ ଦାଶ, ଭ୍ରମରବର ସାହୁ, ରାଜେନ୍ଦ୍ର ଖୁଣ୍ଟିଆ, ବ୍ରହ୍ମାନନ୍ଦ ସ୍ୱାଇଁ, ଭଗବାନ ସ୍ୱାଇଁ, ଦୁଷ୍ମନ୍ତ ଦାସ ଓ ମହେଶ୍ୱର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସଭାପତି ଭାବେ ରାକେଶ କୁମାର ଜେନା, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପରିଡ଼ା, ଉପସଭାପତି ସରୋଜ କୁମାର ମହାପାତ୍ର, ସମ୍ପାଦକ ବିଶ୍ୱରଞ୍ଜନ ପଲାଇ, ସହସମ୍ପାଦକ ସୁଧୀର କୁମାର ଜେନା, କୋଷାଧ୍ୟକ୍ଷ ମାନସ ପାତ୍ର ଶପଥ ଗ୍ରହଣ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସମ୍ପାଦକ ଶ୍ରୀରାମ ଚନ୍ଦ୍ର ସାହୁ ଶପଥ ଗ୍ରହଣ ସଭାରେ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିବାବେଳେ ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ନୂତନ କର୍ମକର୍ତ୍ତା ଚଳିତ ବର୍ଷରେ ଟ୍ରକ୍ ବ୍ୟବସାୟରେ କିଭଳି ସୁଧାର ଆସିବ, ବନ୍ଦର ଓ ସ୍ଥାନୀୟ ଶିଳ୍ପ ସହିତ ସୁସମ୍ପର୍କ ରଖି କିଭଳି ଅଧିକ ବ୍ୟବସାୟ କରି ଲାଭବାନ ହୋଇପାରିବେ, ସେନେଇ ପ୍ରୟାସ କରିବେ ବୋଲି ସୂଚନା ଦେଇଥିଲେ।



# ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ବିଜେପୁର





ବରଗଡ ଜିଲ୍ଲା ପାଇଁ ଆମ ରାଜ୍ୟ ଗର୍ବିତ । ଆଜି ଓଡ଼ିଶା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାରା ଦେଶକୁ ଖାଦ୍ୟ ଯୋଗାଉଛି । ଏଥିରେ ବରଗଡ଼ ଜିଲ୍ଲାର ଚାଷୀମାନଙ୍କର ବହୁତ ବଡ଼ ଅବଦାନ ରହିଛି । ଗଙ୍ଗାଧର ମେହେର ଉଠା ଜଳସେଚନ ଜରିଆରେ ଜିଲ୍ଲାର ଚାଷ ଜମିକୁ ପାଣି ଯୋଗାଣ ଆରମ୍ଭ ହୋଇଛି । ଏହି ପ୍ରକଳ୍ପ ଦ୍ୱାରା ବରଗଡ଼ ଜିଲ୍ଲାର ୩ଟି ବ୍ଲକ୍ ସମେତ ସୁବର୍ଣ୍ଣପୁର ଜିଲ୍ଲାର ଗୋଟିଏ ବ୍ଲକକୁ ୬୦ ହଜାର ଏକରରୁ ଅଧିକ ଜମିକୁ ପାଣି ଯିବ । ବରଗଡ଼ ଜିଲ୍ଲାର ସୋହେଲା, ବରପାଲି, ବିଜେପୁର ଏବଂ ସୋନପୁର ଜିଲ୍ଲାର ଡୁଙ୍ଗୁରିପାଲିର ଚାଷୀମାନେ ଏହାଦ୍ୱାରା ବିଶେଷଭାବେ ଉପକୃତ ହେବେ । ରାଜ୍ୟରେ "୫-ଟି" ଉପକ୍ରମରେ ବଡ଼ ବଡ଼ ଜଳସେଚନ ପ୍ରକଳ୍ପ ଠିକ୍ ସମୟରେ ଶେଷ ହେଉଛି । ସମସ୍ତଙ୍କ ସହଯୋଗରେ ଓଡ଼ିଶାରେ ଆଜି ରୂପାନ୍ତର ଆସିଛି ଏବଂ ଏହି ଧାରା ଆଗକୁ ମଧ୍ୟ ବଢ଼ିବ ।

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ,ଓଡିଶା

ଏହି ପ୍ରକଳ୍ପ ଦ୍ୱାରା ବରଗଡ଼ ଜିଲ୍ଲାର ବିଜେପୁର, ସୋହେଲା ଓ ବରପାଲି ବ୍ଲକ ଏବଂ ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକର ୧୨୯ଟି ଗ୍ରାମର ୬୩ ହଜାର ଏକର (୨୫,୬୦୦ ହେକ୍ଟର) ଜମିକୁ ଉଭୟ ଖରିଫ ଓ ରବିରେ ନିଶ୍ଚିତ ଜଳସେଚନ ସୁବିଧା ମିଳିବ । ଏହି ପ୍ରକଳ୍ପରେ ୩୫,୬୦୦ରୁ ଅଧିକ ଚାଷୀ ଉପକୃତ ହେବେ ।







ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ହେଉଛି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାରରେ ନିର୍ମିତ ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲ୍ଲାରେ ୧୬୭୮ କୋଟି ଟଙ୍କା ବ୍ୟୟରେ ସଂପୂର୍ଣ୍ଣ ହୋଇଥିବା ପ୍ରଥମ ଭୂତଳ ଚାପଯୁକ୍ତ ପାଇପ୍ ଲାଇନ୍ ବ୍ୟବସ୍ଥା । ୨୦୨୪ ଫେବୃଆରୀ ୨୦ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପକୁ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି ।





ଏହା ଏକ ଜଳଭଣ୍ଡାର ଭିତ୍ତିକ ପ୍ରକଳ୍ପ ହୋଇଥିବାରୁ ଚାଷୀଙ୍କର ଫସଲ ନଷ୍ଟ ହେବାର ଆଶଙ୍କା ରହିବ ନାହିଁ ।

ଏହି ପ୍ରକଳ୍ପରେ ଜଳସେଚନ ପାଇଁ ଜଳ ପରିଚାଳନା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଯାହା ସ୍କାଡା (ସୁପରଭାଇଜରୀ କଣ୍ଟ୍ରୋଲ ଏବଂ ଡାଟା ଅଧିଗ୍ରହଣ ପ୍ରଣାଳୀ) ମାଧ୍ୟମରେ ଦୂରରୁ ନିୟନ୍ତ୍ରଣ କରାଯିବ ।

ଏହି ପ୍ରକଳ୍ପ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଜଳ ପରିବହନ ପାଇଁ ୧୧ ଫୁଟ ବ୍ୟାସର ପାଇପ୍ ବ୍ୟବହାର କରାଯାଇଛି, ଯାହା କି ଦେଶରେ ସର୍ବାଧିକ ଉଚ୍ଚତାରେ ରହିଥିବା ପ୍ରକଳ୍ପ ମଧ୍ୟରୁ ଅନ୍ୟତମ । ଜଳସେଚନ ପାଇଁ ପାଖାପାଖି ୪୫ ମିଟର ଉଚ୍ଚକୁ ପାଣି ଉଠାଯିବ ।

ଏହି ପ୍ରକଳ୍ପ ଅତ୍ୟନ୍ତ ଜଳ ଦକ୍ଷ ଏବଂ ସମଗ୍ର ପ୍ରକଳ୍ପ ଅଣୁ ଜଳସେଚନ ସକ୍ଷମ ହୋଇଥିବାରୁ ଚାଷୀମାନେ ଉଭୟ ଖରିଫ ଓ ରବି ଋତୁରେ ଅର୍ଥକାରୀ ଫସଲ ଏବଂ ଉଦ୍ୟାନ କୃଷି ଫସଲ କରିପାରିବେ । ଏହା ବ୍ୟତୀତ, ପ୍ରକଳ୍ପ କମାଣ୍ଡ ଅଞ୍ଚଳର ୩୦ ପ୍ରତିଶତ (ପ୍ରାୟ ୧୯ ହଜାର ଏକର) କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାରେ ସଜ୍ଜିତ ହୋଇଛି ।

ପ୍ରତି ୧ ହେକ୍ଟର ଚକରେ ବହିଃ ନିର୍ଗମନ ପଥ (ଆଉଟଲେଟ୍) ଯୋଗାଇ ଦିଆଯାଇଥିବାରୁ ପ୍ରତ୍ୟେକ କ୍ଷେତକୁ ସମାନ ଭାବରେ ପାଣି ମିଳିବ ।

ଏହା ରାଜ୍ୟର ପ୍ରଥମ ବୃହତ୍ ଜଳସେଚନ ପ୍ରକଳ୍ପ, ଯାହା ୩ ବର୍ଷର ରେକର୍ଡ ସମୟ ମଧ୍ୟରେ ଶେଷ ହୋଇଛି । ଏହି ପ୍ରକଳ୍ପରେ ପାଖାପାଖି ୩୧୦୦ କିଲୋମିଟର ପାଇପ ଲାଇନ୍ ବିଛାଯାଇଛି । ଏହି ପ୍ରକଳ୍ପର ମୁଖ୍ୟ ପାଇପ୍‌ଲାଇନ୍ ୩ଟି ପ୍ରମୁଖ ନଦୀ ଅତିକ୍ରମ କରିଛି, ଯାହା ଜଳସମ୍ପଦ ବିଭାଗ ପାଇଁ ଏକ ଆହ୍ୱାନ ଥିଲା ।



## ଆଜି ବିଶ୍ୱ ମହିଳା ଦିବସ

# ଭାରତୀୟ କ୍ରୀଡ଼ାର ଚର୍ଚ୍ଚିତ ଚେହେରା

**ଆଜି ମାର୍ଚ୍ଚ ୮ । ସାରା ବିଶ୍ୱରେ ଆଜିର ଦିନକୁ ମହିଳା ଦିବସ ଭାବେ ପାଳନ କରାଯାଏ । ଏଭଳି ଏକ ସ୍ମରଣୀୟ ଦିବସ ଉପଲକ୍ଷେ ଭାରତୀୟ କ୍ରୀଡ଼ାର କିଛି ଚର୍ଚ୍ଚିତ ମହିଳା ଚେହେରାଙ୍କ ଉପରେ ନଜର ପକାଇବା । ଯେଉଁମାନେ ଭାରତୀୟ କ୍ରୀଡ଼ାକୁ ଶିଖରରେ ପହଞ୍ଚାଇଛନ୍ତି ।**





### ମିତାଲି ରାଜ (କ୍ରିକେଟ୍)

ମିତାଲି ରାଜ। ନାମ ହିଁ ଯଥେଷ୍ଟ। ବିଶ୍ୱ ତଥା ଭାରତୀୟ କ୍ରିକେଟ୍‌ରେ ଜଣେ ଅତି ପରିଚିତ ଚେହେରା। ଦୀର୍ଘ ଦୁଇ ଦଶନ୍ଧିର କ୍ୟାରିୟରରେ ପୂର୍ଣ୍ଣଛେଦ ଟାଣି ୪୧ ବର୍ଷୀୟା ମିତାଲି ୨୦୨୨ରେ କ୍ରିକେଟ୍‌କୁ ଅଲ୍‌ବିଦା କରିଥିଲେ। ଦୁଇ ଦଶନ୍ଧିର କ୍ୟାରିୟରରେ ସେ ଅନେକ କୀର୍ତ୍ତିମାନ ନିଜ ନାମରେ ସ୍ଥାପନ କରିଯାଇଛନ୍ତି। ଅନ୍ତର୍ଜାତୀୟ ମହିଳା କ୍ରିକେଟ୍‌ରେ ସର୍ବାଧିକ ରନ ସଂଗ୍ରହ କରିବାର ରେକର୍ଡ ମିତାଲିଙ୍କ ନାମରେ ରହିଛି। ସେହିଭଳି ମହିଳା ଏକଦିବସୀୟ କ୍ରିକେଟ୍‌ରେ ଏକମାତ୍ର ବ୍ୟାଟର୍ ଭାବେ ସେ ୭୦୦୦ ରନ ମାଇଲଖୁଣ୍ଟ ଛୁଇଁଛନ୍ତି। ସେହିଭଳି କ୍ରମାଗତ ୭ଟି ଏକଦିବସୀୟ ମ୍ୟାଚରେ ଅର୍ଦ୍ଧଶତକ ଅର୍ଜନ କରିବାର ରେକର୍ଡ ମଧ୍ୟ ଏହି ରାଜସ୍ଥାନ ଖେଳାଳିଙ୍କ ନାମରେ ରହିଛି। ସେହିଭଳି ମହିଳା କ୍ରିକେଟ୍‌ରେ ମଧ୍ୟ ତାଙ୍କୁ ବିଶ୍ୱର ସବୁଠାରୁ ସଫଳ ଅଧିନାୟିକା ଭାବେ ବିବେଚନା କରାଯାଏ। ସେ ଓଭରଅଲ୍ ୧୫୫ ଅନ୍ତର୍ଜାତୀୟ ମ୍ୟାଚରେ ନେତୃତ୍ୱ ନେଇ ୮୯ରେ ଦଳକୁ ଜିତାଇଛନ୍ତି।



### ସାନ୍ତା ରଙ୍ଗାସ୍ୱାମୀ (କ୍ରିକେଟ୍)

ଚେନ୍ନଇରେ ଜନ୍ମିତ ସାନ୍ତା ରଙ୍ଗାସ୍ୱାମୀ ଭାରତୀୟ ମହିଳା କ୍ରିକେଟ୍ ଦଳର ପ୍ରଥମ ଅଧିନାୟିକା ହେବାର ସୌଭାଗ୍ୟ ଲାଭ କରିଥିଲେ। ୧୫ ବର୍ଷୀ କ୍ୟାରିୟରରେ ସେ ୧୬ ଟେଷ୍ଟ ଓ ୧୯ ଏକଦିବସୀୟ ମ୍ୟାଚ୍ ଖେଳିଥିଲେ। ମହିଳା ଟେଷ୍ଟ କ୍ରିକେଟ୍‌ରେ ଭାରତ ପାଇଁ ପ୍ରଥମ ଶତକ ହାସଲ କରିବାର ରେକର୍ଡ ତାଙ୍କ ନାମରେ ରହିଛି। ବିସିସିଆଇ ଆପେକ୍ସ କାଉନସିଲ୍‌କୁ ପ୍ରତିନିଧିତ୍ୱ କରିବାରେ ସେ ଦେଶର ପ୍ରଥମ ମହିଳା ଥିଲେ।



### ମେରୀ କମ୍ (ମୁଷ୍ଟିଯୁଦ୍ଧ)

ବିନା କାରଣରେ ତାଙ୍କୁ 'ଚମତ୍କାର ମେରୀ' ବୋଲି ସମ୍ବୋଧନ କରାଯାଏ ନାହିଁ। ବିଶ୍ୱରେ ଏକମାତ୍ର ମହିଳା ବକ୍ସର ଭାବେ ୪୧ ବର୍ଷୀୟା ମେରୀ କମ୍ ୬ଥର ବିଶ୍ୱବିଜେତା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏକମାତ୍ର ମହିଳା ବକ୍ସର ଭାବେ ବିଶ୍ୱ ଚାମ୍ପିଅନସିପ୍‌ର ପ୍ରଥମ ୭ଟି ସଂସ୍କରଣରେ ପଦକ ଜିତିବାର ସୌଭାଗ୍ୟ ମେରୀ କମ୍ ହାସଲ କରିଥିଲେ। ସେହିଭଳି ବିଶ୍ୱରେ ଏକମାତ୍ର ବକ୍ସର (ପୁରୁଷ ଓ ମହିଳା) ଭାବେ ସେ ୮ଟି ବିଶ୍ୱ ଚାମ୍ପିଅନସିପ୍ ପଦକ ଜିତି ବିରଳ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ମଣିପୁର ଜନ୍ମିତ ଏହି ତାରକା ବକ୍ସର ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିଲେ। ସେହିଭଳି ଦେଶର ପ୍ରଥମ ମହିଳା ବକ୍ସର ଭାବେ ସେ ଏସୀୟ କ୍ରୀଡ଼ା (୨୦୧୪)ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଭାରତୀୟ କ୍ରୀଡ଼ାକୁ ସଫଳତାର ଶୀର୍ଷରେ ପହଞ୍ଚାଇବାରେ ମେରୀକମ୍‌ଙ୍କ ଅବଦାନ ଅତୁଳନୀୟ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ।

### ଓଇନାମ ବେମ୍‌ବେମ୍ ଦେବୀ (ଫୁଟ୍‌ବଲ)

ମଣିପୁର ଇମ୍ଫାଲରେ ଜନ୍ମିତ ୪୩ ବର୍ଷୀୟା ଓଇନାମ ବେମ୍‌ବେମ୍ ଦେବୀ 'ଭାରତୀୟ ମହିଳା ଫୁଟ୍‌ବଲର ଦୁର୍ଗା' ଭାବେ ପରିଚିତ। ଦେଶର ପ୍ରଥମ ମହିଳା ଫୁଟ୍‌ବଲ ଖେଳାଳି ଭାବେ ସେ ସମ୍ମାନଜନକ 'ପଦ୍ମଶ୍ରୀ' ପୁରସ୍କାର ପାଇଥିଲେ। ୨୦୧୦ ଓ ୨୦୧୬ରେ ସାଉଥ୍ ଏସିଆନ୍ ଫୁଟ୍‌ବଲରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟା ରହିଥିଲେ। ୧୯୯୫ରୁ ୨୦୧୬ ଦୀର୍ଘ ଦୁଇ ଦଶନ୍ଧିର କ୍ୟାରିୟରରେ ସେ ଭାରତ ପାଇଁ ୮୨ ମ୍ୟାଚ୍ ଖେଳି ୧୮ ଗୋଲ୍ ଦେଇଥିଲେ। ଉତ୍ତର-ପୂର୍ବାଞ୍ଚଳର ଝିଅମାନଙ୍କୁ ଫୁଟ୍‌ବଲ ଖେଳିବା ପାଇଁ ପ୍ରେରଣା ଦେବାରେ ବେମ୍‌ବେମ୍ ଦେବୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।



### ପିଭି ସିନ୍ଧୁ (ବ୍ୟାଡ୍‌ମିଣ୍ଟନ)



ପୁସାର୍ଲା ଭେଙ୍କଟ ସିନ୍ଧୁ। ବିଶ୍ୱ ତଥା ଭାରତୀୟ ବ୍ୟାଡ୍‌ମିଣ୍ଟନରେ ଜଣେ ଅତି ପରିଚିତ ଚେହେରା। ଭାରତର ଅନ୍ୟତମ ସଫଳ କ୍ରୀଡ଼ାବିତ୍ ଭାବେ ପରିଗଣିତ ହେଉଥିବା ୨୮ ବର୍ଷୀୟା ସିନ୍ଧୁ ଦୁଇ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଅଲିମ୍ପିକ୍ସ ଓ ବିଡବ୍ଲ୍ୟୁଏଫ୍‌ରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଦେଶର ପ୍ରଥମ ଓ ଏକମାତ୍ର ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ସିନ୍ଧୁ କ୍ରମାଗତ ଦୁଇଟି ଅଲିମ୍ପିକ୍ସ (୨୦୧୬ରେ ରୌପ୍ୟ ଓ ୨୦୨୦ରେ କାଂସ୍ୟ) ପଦକ ଜିତିବାର କୀର୍ତ୍ତିମାନ କରିଛନ୍ତି। ସେହିଭଳି ୨୦୧୯ ବିଶ୍ୱ ଚାମ୍ପିଅନସିପ୍‌ରେ ସିନ୍ଧୁ ଐତିହାସିକ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ।

### ସାନିଆ ମିର୍ଜା (ଟେନିସ)



ସାନିଆ ମିର୍ଜାଙ୍କୁ ଭାରତୀୟ ମହିଳା ଟେନିସର ଚେହେରା ଭାବେ ବିବେଚନା କରାଯାଏ। ଗତବର୍ଷ ଟେନିସରୁ ଅବସର ନେଇଥିବା ସାନିଆ ଦୁଇ ଦଶନ୍ଧିର ଜ୍ୱାଜଲ୍ୟମୟ କ୍ୟାରିୟରରେ ୪୩ ଡବ୍ଲ୍ୟୁଟିଏ ଯୁଗଳ ଟାଇଟଲ୍ ଓ ଗୋଟିଏ ଏକକ ଟ୍ରଫି ଜିତିଛନ୍ତି। ୩୭ ବର୍ଷୀୟା ସାନିଆ ତାଙ୍କ କ୍ୟାରିୟରରେ ମଧ୍ୟ ୬ଟି ଗ୍ରାଣ୍ଡସ୍ଲାମ ଟ୍ରଫି ବିଜୟୀ ହୋଇଛନ୍ତି। ଭାରତର ପ୍ରଥମ ମହିଳା ଭାବେ ସେ ଡବ୍ଲ୍ୟୁଟିଏ ଓ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ଡବ୍ଲ୍ୟୁଟିଏ ମାନ୍ୟତାରେ ସେ ମଧ୍ୟ ଏକ ନମ୍ବର ସ୍ଥାନ ହାସଲ କରିଥିଲେ।

### ଦୀପା ମଲିକ (ପାରା କ୍ରୀଡ଼ାବିତ୍)



ଦୀପା ମଲିକ। ଦେଶର ପ୍ରଥମ ମହିଳା କ୍ରୀଡ଼ାବିତ୍ ଭାବେ ଦୀପା ପାରାଅଲିମ୍ପିକ୍ସରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ୨୦୧୬ ପାରାଅଲିମ୍ପିକ୍ସରେ ସେ ସଟ୍‌ପୁଟ୍‌ରେ ରୌପ୍ୟ ପଦକ ଜିତି ଏହି ସଫଳତା ପାଇଥିଲେ। ସେହିଭଳି ଦେଶର ଏକମାତ୍ର ମହିଳା ଭାବେ କ୍ରମାଗତ ୩ଟି ଏସୀୟ କ୍ରୀଡ଼ା (୨୦୧୦, ୨୦୧୪ ଓ ୨୦୧୮)ରେ ପଦକ ଜିତିବାର ରେକର୍ଡ ତାଙ୍କ ନାମରେ ରହିଛି। ଜାଭେଲିନ୍ ଥ୍ରୋ ଓ ଡିସ୍‌କସ୍‌ରେ ସେ ଏହି ପଦକ ଜିତିଥିଲେ। ଦୀପା ୨୦୨୦ରେ ଭାରତୀୟ ପାରା ଅଲିମ୍ପିକ୍ସ କମିଟିର ସଭାପତି ଭାବେ ନିର୍ବାଚିତ ହୋଇଥିଲେ।




ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱରରେ ଫିକି ପକ୍ଷରୁ କ୍ରୀଡ଼ାବିତ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ମହିଳା ପ୍ରତିଭାଙ୍କୁ ମୁଖ୍ୟ ଅତିଥି ତଥା ଉନ୍ନୟନ କମିସନର ଅନୁ ଗର୍ଗ ଗୁରୁବାର ସମ୍ବର୍ଦ୍ଧିତ କରୁଛନ୍ତି।

**● ଅଲ୍‌ଇଣ୍ଡିଆ କନିଷ୍ଠ ସୁପର୍ ସିରିଜ ଟେନିସ**

## ଆହାନ, ସଜଫା ଫାଇନାଲରେ

**ଭୁବନେଶ୍ୱର, ୭ ।୩ (ସମିସ):** ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଆଇଟିଏ ଓଟିଏ ଅଲଓଡ଼ିଶା କନିଷ୍ଠ (୧୨ ଓ ୧୪ ବର୍ଷରୁ କମ୍) ସୁପର୍ ସିରିଜ ଟେନିସ ପ୍ରତିଯୋଗିତାର ଫାଇନାଲ୍ ଲାଇନଅପ୍ ସ୍ପଷ୍ଟ ହୋଇଛି। ୧୨ ବର୍ଷରୁ କମ୍ ବାଳିକା ଏକକ ଫାଇନାଲରେ ଓଡ଼ିଶାର ଏସ୍‌କେ ସଜଫା ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ସଜାଫ୍ ୬-୨, ୬-୦ ସିଧାସଳଖ ସେଟ୍‌ରେ ମହାରାଷ୍ଟ୍ରର ଭିର୍ତ୍ତିକା ଶାହଙ୍କୁ ପରାସ୍ତ କରିଥିଲେ। ଫାଇନାଲରେ ସେ କର୍ଣ୍ଣାଟକର କ୍ରିଷିକା ଗୌତମଙ୍କୁ ଭେଟିବେ। ସେହିଭଳି ୧୪ ବର୍ଷରୁ କମ୍ ବାଳିକା ସେମିଫାଇନାଲରେ ଅନ୍ୟତମ ଓଡ଼ିଆ ଖେଳାଳି ଆହାନ ୬-୦, ୬-୧ ସେଟ୍‌ରେ ଉତ୍ତରାଖଣ୍ଡର ମାହିରା ଭାଟିଆଙ୍କୁ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ସେହିଭଳି ୧୪ ବର୍ଷରୁ କମ୍ ବାଳିକା ଯୁଗଳରେ ଓଡ଼ିଶାର ସଜଫା ଓ ତାଙ୍କ କର୍ଣ୍ଣାଟକ ଯୋଡ଼ିଦାର ରୀତ ଝୱାର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

## କ୍ୱାର୍ଟରରେ ପିଭି ସିନ୍ଧୁ

**ପ୍ୟାରିସ, ୭ ।୩ (ଏଜେନ୍ସି):** ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ୍ ସୁପର୍ ସିରିଜର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ

**ଫ୍ରେଞ୍ଚ ଓପନ୍ ସୁପର୍ ସିରିଜ**

ମହିଳା ଏକକ ପ୍ରି-କ୍ୱାର୍ଟର ମ୍ୟାଚରେ ସିନ୍ଧୁ ୧୩-୨୧, ୨୧-୧୦, ୨୧-୧୪ ଗେମ୍‌ରେ ଆମେରିକାର ବେଇୱିନ ଝାଙ୍ଗଙ୍କୁ ପରାସ୍ତ କରିଛନ୍ତି। ତେବେ ପୁରୁଷ ଏକକ ପ୍ରି-କ୍ୱାର୍ଟରରେ ଦୁଇ ଭାରତୀୟ ଖେଳାଳି କିଦାମ୍ବି ଶ୍ରୀକାନ୍ତ ପରାଜୟର ସମ୍ମୁଖୀନ ହୋଇଛନ୍ତି।

## ମାରିନର୍ସଠୁ ହାରିଲା ଓଏଫ୍‌ସି

**ନ୍ୟୁ ସାଉଥ୍‌ୱେଲ୍ସ, ୭ ।୩ (ଏଜେନ୍ସି):** ଏଏଫ୍‌ସି କପ୍ ଇଣ୍ଟର-ଜୋନାଲ ସେମିଫାଇନାଲର ପ୍ରଥମ ଲେଗ୍‌ରେ ଓଡ଼ିଶା ଫୁଟ୍‌ବଲ୍ କ୍ଲବ (ଓଏଫ୍‌ସି) ପରାଜୟର ସମ୍ମୁଖୀନ ହୋଇଛି। ଗୁରୁବାର ଅଷ୍ଟ୍ରେଲୀୟ କ୍ଲବ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ୪-୦ ଗୋଲରେ ଭୁବନେଶ୍ୱରଭିତ୍ତିକ କ୍ଲବ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ଓଡ଼ିଶା ଏଫ୍‌ସି ଏବେ ଏହି ସେମିଫାଇନାଲ ମ୍ୟାଚର ଦ୍ୱିତୀୟ ଲେଗ୍‌ରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ସହ କଳିଙ୍ଗ ଷ୍ଟାଡିୟମରେ ଖେଳିବ। ଏହି ମ୍ୟାଚ୍ ମାର୍ଚ୍ଚ ୧୪ରେ ଖେଳାଯିବ। ଓଡ଼ିଶା ଏଫ୍‌ସି ଯଦି ଏଥିରେ ବଡ଼ ବ୍ୟବଧାନରେ ବିଜୟୀ ହୁଏ ତେବେ ଫାଇନାଲ ଖେଳିବାର ସୁଯୋଗ ରହିଛି। ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଓ ଓଡ଼ିଶା ଏଫ୍‌ସି ମଧ୍ୟରେ ଏହି ମ୍ୟାଚ୍ ନ୍ୟୁ ସାଉଥ୍ ୱେଲ୍ସରେ ଖେଳାଯାଇଥିଲା। ଅଷ୍ଟ୍ରେଲିଆର ଏ-ଲିଗ୍ ଚାମ୍ପିଅନ ମାରିନର୍ସ ଦଳକୁ ଓଡ଼ିଶା ଏଫ୍‌ସି ଆରମ୍ଭରୁ କଡ଼ା ଟକ୍କର ଦେଇଥିଲା।

## ମହିଳା ପ୍ରିମିଅର୍ ଲିଗ୍: ୟୁପିକୁ ହରାଇଲା ମୁମ୍ବାଇ

**ନୂଆଦିଲ୍ଲୀ, ୭ ।୩ (ଏଜେନ୍ସି)**

ଚଳିତ ମହିଳା ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସ ୪ର୍ଥ ବିଜୟ ହାସଲ କରିଛି। ଗୁରୁବାର ଏଠାରେ ଖେଳାଯାଇଥିବା ପ୍ରତିଯୋଗିତାର ୧୪ତମ ମ୍ୟାଚରେ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ମୁମ୍ବାଇ ୪୨ ରନରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ମୁମ୍ବାଇ ପକ୍ଷରୁ ଧାର୍ଯ୍ୟ ୧୬୧ ରନର ଲକ୍ଷ୍ୟକୁ ପିଛା କରିଥିବା ୱାରିୟର୍ଜ ୯ ୱିକେଟ୍‌ରେ ୧୧୮ ରନ କରିବାକୁ ସକ୍ଷମ ହୋଇଥିଲା। ମଧ୍ୟକ୍ରମରେ ଦୀପ୍ତି ଶର୍ମା ଅପରାଜିତ ୫୩ ରନର ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ବୋଲିଂରେ ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳର ସେକ ଇଶାକ ୩ ଓ ନାଟ୍ ସ୍କିଭର-ବ୍ରଣ୍ଟ ୨ଟି ୱିକେଟ୍ ନେଇଥିଲେ। ଏଥିପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆନ୍ସ ଅଧିନାୟିକା ହର୍‌ମନପ୍ରୀତ୍ (୩୩ ରନ), ନାଟ୍ ସ୍କିଭର-ବ୍ରଣ୍ଟ (୪୫) ଓ ଆମେଲିଆ କେର୍ (୩୯)ଙ୍କ ଉପଯୋଗୀ ପାଳି ସହାୟତାରେ ୬ ୱିକେଟ୍‌ରେ ୧୬୦ ରନ କରିଥିଲା। ବର୍ତ୍ତମାନ ସୁଦ୍ଧା ମୁମ୍ବାଇ ପ୍ରତିଯୋଗିତାରେ ୬ ମ୍ୟାଚ୍ ଖେଳି ୪ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ପାଇ ଟେବଲ୍‌ର ୨ୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ୟୁପି ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୪ର୍ଥ ପରାଜୟ ସହ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ଅପରିବର୍ତ୍ତିତ ରହିଛି।



## କୁଳଦୀପ ଯାଦବଙ୍କୁ ୫, ରବିଚନ୍ଦ୍ରନ ଅଶ୍ୱିନଙ୍କୁ ୪ ୱିକେଟ

# ସ୍ପିନ୍ ଜାଲରେ ଇଂଲଣ୍ଡ ଧରାଶାୟୀ

**ଧର୍ମଶାଳା, ୭।୩(ଏଜେନ୍ସି)**



ଭାରତର ଉଚ୍ଚମାନର ସ୍ପିନ୍ ଜାଲରେ ପୁଣି ଫସିଛି ଇଂଲଣ୍ଡ। ଏଠାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଭାରତ ବିପକ୍ଷ ପଞ୍ଚମ ତଥା ଶେଷ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ସ୍ପିନର ସମସ୍ତ ୧୦ଟିଯାକ ୱିକେଟ ନେବା ଫଳରେ ଇଂଲଣ୍ଡ ପ୍ରଥମ ପାଳିରେ ମାତ୍ର ୨୧୮ ରନ୍ କରି ଅଲ୍‌ଆଉଟ ହୋଇଯାଇଛି। ଦଳ ପକ୍ଷରୁ ଓପନର ଜ୍ୟାକ୍ କ୍ରଲୀ ସର୍ବାଧିକ ୭୯ ରନ୍ କରିଥିଲେ। ଭାରତ ପକ୍ଷରୁ ବାମହାତୀ ରିଷ୍ଟ ସ୍ପିନର କୁଳଦୀପ ଯାଦବ ସର୍ବାଧିକ ୫ଟି ଓ ଜୀବନର ୧୦୦ତମ ଟେଷ୍ଟ ମ୍ୟାଚ୍ ଖେଳୁଥିବା ରବିଚନ୍ଦ୍ରନ ଅଶ୍ୱିନ ୪ଟି ୱିକେଟ ପାଇଥିଲେ। ଜବାବରେ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ଭାରତ ୩୦ ଓଭର ଖେଳି ଯଶସ୍ୱୀ ଜୟସ୍ୱାଲ (୫୭)ଙ୍କ ୱିକେଟ ହରାଇ ୧୩୫ ରନ୍ ଭରଣା କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ରୋହିତ ଶର୍ମା ୫୨ ଓ ଶୁବମାନ ଗିଲ ୨୬ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପ୍ରଥମ ପାଳିରେ ୯ଟି ୱିକେଟ ବାକିଥାଇ ମାତ୍ର ୮୩ ରନ୍‌ରେ ପଛୁଆ ରହିଛି। ରାଞ୍ଚିରେ ଚତୁର୍ଥ ଟେଷ୍ଟ ଖେଳିଥିବା ଉଭୟ ଦଳ ଖେଳାଳି ପରିବର୍ତ୍ତନ କରିଥିଲେ। ଭାରତୀୟ ଦଳ ତାହାର ବିଫଳ ବ୍ୟାଟର ରଜତ ପଟିଦାର ଓ ଗତ ମ୍ୟାଚ୍‌ରେ ପଦାର୍ପଣ କରିଥିବା ପେସର ଆକାଶ ଦୀପ୍‌ଙ୍କୁ ବାଦ୍ ଦେଇ ଯଥାକ୍ରମେ କର୍ଣ୍ଣାଟକର ଦେବଦତ୍ତ ପାଡ଼ିକଲ ଓ ଉପଅଧିନାୟକ ଯଶପ୍ରୀତ ବୁମ୍‌ରାଙ୍କୁ ସାମିଲ କରିଥିଲା। ପାଡିକଲଙ୍କୁ ଏଠାରେ ଭାରତ ଟେଷ୍ଟ ପଦାର୍ପଣ କରିବାର ସୁଯୋଗ ଦେଇଛି। ଇଂଲଣ୍ଡ ଅଲରାଉଣ୍ଡର ଓଲି ରବିନସନଙ୍କୁ ବାଦ୍ ଦେଇ ଫାଷ୍ଟ ବୋଲର ମାର୍କ ଉଡ୍‌ଙ୍କୁ ଦଳରେ ସାମିଲ କରିଛି। ସମ୍ଭବତଃ ଭାରତରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ୪୨ ବର୍ଷିୟ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ ଚଳିତ ସିରିଜ୍‌ରେ କ୍ରମାଗତ ଚତୁର୍ଥ ତଥା ଇଂଲଣ୍ଡ ପକ୍ଷରୁ ସର୍ବାଧିକ ୧୮୭ତମ ଟେଷ୍ଟ ଖେଳିବାରେ ସୁଯୋଗ ପାଇଛନ୍ତି। ଏହି ମୁକାବିଲା ପୂର୍ବରୁ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଭାରତ ୩-୧ରେ ଆଗୁଆ ଜିତିନେଇଛି।

### ସିରିଜ୍‌ରେ ସର୍ବାଧିକ ଭାଗୀଦାରି

ଇଂଲଣ୍ଡକୁ ୨୧୮ ରନ୍‌ରେ ଅଟକାଇବା ପରେ ଭାରତ ପ୍ରଥମ ପାଳି ଆରମ୍ଭ କରି ସତର୍କତାର ସହ ଖେଳିଥିଲା। ଇଂଲଣ୍ଡ ପକ୍ଷରୁ ସ୍ପିନରଙ୍କୁ ଆକ୍ରମଣରେ ନିୟୋଜନ କରାଯିବା ପରେ ରନ୍ ସଂଗ୍ରହ ହାର ବୃଦ୍ଧି ପାଇଥିଲା। ଚଳିତ ସିରିଜ୍‌ରେ ଇଂଲଣ୍ଡ ପକ୍ଷରୁ ପଦାର୍ପଣ କରିବା ସହ ପ୍ରଭାବୀ ବୋଲିଂ କରିଥିବା ସୋଏବ ବସିରଙ୍କ ପ୍ରଥମ ତଥା ଭାରତୀୟ ପାଳିର ନବମ ଓଭରରେ ୩ଟି ଛକା ମାରି ଜୟସ୍ୱାଲ ଦ୍ରୁତ ରନ୍ ହାର ସଂଗ୍ରହର ସୂତ୍ରପାତ କରିଥିଲେ। ପୂର୍ବରୁ ରୋହିତ ଶର୍ମା ଦ୍ୱିତୀୟ ଓଭରରେ ମାର୍କ ଉଡ୍‌ଙ୍କୁ ଚୌକା ମାରି ତାଙ୍କ ମନୋଭାବ ସ୍ପଷ୍ଟ କରିଦେଇଥିଲେ। ଭାରତୀୟ ପାଳିର ୨୧ତମ ଓଭର ବୋଲିଂ କରିଥିବା ବସିରଙ୍କୁ କ୍ରମାଗତ ବାଉଣ୍ଡରୀ ମାରି ଜୟସ୍ୱାଲ ଅର୍ଦ୍ଧଶତକ ପୂରଣ କରିଥିଲେ। କିନ୍ତୁ ଏହାର ପରବଲ୍‌ରେ ସେ ଷ୍ଟମ୍ପ୍ ଆଉଟ ହୋଇଯାଇଥିଲେ। ସେ ମାତ୍ର ୫୮ ବଲ୍ ଖେଳି ୫ ଚୌକା ଓ ୩ ଛକା ସହ ୫୭ ରନ୍ କରିଥିଲେ। ଏହି ସ୍କୋର ବଳରେ ୨୨ ବର୍ଷୀୟ ଭାରତୀୟ ବାମହାତୀ ଯୁବ ଓପନର ଏକାଧିକ ରେକର୍ଡ କରିବାରେ ସମର୍ଥ ହୋଇଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟରୁ ୧୦୪ ରନ୍ ଉଠାଇଥିଲେ। ଚଳିତ ସିରିଜ୍‌ରେ ଏହା ଭାରତ ପକ୍ଷରୁ ପ୍ରଥମ ୱିକେଟରେ ସର୍ବାଧିକ ଭାଗୀଦାରି। ତାଙ୍କ ଆଉଟ ପରେ ରୋହିତ ଓ ନଂ-୩ରେ ବ୍ୟାଟିଂ କରୁଥିବା ଶୁବମାନ ଗିଲ୍ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଭାରତର ସ୍କୋରକୁ ୧୩୫ ରନ୍‌ରେ ପହଞ୍ଚାଇଥିଲେ। ୮୩ଟି ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୨ଛକା ସହ ରୋହିତ ୫୨ ଏବଂ ୩୯ ବଲ୍‌ର ସମ୍ମୁଖୀନ ହୋଇ ୨ଟି ଲେଖାଏଁ ଚୌକା ଓ ଛକା ସହ ୨୬ ରନ୍‌ରେ ଅପରାଜିତ ରହିଛନ୍ତି।

**● ପ୍ରଥମ ପାଳିରେ ଇଂଲଣ୍ଡ-୨୧୮ ରେ ସୀମିତ**
**● ପ୍ରଥମ ଦିନ ଖେଳରେ ଭାରତ ୧୩୫/୧**

### ଭାରତୀୟ ସ୍ପିନରଙ୍କୁ ସମସ୍ତ ୧୦ ୱିକେଟ

ଏଠାରେ ଇଂଲଣ୍ଡ ଅଧିନାୟକ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଉଭୟ ଓପନର ଜ୍ୟାକ୍ କ୍ରଲୀ ଓ ବେନ୍ ଡକେଟ ଏକାଧିକ ଥର ପ୍ରତିପକ୍ଷ ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ୍ ସିରାଜଙ୍କ ବୋଲିଂରେ ବିଟ୍ ହୋଇଥିଲେ। କିନ୍ତୁ ସୌଭାଗ୍ୟବଶଃତ କେହି ଆଉଟ ହୋଇ ନ ଥିଲେ। ସ୍ପିନର ବୋଲିଂ କରିବାକୁ ଆସିବା ପରେ ମଧ ଇଂଲଣ୍ଡର ବ୍ୟାଟର ସାହସିକ ପ୍ରଦର୍ଶନ କରିଥିଲେ। ମଧ୍ୟାହ୍ନ ଭୋଜନ ସୁଦ୍ଧା ଦଳ ୨ ୱିକେଟରେ ୧୦୦ ଏବଂ ଏହା ପରେ ୩ ୱିକେଟରେ ୧୭୫ ରନ୍ କରି ଭଲ ସ୍ଥିତିରେ ରହିଥିଲା। କିନ୍ତୁ ଏହି ସ୍କୋରରେ ଦଳ ୩ଜଣ ବ୍ୟାଟରଙ୍କୁ ହରାଇବା ପରେ ସ୍କୋର ୬ ୱିକେଟରେ ୧୭୫ ରନ୍‌ରେ ପହଞ୍ଚିଥିଲା। ବେନ୍ ଷ୍ଟୋକ୍ସଙ୍କୁ ଆଉଟ କରି ଯାଦୁକରୀ ପ୍ରଦର୍ଶନ କରୁଥିବା ବାମହାତୀ ସ୍ପିନର କୁଳଦୀପ ତାଙ୍କ ଟେଷ୍ଟ କ୍ୟାରିୟରରେ ଚତୁର୍ଥଥର ଗୋଟିଏ ପାଳିରେ ୫ ୱିକେଟ ନେଇଥିଲେ। ତାଙ୍କ ବଦଳରେ ବୋଲିଂ କରିବାକୁ ଆସିଥିବା ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଓଭରରେ ୨ଟି ୱିକେଟ ନେବା ସହ ଶେଷ ୪ଟି ୱିକେଟ ନେଇ ଇଂଲଣ୍ଡର ବ୍ୟାଟିଂକୁ ଖିନ୍‌ଭିନ କରିଦେଇଥିଲେ। ଯାହା ଫଳରେ ଇଂଲଣ୍ଡ ତାହାର ଶେଷ ୭ଟି ୱିକେଟ ମାତ୍ର ୪୩ ରନ୍‌ରେ ହରାଇଥିଲା ଓ ଚା' ପାନ ବିରତିର କିଛି ସମୟ ପରେ ୫୭.୪ ଓଭରରେ ଇଂଲଣ୍ଡ ୨୧୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ କୁଳଦୀପ ଯାଦବ ୫ଟି ଓ ଜୀବନର ୧୦୦ତମ ଟେଷ୍ଟରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ୪ଟି ୱିକେଟ ମିଳିଥିଲା। ଜୋ ରୁଟ୍‌ଙ୍କୁ ଆଉଟ କରି ରବୀନ୍ଦ୍ର ଜାଡେଜା ଗୁରୁତ୍ୱପୂର୍ଣ୍ଣ ୱିକେଟ ନେବା ଫଳରେ ଇଂଲଣ୍ଡ ପ୍ରଥମ ପାଳିର ସମସ୍ତ ୧୦ଟି ଯାକ ୱିକେଟ ଭାରତୀୟ ସ୍ପିନରଙ୍କୁ ମିଳିଥିଲା। ଇଂଲଣ୍ଡ ପକ୍ଷରୁ ଜ୍ୟାକ୍ କ୍ରଲୀ ସର୍ବାଧିକ ୭୯, ବେନ୍ ଡକେଟ ୨୭, ଜୋ ରୁଟ ୨୬, ଜୀବନର ୧୦୦ତମ ଟେଷ୍ଟ ଖେଳିଥିବା ଜନ୍ନି ବେୟାରଷ୍ଟୋ ୨୯ ଓ ୱିକେଟରକ୍ଷକ ବେନ୍ ଫୋକ୍ସ ୨୪ ରନ୍ କରି ଭଲ ଆରମ୍ଭ ପାଇଥିଲେ ମଧ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନଥିଲେ।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ପାଳି :** ୨୧୮/୧୦, ୫୭.୪ ଓଭର (ଜ୍ୟାକ୍ କ୍ରଲୀ-୭୯, ଜନ୍ନି ବେୟାରଷ୍ଟୋ-୨୯, କୁଳଦୀପ ଯାଦବ-୫/୭୨, ଅଶ୍ୱିନ-୪/୫୧)।

**ଭାରତ ପ୍ରଥମ ପାଳି :** ୧୩୫/୧, ୩୦ ଓଭର (ରୋହିତ ଶର୍ମା-୫୨*, ଶୁବମାନ ଗିଲ-୨୬, ଯଶସ୍ୱୀ ଜୟସ୍ୱାଲ- ୫୭, ସୋଏବ ବସିର-୧/୬୪)।

# ବୁମ୍‌ରା, ଅକ୍ଷରଙ୍କୁ ପଛରେ ପକାଇଲେ କୁଳଦୀପ

**ଧର୍ମଶାଳା, ୭।୩(ଏଜେନ୍ସି):** ଭାରତର ବାମହାତୀ ରିଷ୍ଟ ସ୍ପିନର କୁଳଦୀପ ଯାଦବଙ୍କ ଯାଦୁକରୀ ବୋଲିଂରେ ଏଠାରେ ଚାଲିଥିବା ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡର ବ୍ୟାଟିଂ ଧରାଶାୟୀ ହୋଇଛି। ଏହି ମ୍ୟାଚ୍‌ରେ ସେ ୭୨ ରନ୍ ଦେଇ ୫ଟି ୱିକେଟ ନେବା ସହ ଟେଷ୍ଟ କ୍ରିକେଟରେ ୫୦ତମ ୱିକେଟ ସଫଳତା ପାଇଛନ୍ତି। ଏହା ଫଳରେ ସବୁଠାରୁ କମ୍ ବଲ୍ ପକାଇ ୫୦ ୱିକେଟ ପାଇବାରେ ଭାରତର ଦୁଇ ପ୍ରମୁଖ ବୋଲର ଯଶପ୍ରୀତ ବୁମ୍‌ରା ଓ ଅକ୍ଷର ପଟେଲଙ୍କ ରେକର୍ଡ ଭାଙ୍ଗିଦେଇଛନ୍ତି। କୁଳଦୀପ ୧୮୭୧ଟି ବଲ୍‌ରେ ଏହି ସଫଳତା ପାଇଛନ୍ତି। ପୂର୍ବରୁ ଏଥିଲାଗି ଅକ୍ଷର ୨୨୦୫ ଓ ବୁମ୍‌ରା ୨୫୨୦ଟି ବଲ୍‌ର ସହାୟତା ନେଇଥିଲେ। ସେ ମଧ ବିଶ୍ୱର ତୃତୀୟ ବାମହାତୀ ରିଷ୍ଟ ସ୍ପିନର ଭାବେ ଟେଷ୍ଟ କ୍ରିକେଟରେ ୫୦ କିମ୍ବା ତା'ଠାରୁ ଅଧିକ ୱିକେଟ ପାଇଛନ୍ତି। ଦକ୍ଷିଣ ଆଫ୍ରିକାର ପଲ ଆଡାମ୍ସ ସର୍ବାଧିକ ୧୩୪ଟି ଓ ଇଂଲଣ୍ଡର ଜନ୍ନି ୱାର୍ଡଲ ୧୦୨ଟି ୱିକେଟ ପାଇଥିଲେ।

### ■ ୧୦୦ ତମ ଟେଷ୍ଟ ଖେଳିଲେ ଅଶ୍ୱିନ ଓ ବେୟାରଷ୍ଟୋ



ଧର୍ମଶାଳାରେ ଭାରତର ଅଫ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ଇଂଲଣ୍ଡ ବ୍ୟାଟର ଜନ୍ନି ବେୟାରଷ୍ଟୋ ଏଠାରେ ଟେଷ୍ଟ ଜୀବନର ୧୦୦ତମ ମ୍ୟାଚ୍ ଖେଳିଛନ୍ତି। ବେୟାରଷ୍ଟୋ ଏହି ମ୍ୟାଚ୍ ଖେଳିବାରେ ଇଂଲଣ୍ଡର ୧୭ତମ ଖେଳାଳି ହୋଇଥିଲାବେଳେ ଅଶ୍ୱିନ ଭାରତର ୧୪ତମ ଖେଳାଳି। ଭାରତୀୟ ସ୍ପିନରଙ୍କ ବିପକ୍ଷରେ ସଂଘର୍ଷ କରୁଥିବା ବେୟାରଷ୍ଟୋ ୧୯ଟି ବଲ୍‌ରେ ୨୯ ରନ୍ କରି ବିଫଳ ହୋଇଛନ୍ତି। ଅନ୍ୟ ପକ୍ଷରେ ଅଶ୍ୱିନ ୪ଟି ୱିକେଟ ନେଇ ସଫଳ ହୋଇଛନ୍ତି। ୩୭ ବର୍ଷୀୟ ଅଫ୍ ସ୍ପିନର ଟେଷ୍ଟ କ୍ରିକେଟରେ ୫୧୧ଟି ୱିକେଟ ଅକ୍ତିଆର କରିଛନ୍ତି। ସେ ୨୦୧୧ରେ ଟେଷ୍ଟ ପଦାର୍ପଣ କରିଥିଲେ। ୧୨ ବର୍ଷ ୪ ମାସରେ ସେ ୧୦୦ତମ ଟେଷ୍ଟ ଖେଳିବାକୁ ସମର୍ଥ ହୋଇଛନ୍ତି।

### ■ କୋହଲିଙ୍କୁ ଟପିଲେ ଜୟସ୍ୱାଲ

ଏହି ଟେଷ୍ଟରେ ୫୭ ରନ୍ କରିବା ଫଳରେ ଭାରତର ବାମହାତୀ ଓପନର ଯଶସ୍ୱୀ ଜୟସ୍ୱାଲ ଚଳିତ ସିରିଜ୍‌ରେ ୭୧୨ ରନ୍ ସଂଗ୍ରହ କରିଛନ୍ତି। ଏହା ଫଳରେ ସେ ଗୋଟିଏ ସିରିଜ୍‌ରେ ଇଂଲଣ୍ଡ ବିପକ୍ଷରେ ବିରାଟ କୋହଲି କରିଥିବା ୬୫୫ ରନ୍‌ର ରେକର୍ଡକୁ ଅତିକ୍ରମ କରିଛନ୍ତି। କିନ୍ତୁ ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ୍ କରିବାର ରେକର୍ଡ ସୁନୀଲ ଗାଭାସ୍କରଙ୍କ ନାମରେ ରହିଛି। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦୁଇଥର ଯଥାକ୍ରମେ ୭୭୪ ଓ ୭୩୨ ରନ୍ କରିଥିଲେ। ଏହି ଟେଷ୍ଟରେ ଅର୍ଥାତ ସେ ୧,୦୦୦ ରନ୍ ପୂରଣ କରିଛନ୍ତି। ୨୨ ବର୍ଷ ୭୦ ଦିନରେ ସେ ଭାରତର ଚତୁର୍ଥ ଯୁବ ଖେଳାଳିଭାବେ ସବୁଠାରୁ କମ୍ ୯ଟି ଟେଷ୍ଟରେ ଏହି ସଫଳତା ପାଇଛନ୍ତି। ଜୟସ୍ୱାଲ ୧୬ଟି ପାଳିରେ ଓ ବିନୋଦ କାମ୍ବଲି ସବୁଠାରୁ କମ୍ ୧୪ଟି ପାଳିରେ ଏହି ସଫଳତା ପାଇଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA